# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ମାର୍ଚ୍ଚ ୨୮/୨୦୨୦ (୧୨ ପୃଷ୍ଠା) | Dhenkanal, Saturday, March 28/2020

୧୬ଶ ଭାଗ ୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada

ମୂଲ୍ୟ ₹୫/-



ଅନ୍‌ଲାଇନ୍‌ରେ ପଢନ୍ତୁ ଧରିତ୍ରୀ
www.dharitriepaper.in
www.dharitri.com




## ସାଉଥ୍ ସୁପରଷ୍ଟାରଙ୍କ ବଦାନ୍ୟତା

କରୋନା ଭାଇରସ୍ ବ୍ୟାପୁଥିବା ବେଳେ ସାଉଥ୍ ସୁପରଷ୍ଟାର ଅଲୁ ଅର୍ଜୁନ ଲୋକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଏଥିପାଇଁ ସେ ୧କୋଟି ୨୫ଲକ୍ଷ ଟଙ୍କା ଦାନ କରିଥିବା ଜଣାପଡ଼ିଛି। ୧୦

୧୨ ତେନ୍ଦୁଲକର ଦାନ କଲେ ୫୦ ଲକ୍ଷ ଟଙ୍କା



# ଇଏମ୍‌ଆଇରେ ୩ ମାସର ଆଶ୍ୱସ୍ତି

**ମୁମ୍ବାଇ,୨୭।୩**

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ସରକାର ୨୧ଦିନିଆ ଲକ୍‌ଡାଉନ ଘୋଷଣା କରିଥିବାରୁ ଏହାଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ ହୋଇଛି। ଏହାକୁ କମ୍ କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଶୁକ୍ରବାର ରେପୋ ରେଟ୍(ଯେଉଁ ହାରରେ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ) ବା ସୁଧହାରକୁ ୭୫ ବେସିସ୍ ପଏଣ୍ଟ ହ୍ରାସ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ଲୋକଙ୍କୁ ପ୍ରଦାନ କରିଥିବା ରେପୋ ସଂଯୋଗୀ ଋଣ ଉପରେ ଇକ୍ୱେଟେଡ୍ ମନ୍ଥଲି ଇନ୍‌ଷ୍ଟଲମେଣ୍ଟ (ଇଏମ୍‌ଆଇ) କମିବ। ଏଥିସହ କେନ୍ଦ୍ରୀୟ ବ୍ୟାଙ୍କ ସମସ୍ତ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)କୁ ଟର୍ମ ଋଣ କ୍ଷେତ୍ରରେ ୩ମାସ ଲାଗି ଋଣ କିସ୍ତି ଆଦାୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି। ଆର୍‌ବିଆଇର ଏହି ପଦକ୍ଷେପ ମଧ୍ୟବିତ୍ତ ଶ୍ରେଣୀ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ଲାଗି ସହାୟକ ହେବ ବୋଲି କୁହାଯାଇଛି। ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବର୍ତ୍ତମାନର ପ୍ରଭାବିତ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ୧.୭୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଏହା ପରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ବର୍ତ୍ତମାନ ରେପୋ ରେଟ୍ ୫.୧୫% ରହିଥିବା ବେଳେ ଏଥିରେ ୭୫ ବେସିସ୍ ପଏଣ୍ଟ ହ୍ରାସ ହେବା ଯୋଗୁ ଏହା ୪.୪%କୁ ଖସିଛି। ଏହାବାଦ ରିଭର୍ସ ରେପୋ( କେନ୍ଦ୍ରୀୟ ବ୍ୟାଙ୍କ ଯେଉଁ ହାରରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକଠାରୁ ଋଣ ନେଇଥାଏ) ୯୦ ବେସିସ୍ ପଏଣ୍ଟ ହ୍ରାସ ହେବା ଫଳରେ ଏହା ୪%କୁ ଖସିଛି।

କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକ ଏପ୍ରିଲ ୩ରେ ଅନୁଷ୍ଠିତ ହେବାର ଥିଲା। ସେହି ବୈଠକରେ ସୁଧହାର ହ୍ରାସ ହେବା ନେଇ ନିଷ୍ପତ୍ତି ନିଆଯାଇଥାନ୍ତା। ହେଲେ ଏହାର ଅବ୍ୟବହିତ ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ବଳିଷ୍ଠ ପଦକ୍ଷେପ ନେଇଥିବାରୁ ଏହାକୁ ଦେଶର ଶିଳ୍ପଜଗତ ପକ୍ଷରୁ ସ୍ୱାଗତ କରାଯାଇଛି। ଆର୍‌ବିଆଇ ବୈଠକରେ ରେପୋ ରେଟ୍ ହ୍ରାସ ସପକ୍ଷରେ ୪:୨ ସଂଖ୍ୟା ଗରିଷ୍ଠତାରେ ଭୋଟ ମିଳିଥିଲା। ସେହିଭଳି ବ୍ୟାଙ୍କଗୁଡ଼ିକର କ୍ୟାଶ୍ ରିଜର୍ଭ ରେସିଓ(ସିଆର୍‌ଆର୍) ୧୦୦ ବେସିସ୍ ପଏଣ୍ଟ ହ୍ରାସ କରାଯିବା ଫଳରେ ଏହା ୩%କୁ ଖସିଛି। ଆର୍‌ବିଆଇର ମୁଦ୍ରାନୀତି କମିଟି ଅର୍ଥ ବ୍ୟବସ୍ଥା ଲାଗି ନଗଦ ପରିମାଣ ବଢ଼ାଇବା ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। ଏହାବାଦ କରୋନାଜନିତ ପ୍ରଭାବିତ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ବିଭିନ୍ନ ପଦକ୍ଷେପ ଧାରା ଜାରି ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ସୁଧହାର ହ୍ରାସ ପଦକ୍ଷେପ ପରେ ରେପୋ ୨୦୦୪ ଅକ୍ଟୋବର ପରଠାରୁ ସବୁଠାରୁ ନିମ୍ନ ସ୍ତରର ଖସିଛି। ୨୦୧୯ରେ କେନ୍ଦ୍ରୀୟ ବ୍ୟାଙ୍କ ୧୩୫ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। ଏହାପରେ ଗତ ଡିସେମ୍ବର ପର ଠାରୁ ଉଚ୍ଚ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ମାନ୍ଦାବସ୍ଥା କାରଣରୁ ସୁଧହାର ହ୍ରାସ ଉପରେ ବିରତି ଲାଗିଥିଲା।

ଏହି ଅବସରରେ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଜାନୁଆରୀ ମାର୍ଚ୍ଚ ତ୍ରୈମାସ ଲାଗି ବିକାଶ ☞ପୃଷ୍ଠା–୪

### ରେପୋ ରେଟ୍ କମାଇଲା ଆର୍‌ବିଆଇ



- ବ୍ୟାଙ୍କ ଋଣ ଇଏମ୍‌ଆଇରେ ସୁଧ କମିବ
- କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପକୁ ମୋଦିଙ୍କ ପ୍ରଶଂସା
- ରେପୋ ହ୍ରାସ ସୁବିଧା ଲୋକଙ୍କୁ ଶୀଘ୍ର ଦିଅନ୍ତୁ ବ୍ୟାଙ୍କ: ନିର୍ମଳା ସୀତାରାମନ
- ଦେଶର ମୌଳିକ ଢାଞ୍ଚା ଦୃଢ଼: ଶକ୍ତିକାନ୍ତ

# ଗରିବଙ୍କ ଲାଗି ୨୨ଶହ କୋଟିର ସ୍ୱତନ୍ତ୍ର ପ୍ୟାକେଜ

### କରୋନା ସଙ୍କଟ

- ଖାଦ୍ୟ ସୁରକ୍ଷା ଯୋଜନାରେ ୯୪ ଲକ୍ଷ ହିତାଧିକାରୀଙ୍କୁ ୩ମାସର ଆଗୁଆ ରାଶନ, ହଜାରେ ଟଙ୍କା
- ୨୨ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା
- ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ୪ ମାସର ଆଗୁଆ ଭତ୍ତା

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

କରୋନା ଭାଇରସ୍ ସଂକ୍ରମଣକୁ ନେଇ ସମଗ୍ର ବିଶ୍ୱ ଚିନ୍ତାରେ ପଡ଼ିଯାଇଛି। ଏହି ଭାଇରସ୍‌କୁ ରୋକିବା ପାଇଁ ସମଗ୍ର ଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଫଳରେ ଶ୍ରମିକ, କୃଷକଙ୍କଠାରୁ ଆରମ୍ଭକରି ଛୋଟ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ହଇରାଣରେ ପଡ଼ିଯାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦୈନିକ ମଜୁରି ଉପରେ ନିର୍ଭର କରୁଥିବା ଗରିବ ଲୋକମାନଙ୍କ ଲାଗି ରାଜ୍ୟ ସରକାର ଶୁକ୍ରବାର ୨୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ, କରୋନା ଭାଇରସ୍ ବର୍ତ୍ତମାନ ସାରା ବିଶ୍ୱ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ସଙ୍କଟ ସୃଷ୍ଟିହେବା ☞ପୃଷ୍ଠା–୪



ନବୀନ ପଟ୍ଟନାୟକ

## ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କୁ କରୋନା



ବୋରିସ୍ ଜନ୍‌ସନ

**ଲଣ୍ଡନ,୨୭।୩(ଆଇଏଏନ୍‌ଏସ୍):** ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ କରେନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ତାଙ୍କର କରୋନା ପଜିଟିଭ୍ ଥିବା ନେଇ ଶୁକ୍ରବାର ବୋରିସ୍ ନିଜେ ପ୍ରଘଟ କରିଛନ୍ତି। ତେବେ ସେ ସେଲ୍ଫ-ଆଇସୋଲେଶନ ବା ଆତ୍ମ ସଙ୍ଗରୋଧରେ ରହି ନିଜ କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ରାଜକୁମାର ପ୍ରିନ୍ସ ଚାର୍ଲ୍ସଙ୍କ ପରେ ବୋରିସ୍ ହେଉଛନ୍ତି ବ୍ରିଟେନର ଦ୍ୱିତୀୟ ହାଇପ୍ରୋଫାଇଲ୍ ନେତା, ଯାହାଙ୍କୁ କରୋନା ସଂକ୍ରମିତ କରିଛି। ବୋରିସ୍ ସରକାରର କେତେଜଣ ☞ପୃଷ୍ଠା–୪

## ବିଧାନସଭା ଡିସ୍‌ପେନ୍‌ସାରି ମେଡିକାଲ ଅଫିସର ନିଲମ୍ବିତ

**ଭୁବନେଶ୍ୱର,୨୭।୩(ବ୍ୟୁରୋ):** ରାଜ୍ୟରେ ତୃତୀୟ କରୋନା ଭୂତାଣୁ (କୋଭିଡ-୧୯) ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ବିଧାନସଭା ଜୋନାଲ ଡିସପେନ୍‌ସାରି ମେଡିକାଲ ଅଫିସର ଲଳିତ ବେହେରାଙ୍କୁ ଶୁକ୍ରବାର ଚାକିରିରୁ ନିଲମ୍ବିତ କରିଛନ୍ତି। ତେବେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ହେଡ୍ କ୍ୱାର୍ଟର ଛାଡି ବାହାରକୁ ଯାଇ ପାରିବେ ନାହିଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ମାର୍ଚ୍ଚ ୧୬ରେ କରୋନା ଆକ୍ରାନ୍ତ ରୋଗୀ ବିଧାନସଭା ଡିସପେନସାରୀକୁ ଯାଇଥିଲେ। ଏ ନେଇ ବେହେରା କୌଣସି ସତର୍କତାମୂଳକ ପଦକ୍ଷେପ ନେଇ ନ ଥିଲେ। ଫଳରେ ରୋଗୀ ଜଣକ ବିଭିନ୍ନ ଡାକ୍ତରଖାନାକୁ ଯାଇଥିଲେ। ତାଙ୍କଠାରେ କରୋନା ପଜିଟିଭି ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢିଯାଇଛି।

# କ୍ୱାରାଣ୍ଟାଇନ୍‌ରେ ରହିବେ ବିଧାନସଭା କର୍ମଚାରୀ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ରାଜ୍ୟରେ ଗୁରୁବାର ତୃତୀୟ କରୋନା ପଜିଟିଭ ରୋଗୀ ଚିହ୍ନଟ ହୋଇଛନ୍ତି। ଏହା ଜଣାପଡ଼ିବା ପରେ ରାଜ୍ୟବାସୀଙ୍କ ମନରେ କୋକୁଆ ଭୟ ଖେଳିଯାଇଛି। ଉକ୍ତ ରୋଗୀଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ସେମାନଙ୍କୁ ଖୋଜାଚାଲିଛି। ରୋଗୀ ଜଣକ ଭୁବନେଶ୍ୱରର ହୋଇଥିବାବେଳେ ସେ ବିଧାନସଭାର କେତେଜଣ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। କରୋନା ସଂକ୍ରମଣ ଆଶଙ୍କା କରି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭାର ସମସ୍ତ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନରେ ରହିବା ପାଇଁ କହିବା ସହିତ କୋଠାକୁ ସମ୍ପୂର୍ଣ୍ଣ ବିଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଆସନ୍ତା ୩୦ ତାରିଖରେ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଏହା ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ କରାଯିବ ବୋଲି ବାଚସ୍ପତି ଶୁକ୍ରବାର କହିଛନ୍ତି। କରୋନା ପାଇଁ ସାମାଜିକ ଦୂରତ୍ୱ ବଜାୟ ରଖିବା ଏକାନ୍ତ ଅପରିହାର୍ଯ୍ୟ ହୋଇଥିବାରୁ ପ୍ରତ୍ୟେକ ବିଧାୟକ ଦୁଇ ମିଟର ବ୍ୟବଧାନରେ ବସିବେ। ଏଥିପାଇଁ ସବୁ ବିଧାୟକ ନ ଆସି ପ୍ରତ୍ୟେକ ଦଳର ୩୦ ପ୍ରତିଶତ ବିଧାୟକ ☞ପୃଷ୍ଠା–୪

### ବାଚସ୍ପତିଙ୍କ ନିର୍ଦ୍ଦେଶ

- ଲୋକସେବା ଭବନରେ ହେବ ବିଧାନସଭା
- ବିଧାୟକଙ୍କୁ ନ ଅଟକାଇବା ଲାଗି ଜିଲାପାଳ, ଏସ୍‌ପିଙ୍କୁ ନିର୍ଦ୍ଦେଶ
- ମାର୍ଚ୍ଚ ୩୦ରେ ଗୃହୀତ ହେବ ବ୍ୟୟ ମଞ୍ଜୁରୀ ବିଲ୍



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଛି। ଶୁକ୍ରବାର ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗି ହେବା ପରେ ଜଣେ ସେବକ ମହାପ୍ରସାଦ ଆଣି ଆସୁଛନ୍ତି।


## ପିଲାଙ୍କ ଧରିତ୍ରୀ
ଅନ୍‌ଲାଇନରେ ପଢ଼ନ୍ତୁ
www.dharitriepaper.in
www.dharitri.com




### ଆଜିର ସମ୍ପାଦକୀୟ

ବାବୁଙ୍କ ଚାହିଦା

### ଆଜିର ମନ୍ତବ୍ୟ

"ଦିଲ୍ଲୀରେ କରୋନା ଭାଇରସ୍ ସଂକ୍ରମଣ ବୃଦ୍ଧି ପାଇଲେ ସ୍ଥିତିର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁ।

–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

# ବିଷାକ୍ତ ମଦ ପିଇ ୩୦୦ ମୃତ

**ତେହେରାନ,୨୭।୩**

ଘାତକ କୋଭିଡ୍-୧୯ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରି ମୁଣ୍ଡ ପରେ ମୁଣ୍ଡ ନେଇଚାଲିଛି। ଇରାନରେ କରୋନା ଭାଇରସ୍ ସଂକ୍ରମିତଙ୍କ ସଂଖ୍ୟା ୩୨,୩୩୨ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୨,୩୭୮ ଛୁଇଁଛି। ଏଭଳି ସମୟରେ ସେଠାରେ ସୋସିଆଲ ମିଡିଆରେ ସୃଷ୍ଟି ହୋଇଥିବା ଏକ ଗୁଜବ ଯୋଗୁଁ ଆଉ ୩୦୦ ଜଣଙ୍କ ଜୀବନ ଯାଇଛି। ଇଣ୍ଡଷ୍ଟ୍ରିଆଲ୍ ଆଲ୍‌କହଲ ପାନକଲେ କରେନା ସଂକ୍ରମଣରୁ ମୁକ୍ତି ମିଳୁଛି ବୋଲି ସାମାଜିକ ଗଣମାଧ୍ୟମରେ ଗୁଜବ ସୃଷ୍ଟି ହେବା ପରେ ଶୁକ୍ରବାର ବହୁ ସଂଖ୍ୟକ ଲୋକ ତାକୁ ପିଇଥିଲେ। ଏଥିରେ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

ଇଟାଲୀ, ସ୍ପେନ୍ ଓ ଚାଇନା ପରେ ଇରାନ ହେଉଛି ଚତୁର୍ଥ ଦେଶ, ଯେଉଁଠି କୋଭିଡ୍-୧୯ ସର୍ବାଧିକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଛି। ଏଥିରୁ ମୁକ୍ତି ପାଇବା ପାଇଁ ଲୋକେ ବାଉଳା ହୋଇ ନାନା ଉପାୟ ଆପଣାଉଥିବାବେଳେ ସୋସିଆଲ ମିଡିଆରେ ଏକ ଗୁଜବ ସୃଷ୍ଟି ହୋଇଥିଲା। ବିଷାକ୍ତ ମେଥାନଲ ପିଇଲେ କରୋନା ସଂକ୍ରମଣରୁ ରକ୍ଷା ମିଳୁଛି ବୋଲି ଏଥିରେ କୁହାଯାଇଥିଲା। ଉକ୍ତ ପୋଷ୍ଟିଂକୁ ବହୁସଂଖ୍ୟକ ଲୋକ ଶେୟାର କରିଥିଲେ। ଫଳରେ ତାହା ଭାଇରାଲ ହେବା ପରେ ଲୋକେ ଜୀବନ ବଞ୍ଚାଇବା ପାଇଁ ମେଥାନଲ ଖୋଜିବାରେ ଲାଗିଲେ। ଏହି ଇସ୍‌ଲାମିକ୍ ରାଷ୍ଟ୍ରରେ ମଦ୍ୟପାନ ଉପରେ କଟକଣା ଜାରି ହୋଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକେ ମେଥାନଲ୍ ପିଇଥିଲେ। ଫଳରେ ସେମାନଙ୍କ ଶରୀରରେ ବିଷକ୍ରିୟା ହୋଇଥିଲା। ଏଥିରେ ୩୦୦ ଜଣଙ୍କ ଜୀବନ ଯାଇଛି ଏବଂ ହଜାରେରୁ ଊର୍ଦ୍ଧ୍ୱ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ପରାମର୍ଶଦାତା ଡକ୍ଟର ହୋସେନ ହସନୈନ୍ କହିଛନ୍ତି, ଅନ୍ୟ ଦେଶଗୁଡ଼ିକର କେବଳ ଗୋଟିଏ ସମସ୍ୟା ରହିଛି। ସେମାନେ କେବଳ ମହାମାରୀ କରୋନା ବିରୋଧରେ ଲଢ଼େଇ କରୁଛନ୍ତି। କିନ୍ତୁ ଆମ ଦେଶ ଉପରେ ଦୁଇଟି ସଙ୍କଟ ସୃଷ୍ଟି ହୋଇଛି। ଏବେ ଆମେ ଉଭୟ କରୋନା ଭାଇରସ୍ ଓ ବିଷାକ୍ତ ମଦ ବିରୋଧରେ ଲଢ଼େଇ କରୁଛୁ।



### କରୋନା ଛଡ଼ାଇବା ପାଇଁ କାଳ ହେଲା ଗୁଜବ

### ମୃତ୍ୟୁ ଆଣିଲା ସୋସିଆଲ ମିଡିଆ

ଜଣେ ୫ ବର୍ଷୀୟ ବାଳକକୁ କରୋନା ସଂକ୍ରମଣରୁ ରକ୍ଷା କରିବା ପାଇଁ ତା' ମା'ବାପା ମେଥାନଲ୍ ଦେଇଥିଲେ। ଫଳରେ ଶିଶୁଟି ସମ୍ପୂର୍ଣ୍ଣ ଭାବେ ଅନ୍ଧ ହୋଇଯାଇଛି। ଏବେ ସେ ମୃତ୍ୟୁ ସହ ସଂଘର୍ଷ କରୁଛି। କେବଳ ସେହି ଶିଶୁ ନୁହେଁ, ବିଷାକ୍ତ ମଦ ପିଇ ଇରାନର ବହୁସଂଖ୍ୟକ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି।

# ଦୂରଦର୍ଶନରେ ପୁଣି 'ରାମାୟଣ'




**ନୂଆଦିଲ୍ଲୀ,୨୭।୩(ପି.ଟି.)**

ରାମାନନ୍ଦ ସାଗରଙ୍କ 'ରାମାୟଣ' ଶନିବାରଠାରୁ ଦୂରଦର୍ଶନରେ ପ୍ରସାରିତ ହେବ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ୨୧ ଦିନିଆ ଲକ୍‌ଡାଉନ ବେଳେ ରାମାନନ୍ଦ ସାଗରଙ୍କ ନିର୍ଦ୍ଦେଶିତ ରାମାୟଣ ଏବଂ ବି.ଆର୍. ଚୋପ୍ରାଙ୍କ ନିର୍ଦ୍ଦେଶିତ ମହାଭାରତ ପ୍ରସାରଣ ପାଇଁ ଅଧିକାଂଶ ସୋସିଆଲ ମିଡିଆ ବ୍ୟବହାରକାରୀ ଦାବି କରି ଆସୁଥିଲେ। ଏନେଇ ବିଚାର କରାଯାଉଛି ବୋଲି ଦୁଇଦିନ ତଳେ ପ୍ରସାର ଭାରତୀ ସିଇଓ ଶଶୀ ଶେଖର ସୂଚନା ଦେଇଥିଲେ। ଶନିବାରଠାରୁ ଲକ୍‌ଡାଉନ୍ ଶେଷ ହେବା ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୯ଟାରୁ ୧୦ଟା ଗୋଟିଏ ଅଧ୍ୟାୟ ଓ ରାତି ୯ରୁ ୧୦ ଆଉ ଏକ ଅଧ୍ୟାୟ ଡିଡି ନ୍ୟାଶନାଲରେ ପ୍ରସାରଣ କରାଯିବ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଜାଭଡେକର, ଧାରାବାହିକର ନିର୍ଦ୍ଦେଶକଙ୍କ ପରିବାର ଓ ଦୂରଦର୍ଶନ ଟିମ୍‌କୁ ପ୍ରସାର ଭାରତୀ ସିଇଓ ଧନ୍ୟବାଦ ଜଣାଇଛନ୍ତି।

### ଆଜିଠୁ ପ୍ରସାରଣ ସକାଳ ୯ରୁ ୧୦, ରାତି ୯ରୁ ୧୦


Taste the difference!
Vencobb FRESH CHICKEN

27.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |
| BMP | 62 | 109 | 119 |

*Conditions Apply

Issued in the Interest of Consumers



ସାରା ବିଶ୍ୱରେ ମୁଣ୍ଡ ପରେ ମୁଣ୍ଡ ନେଇ ଚାଲିଥିବା ମହାମାରୀ କରୋନାର କୌଣସି ମେଡିସିନ ବିକଶିତ ହୋଇନାହିଁ। କୋଭିଡ୍-୧୯ର ସମ୍ଭାବ୍ୟ ଔଷଧ ପ୍ରସ୍ତୁତି ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ସଲିଡାରିଟି ଟ୍ରାଏଲ୍‌ରେ ଭାରତ ଖୁବ୍‌ଶୀଘ୍ର ଯୋଗଦେବ। ଏନେଇ ଇଣ୍ଡିଆନ୍ କାଉନ୍ସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)ର ମହାମାରୀ ବିଜ୍ଞାନ ଓ ସଂକ୍ରମଣଶୀଳ ରୋଗ ବିଭାଗ ମୁଖ୍ୟ ରମନ ଆର୍. ଗଙ୍ଗାଖେଡକର୍ ସୂଚନା ଦେଇଛନ୍ତି।




ମହାମାରୀ କରୋନାରୁ ମୁକ୍ତି ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦକ୍ଷିଣ ଆଫ୍ରିକାର କେପ୍ ଟାଉନସ୍ଥିତ ଏକ ଆପାର୍ଟମେଣ୍ଟରେ ବାର୍ତ୍ତା।

## ମାର୍କ ବ୍ଲୁମ୍‌ଙ୍କ ଦେହାନ୍ତ



**ୱାଶିଂଟନ, ୨୭।୩**

କରୋନା ଭାଇରସ୍ ଯୋଗୁ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିବାରେ ଲାଗିଛି। ଡାକ୍ତରଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ କଳାକାରମାନେ ମଧ୍ୟ ଏଥିରୁ ବାଦ୍ ଯାଉନାହାନ୍ତି। ହଲିଉଡ୍ ଅଭିନେତା ତଥା ଆମେରିକାନ୍ ଆକ୍ଟର ମାର୍କ ବ୍ଲୁମ୍(୬୯)ଙ୍କ କରୋନା ସଂକ୍ରମଣରେ ନ୍ୟୁୟର୍କସ୍ଥିତ ପ୍ରେସ୍‌ବିଟେରିଆନ୍ ହସ୍ପିଟାଲରେ ଦେହାନ୍ତ ହୋଇଥିବା ଜଣାପଡ଼ିଛି। ଏନେଇ ତାଙ୍କ ବିଧବା ସ୍ତ୍ରୀ ଜାନେଟ୍ ଜରିଶ୍ ସୂଚନା ଦେଇଛନ୍ତି। ଜଣେ ସଫଳ ଥିଏଟର ଆର୍ଟିଷ୍ଟ ଓ ଫିଲ୍ମ ଆକ୍ଟର ଭାବେ ସେ ବେଶ୍ ଜଣାଶୁଣା।

## ସତୀଶ ଗୁଜରାଲଙ୍କ ବିୟୋଗ

**ନୂଆଦିଲ୍ଲୀ,୨୭।୩(ପି.ଟି.)**



ଖ୍ୟାତନାମା ଚିତ୍ରକର, ମୂର୍ତ୍ତିକାର, ଲେଖକ ତଥା ବାସ୍ତୁକାର୍ ସତୀଶ ଗୁଜରାଲ (୯୪)ଙ୍କର ଗୁରୁବାର ରାତିରେ ପରଲୋକ ହୋଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ସତୀଶ ହେଉଛନ୍ତି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲଙ୍କ ସାନଭାଇ। କଳା କ୍ଷେତ୍ରକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ଲାଗି ଭାରତ ସରକାର ତାଙ୍କୁ ୧୯୯୯ରେ ପଦ୍ମ ବିଭୂଷଣ ପୁରସ୍କାରରେ ସମ୍ମାନିତ କରିଥିଲେ। ତାଙ୍କର ଲୋକପ୍ରିୟ ଚିତ୍ର ମଧ୍ୟରେ ରହିଛି ଦିଲ୍ଲୀ ହାଇକୋର୍ଟ ବାହାର ପାର୍ଶ୍ୱ କାନ୍ଥରେ ଆଲଫାବେଟିକ୍ ମୁରାଲ ଏବଂ ଦିଲ୍ଲୀସ୍ଥିତ ବେଲ୍‌ଜିୟମ ଦୂତାବାସର ଡିଜାଇନ। ୧୯୨୫ରେ ଲାହୋରରେ ଜନ୍ମିତ ସତୀଶ ଚିତ୍ରକଳା ଶିକ୍ଷା ଲାଗି ମେକ୍ସିକୋ ଯାଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ପରଲୋକରେ ବେଣୀପ୍ରସାଦ

**ଲକ୍ଷ୍ନୌ,୨୭।୩**



ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବେଣୀପ୍ରସାଦ ବର୍ମା(୮୦)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। କିଛିଦିନ ଧରି ଏହି ରାଜ୍ୟ ସଭା ସଦସ୍ୟ ଅସୁସ୍ଥ ଥିଲେ। ଏଥିଲାଗି ତାଙ୍କୁ ଲକ୍ଷ୍ନୌସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ମୁଲାୟମ୍ ସିଂଙ୍କ ସେ ଜଣେ ଏକାନ୍ତ ସହଯୋଗୀ ଭାବେ ଜଣାଶୁଣାଥିଲେ। ଏଚ୍.ଡି. ଦେବେଗୌଡ଼ାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ସେ ୧୯୯୬-୯୮ମଧ୍ୟରେ ଟେଲିକମ୍ ମନ୍ତ୍ରୀଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପରେ ଉପା ସରକାରରେ ସେ ଇସ୍ପାତ ମନ୍ତ୍ରୀ ଥିଲେ।

# ୨୫ ହଜାର ଟପିଲା କରୋନା ମୃତ୍ୟୁ

**ରୋମ୍/ୱାଶିଂଟନ, ୨୭।୩**

### ସଂକ୍ରମିତଙ୍କ ସଂଖ୍ୟା ୫ ଲକ୍ଷ ୬୫ ହଜାର

କରୋନା ଭାଇରସ୍ ଅଦ୍ୟାବଧି ବିଶ୍ୱବ୍ୟାପୀ ୨୫ ହଜାର ୪୧୦ ମୁଣ୍ଡ ନେଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୫ ଲକ୍ଷ ୬୫ ହଜାରରେ ପହଞ୍ଚିଲାଣି। ଚାଇନାରେ ଏହି ଭୂତାଣୁ ସଂକ୍ରମଣରେ ୩,୨୯୨ ଜଣଙ୍କ ଜୀବନ ଯାଇଥିବା ବେଳେ ଇଟାଲୀରେ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୮,୨୧୫ରେ ପହଞ୍ଚିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୮୦,୫୮୯ରେ ପହଞ୍ଚିଲାଣି। ସେହିଭଳି ସ୍ପେନ୍‌ରେ କରୋନା ଭାଇରସ୍ ଜନିତ ମୃତ୍ୟୁସଂଖ୍ୟା ୪,୯୩୪ରେ ପହଞ୍ଚିଛି। ସଂକ୍ରମିତଙ୍କ ସଂଖ୍ୟା ଏଠି ୬୪, ୦୫୯କୁ ବୃଦ୍ଧିପାଇଛି। ଆମେରିକାରେ ମୃତ୍ୟୁସଂଖ୍ୟା ୧,୩୭୧ରେ ପହଞ୍ଚିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୯୨,୨୦୬ରେ ପହଞ୍ଚିଛି। ଅନୁରୂପ ଭାବେ ଇରାନରେ ୨,୩୭୮ ମୃତ୍ୟୁବରଣ କରିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୩୨, ୩୩୩ରେ ପହଞ୍ଚିଛି। ଫ୍ରାନ୍ସରେ ମୃତକଙ୍କ ସଂଖ୍ୟା ୧,୬୯୬ ହୋଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୨୯,୧୫୫ରେ ପହଞ୍ଚିଛି। ବ୍ରିଟେନରେ ମୃତ୍ୟୁସଂଖ୍ୟା ୭୫୯ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୧୪, ୫୪୩କୁ ବୃଦ୍ଧିପାଇଛି। ଜର୍ମାନୀରେ ୩୦୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୯, ୩୩୪ ସଂକ୍ରମିତ ଅଛନ୍ତି। ସ୍ୱିଜରଲାଣ୍ଡରେ ୨୦୭ ମୃତ୍ୟୁବରଣ କରିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୨,୩୧୧ରେ ପହଞ୍ଚିଛି। ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଦକ୍ଷିଣ କୋରିଆରେ ୧୩୯, ନେଦରଲାଣ୍ଡରେ ୫୪୬, ବେଲଜିୟମରେ ୨୮୯, ସ୍ୱୀଡେନ୍‌ରେ ୯୨, ପର୍ତ୍ତୁଗାଲରେ ୭୬, କାନାଡାରେ ୪୦, ତୁର୍କୀରେ ୭୫ ଲୋକ ଏହି ମହାମାରୀର ଶିକାର ହୋଇଥିବା ଜଣାପଡ଼ିଛି। ଚାରିଆଡେ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ସଂକ୍ରମିତଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରିରହିଛି। ବିଭିନ୍ନ ଦେଶ ପକ୍ଷରୁ ବ୍ୟାପକ କଟକଣା ଜାରି କରାଯାଇଥିଲେ ହେଁ କରୋନା ମହାମାରୀ ବୋଲ ମାନୁନି। ମୁଣ୍ଡ ପରେ ମୁଣ୍ଡ ଗଡ଼ାଇ ଚାଲିଛି। ସତର୍କ ରହିବା ଲାଗି ପରାମର୍ଶ ଦିଆଯାଉଛି।



ଇଜିପ୍ଟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋସ୍ତାଫା ମେଡ୍‌ବୋଉଲି କର୍ଫ୍ୟୁ ନିର୍ଦ୍ଦେଶ ଦେବା ପୂର୍ବରୁ କାଏରୋର ଏକ ଟ୍ରେନ୍‌ରେ ବହୁସଂଖ୍ୟକ ଯାତ୍ରୀ ଚଢ଼ୁଛନ୍ତି।

## ଭାରତରେ ୨୦

**ନୂଆଦିଲ୍ଲୀ,୨୭।୩**

ଭାରତରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି। ଗୁରୁବାର ଗୋଟିଏ ଦିନରେ ୭ ଜଣଙ୍କ ଜୀବନ ନେଇଛି କୋଭିଡ୍-୧୯। ଏଥିସହିତ ସଂକ୍ରମିତଙ୍କ ସଂଖ୍ୟା ୮୬୩ରେ ପହଞ୍ଚିଥିବା ଜଣାପଡିଛି। ୨୪ ଘଣ୍ଟା ମଧ୍ୟରେ ୧୩୬ ନୂଆ ମାମଲା ନଜରକୁ ଆସିଛି। ମୁମ୍ବାଇରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜମ୍ମୁ-କଶ୍ମୀରର ସୋପୋର, ରାଜସ୍ଥାନର ଭିଲୱାରାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ମୃତକମାନଙ୍କ ବୟସ ୬୫ ଓ ଏହାଠାରୁ ଅଧିକ ରହିଛି। ମଧ୍ୟପ୍ରଦେଶରେ କରୋନାରେ ଦ୍ୱିତୀୟ ମୃତ୍ୟୁ ଘଟିଛି। ସେଠାରେ ଜଣେ ୩୫ ବର୍ଷୀୟ ଯୁବକଙ୍କର କରୋନାରେ ମୃତ୍ୟୁ ଘଟିଛି। ସେ ବିଦେଶ ଗସ୍ତରେ ଯାଇ ନ ଥିବାବେଳେ ଜ୍ୱର ଓ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ନମୁନା ପରୀକ୍ଷାରୁ ତାଙ୍କୁ କରୋନା ସଂକ୍ରମିତ ହୋଇଥିବା ଜଣାପଡିଥିଲା। ଗୁଜରାଟରେ

### ୮୬୩ ସଂକ୍ରମିତ

ଗୁରୁବାର ୫ଟି ନୂଆ ମାମଲା ସାମନାକୁ ଆସିଥିବାବେଳେ ଜଣେ ୭୦ ବର୍ଷୀୟ ବୃଦ୍ଧ ପ୍ରାଣ ହରାଇଛନ୍ତି। କେରଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ୧୩୭ ଥିବାବେଳେ ମହାରାଷ୍ଟ୍ରରେ ୧୩୦, କର୍ଣାଟକରେ ୫୫, ତେଲଙ୍ଗାନରେ ୪୫ ଓ ଗୁଜରାଟରେ ୪୫ ରହିଛି। ଗୁରୁବାର ଦିଲ୍ଲୀରେ ୪ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେଠାରେ ସଂକ୍ରମିତଙ୍କ ସଂଖ୍ୟା ୩୯କୁ ବୃଦ୍ଧି ପାଇଛି।

## ଆମେରିକା-ଚାଇନା ଏକାଠି ହେବା ଜରୁରୀ

**ୱାଶିଂଟନ, ୨୭।୩**

### କରୋନା ମୁକାବିଲା ଲାଗି ଜିନ୍‌ପିଙ୍ଗ୍‌ଙ୍କ ମତ



କରୋନା ଭାଇରସ୍ ମହାମାରୀର ରୂପ ନେଇ ୨୫ ହଜାରରୁ ଉର୍ଦ୍ଧ୍ୱ ମୁଣ୍ଡ ନେଲାଣି। ଏଥିଲାଗି ବିଶ୍ୱବ୍ୟାପୀ ଆତଙ୍କ ଖେଳିଯାଇଛି। ଏହାର ମୁକାବିଲା ଲାଗି ଆମେରିକା ଓ ଚାଇନା ଏକାଠି ହୋଇ କାମ କରିବା ଉଚିତ ବୋଲି ଚାଇନା ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗ ଶୁକ୍ରବାର ପ୍ରକାଶ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସେ ଅନୁରୋଧ କରି କହିଛନ୍ତି, ବାକ୍‌ଯୁଦ୍ଧ ଓ ପାରସ୍ପରିକ ମତାନ୍ତର ଛାଡ଼ି ଚାଇନା ସମସ୍ତ ସୂଚନା ଦେବା ଲାଗି ପ୍ରସ୍ତୁତ ଅଛି। ପ୍ରକାଶଥାଉ କି, ଟ୍ରମ୍ପ ଓ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଚାଇନିଜ୍ ଭାଇରସ୍ କହି ଚାଇନା ଉପରେ ସବୁଦୋଷ ଲଦିଥିଲେ। ଉହାନ୍‌ରୁ ବିଶ୍ୱବ୍ୟାପୀ କରୋନା ସଂକ୍ରମଣ ହୋଇଥିବା ଅଭିଯୋଗ ଆଣିଥିଲେ। ଯାହାକୁ ନେଇ ଚାଇନା ମଧ୍ୟ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲା। ହେଲେ ଏବେ ମହାମାରୀରୁ ବର୍ତ୍ତିବା ଲାଗି ଆମେରିକା ଓ ଚାଇନା ଏକାଠି ହେବା ଜରୁରୀ ବୋଲି ଜିନ୍‌ପିଙ୍ଗ କହିଛନ୍ତି।

# ସହଯୋଗ ଭିତ୍ତିରେ ଭୂତାଣୁକୁ ରୋକ

**ନୂଆଦିଲ୍ଲୀ,୨୭।୩**



ରାଜ୍ୟପାଳ ଓ ଉପରାଜ୍ୟପାଳମାନଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଭାବ ବିନିମୟ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

### ରାଜ୍ୟପାଳ, ଉପରାଜ୍ୟପାଳଙ୍କୁ ରାଷ୍ଟ୍ରପତିଙ୍କ ବାର୍ତ୍ତା

ଭାରତରେ କରୋନା ଭାଇରସ୍ କ୍ରମଶଃ କାୟା ବିସ୍ତାର କରିବାରେ ଲାଗିଛି। ଏଥିଲାଗି ସମସ୍ତେ ତତ୍ପର। ଆତ୍ମ ସଂଯମ ଓ ସହଯୋଗ ଦ୍ୱାରା ଏହାକୁ ରୋକାଯାଇ ପାରିବ। ବିଶେଷକରି ବିଭିନ୍ନ ରାଜ୍ୟର ରାଜ୍ୟପାଳ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ ଓ ସମସ୍ତ ପ୍ରଶାସନିକ ଅଧିକାରୀ ଏକ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ଭିଡିଓ କନ୍‌ଫରେନ୍ସ ଜରିଆରେ କହିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ। ଏମାନେ ସ୍ୱେଚ୍ଛାକୃତ ଭାବେ ଧାର୍ମିକ ସଙ୍ଗଠନଗୁଡ଼ିକୁ ଏକାଠି କରି ସହଯୋଗର ହାତ ବଢ଼ାଇବା ଜରୁରୀ। ଏମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଓ ସରକାରୀ କଟକଣାକୁ ମାନିବା ଲାଗି ସଂଯମତାର ସହ କାମ କରିବା ଉଚିତ। ସେମାନଙ୍କ ଲାଗି ସହଯୋଗ ଓ ସହାୟତାର ବାଟ ଦେଖାଇବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି। ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ଓ ନିରାଶ୍ରୟଙ୍କ ସହାୟତା ଲାଗି ସେ ଅନୁରୋଧ କରିଛନ୍ତି। ମହାମାରୀକୁ ରୋକିବା ଓ ଅସହାୟଙ୍କୁ ସହଯୋଗ କରିବା ଲାଗି ଅକୁଣ୍ଠ ଦାନ କରିବା ଲାଗି ମଧ୍ୟ ସେ ଅନୁରୋଧ କରିଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ରେଡ୍‌କ୍ରସ, ପୋଲିସ, ପାରାମେଡିକାଲ ଷ୍ଟାଫ୍, ମେଡିକାଲ ପ୍ରଫେଶନାଲ, ଅବସରପ୍ରାପ୍ତ ଡାକ୍ତର, ଏମ୍‌ବିବିଏସ୍ ଛାତ୍ରମାନେ ଏନେଇ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମିଳିତ ସହଯୋଗ ଓ ସଂଯମତା ଆମକୁ ଏହି ମହାଯୁଦ୍ଧରୁ ବିଜୟ ଆଣିଦେବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି। ବିଭିନ୍ନ ରାଜ୍ୟର ରାଜ୍ୟପାଳ ଓ ପ୍ରଶାସନିକ ଅଧିକାରୀମାନେ ଏହି ଅବସରରେ ରାଷ୍ଟ୍ରପତିଙ୍କ ସହ ଭିଡିଓକନ୍‌ଫରେନ୍ସ ଜରିଆରେ ବାର୍ତ୍ତାଳାପ ମଧ୍ୟ କରି ବିଭିନ୍ନ ଟିପ୍ସ ଦେଇଥିଲେ।

## ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବିକ୍ରି ଉପରେ କଟକଣା

**ନୂଆଦିଲ୍ଲୀ,୨୭।୩(ପି.ଟି.)**

ମହାମାରୀ କୋଭିଡ୍-୧୯ ଜନିତ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବିକ୍ରି ଓ ବଣ୍ଟନ ଉପରେ କଟକଣା ଜାରି କରିଛି। ଜନସ୍ୱାର୍ଥ ଲାଗି ଏହା ଜରୁରୀ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଏଥିପାଇଁ ଡ୍ରଗ୍ସ ଓ କସ୍‌ମେଟିକ୍ସ ଅଧିନିୟମ, ୧୯୪୦ର ଧାରା ୨୬(ବି)ରେ ପ୍ରଦତ୍ତ କ୍ଷମତା ବଳରେ କେନ୍ଦ୍ର ସରକାର ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବିକ୍ରି ଓ ବଣ୍ଟନକୁ ନିୟନ୍ତ୍ରଣ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହି ଔଷଧକୁ କୋଭିଡ-୧୯ ଚିକିତ୍ସାରେ ବ୍ୟବହାର କରିବା ଲାଗି ଆଇସିଏମ୍ଆର୍ ସୁପାରିସ କରିଥିଲା।




# ଅଢ଼େଇ ଘଣ୍ଟାରେ କରୋନା ପରୀକ୍ଷା

### ଜର୍ମାନ କମ୍ପାନୀ ବିକଶିତ କରିଛି ଟେଷ୍ଟ କିଟ୍

**ବର୍ଲିନ,୨୭।୩**



ସମଗ୍ର ବିଶ୍ୱରେ କରୋନା ଭାଇରସ୍ (କୋଭିଡ୍-୧୯) ବ୍ୟାପିବାରେ ଲାଗିଛି। ୧୯୯ ଦେଶରେ ମୋଟ ପଜିଟିଭ୍ ରୋଗୀଙ୍କ ସଂଖ୍ୟା ୫ଲକ୍ଷ ୬୦ ହଜାର ଟପିଥିବାବେଳେ ମୃତ୍ୟୁସଂଖ୍ୟା ୨୫ ହଜାର ପାର ହୋଇଯାଇଛି। ଉଭୟ ସଂଖ୍ୟା ସପ୍ତାହେ ହେଲା ଦ୍ରୁତଗତିରେ ବଢ଼ିଚାଲିଛି, ଯାହା ସାରା ବିଶ୍ୱର ଚିନ୍ତା ବଢ଼ାଇଛି। ବୈଜ୍ଞାନିକମାନେ ପ୍ରତିଷେଧକ ଟିକା ଉଦ୍ଭାବନ, ପ୍ରଭାବୀ ଉପଚାର ଖୋଜିବାରେ ଲାଗିଥିବାବେଳେ ଯେଭଳି ଖୁବ୍‌ଶୀଘ୍ର କରୋନା ଭାଇରସ୍ ଚିହ୍ନଟ ହୋଇପାରିବ ସେଥିପାଇଁ ଟେଷ୍ଟ କିଟ୍ ପ୍ରସ୍ତୁତ କରିବାକୁ ଉଦ୍ୟମ ଚଳାଇଛନ୍ତି। ସମ୍ପ୍ରତି କୋଭିଡ୍-୧୯ ଭାଇରସ୍‌କୁ ଚିହ୍ନଟ କରିବା ପାଇଁ ପ୍ରାୟ ୨ଦିନ ଲାଗୁଛି। କିନ୍ତୁ ଏହି ଟେଷ୍ଟକୁ ମାତ୍ର ଅଢ଼େଇ ଘଣ୍ଟାରେ କରିହେବ। ଏଭଳି ଦାବି କରିଛି ଜର୍ମାନ କମ୍ପାନୀ ରବର୍ଟ ବୋସ୍କ ଜିଏମ୍‌ବିଏଚ୍। କାରଣ କମ୍ପାନୀ ଦ୍ୱାରା ବିକଶିତ ହୋଇଛି ଏକ ଟେଷ୍ଟ କିଟ୍, ଯାହା କମ୍ ସମୟ ମଧ୍ୟରେ ଜଣାଇଦେବ କରୋନା ପଜିଟିଭ ନା ନେଗେଟିଭ।

କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭୋଲକମର୍ ଡେନର୍ କହିଛନ୍ତି ଯେ, ନୂତନ ପରୀକ୍ଷଣରେ ଭାଇଭାଲିଟିକ୍ ମଲିକୁଲାର ଡାଏଗ୍ନୋଷ୍ଟିକ ପ୍ଲାଟଫର୍ମ ବ୍ୟବହାର କରାଯାଇଛି, ଯାହା କମ୍ପାନୀର ସ୍ୱାସ୍ଥ୍ୟସେବା ବିଭାଗ ଦ୍ୱାରା ପ୍ରସ୍ତୁତ। ଜୀବାଣୁ ଓ ଭୂତାଣୁ ଦ୍ୱାରା ସଂକ୍ରମିତ ଜ୍ୱର, କାଶ, ସର୍ଦ୍ଦି ଏବଂ ନିମୋନିଆ ଭଳି ରୋଗକୁ ଚିହ୍ନିବା ପାଇଁ ଏହି ଉପକରଣ ପୂର୍ବରୁ ହସ୍ପିଟାଲ, ଲାବୋରେଟୋରି ଏବଂ ଚିକିତ୍ସା ଅଭ୍ୟାସରେ ବ୍ୟବହୃତ ହେଉଛି। ଏହା ଏପ୍ରିଲରେ ଜର୍ମାନୀରେ ଉପଲବ୍ଧ ହେବା ପରେ ଅନ୍ତର୍ଜାତୀୟ ବଜାରରେ ବିକ୍ରି ହେବ।

ଯଥାଶୀଘ୍ର ସମ୍ଭବ କୋଭିଡ୍-୧୯କୁ ଚିହ୍ନଟ କରାଗଲେ ତାହାର ବିସ୍ତାରକୁ ନିୟନ୍ତ୍ରଣ କରିହେବ। ଦକ୍ଷିଣ କୋରିଆରେ ଶୀଘ୍ର ଚିହ୍ନଟ ହୋଇପାରିବା କାରଣରୁ ରୋଗୀ ଓ ମୃତ୍ୟୁ ସଂଖ୍ୟା ବ୍ୟାପକ ହେବାରୁ ରୋକାଯାଇପାରିଛି। କିନ୍ତୁ ଇଟାଲୀ ଏବଂ ଆମେରିକାରେ ପରୀକ୍ଷଣର ଅଭାବ ଯୋଗୁ ସଂକ୍ରମଣ ବିସ୍ଫୋରକ ସ୍ଥିତି ସୃଷ୍ଟି କରିଛି।




ନୂଆଦିଲ୍ଲୀରେ ଲକ୍‌ଡାଉନ୍ ବେଳେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ମୁସ୍‌ଲିମ ସମ୍ପ୍ରଦାୟର ଲୋକଙ୍କୁ ନିଜ ନିଜ ଘରେ ନମାଜ ପାଠ କରିବାକୁ କୁହାଯାଇଥିବାବେଳେ ଜାମା ମସ୍‌ଜିଦ ବାହାରେ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି।

# ଆମେରିକୀୟଙ୍କ ପ୍ରବେଶକୁ ମେକ୍ସିକୋର ବିରୋଧ

**ମେକ୍ସିକୋ ସିଟି,୨୭।୩(ପି.ଟି.)**

ମେକ୍ସିକୋ ନାଗରିକମାନଙ୍କ ପ୍ରବେଶକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜୋର୍‌ଦାର ବିରୋଧ କରିଆସୁଥିଲେ। ମେକ୍ସିକୀୟମାନଙ୍କ ଯୋଗୁ ଆମେରିକାରେ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ କରି ସେମାନଙ୍କ ପ୍ରବେଶ ବନ୍ଦ ଲାଗି ଟ୍ରମ୍ପ୍ ସୀମାରେ ପାଚେରି ନିର୍ମାଣ କରାଉଛନ୍ତି। ହେଲେ କରୋନା ଯୋଗୁ ସ୍ଥିତି ବଦଳିଯାଇଛି। ଏବେ ମେକ୍ସିକୋ ବାସିନ୍ଦା ଆମେରିକୀୟଙ୍କ ପ୍ରବେଶକୁ ବିରୋଧ କରୁଛନ୍ତି। କରୋନା ସଂକ୍ରମଣ ଭୟରେ ଆମେରିକା ସହ ଥିବା ସୀମାକୁ ବନ୍ଦ କରିଦେଇଛନ୍ତି ମେକ୍ସିକୋର ଜନସାଧାରଣ। ଆମେରିକାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି। ଏପରିସ୍ଥଳେ କୋଭିଡ୍-୧୯ ପରୀକ୍ଷା କରି ନ ଥିବା କୌଣସି ଆମେରିକୀୟ ଯଦି ମେକ୍ସିକୋ ଚାଲିଆସନ୍ତି, ତେବେ ସେଠାରେ ଏହି ଭୂତାଣୁ ସଂକ୍ରମଣ ବୃଦ୍ଧି ପାଇବ। ଏହି ଆଶଙ୍କାରେ ମେକ୍ସିକୋ ବିକ୍ଷୋଭକାରୀମାନେ ଆମେରିକା ସହ ଥିବା ଏକ ସୀମାନ୍ତ କ୍ରସିଂକୁ ବନ୍ଦ କରିଦେଇଛନ୍ତି। ବୁଧବାର କ୍ରସିଂ ଚେକ୍ ପଏଣ୍ଟ ବନ୍ଦ କରିବା ପରେ ଆରିଜୋନା ସୀମାକୁ ଲାଗିଥିବା ସୋନୋରାର ବାସିନ୍ଦା ମେକ୍ସିକୋ ଭିତରକୁ ଆମେରିକୀୟଙ୍କୁ ଛାଡ଼ିବେ ନାହିଁ ବୋଲି ଶପଥ ନେଇଛନ୍ତି।

ସୂଚନାଯୋଗ୍ୟ, ମେକ୍ସିକୋରେ ଏବେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୦୦ ଥିବାବେଳେ ଆମେରିକାରେ ତାହା ୬୫,୦୦୦ ଅତିକ୍ରମ କଲାଣି। ତେଣୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବ୍ୟତୀତ ସୀମାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଲାଗି ମେକ୍ସିକୋ ବାସିନ୍ଦା ଚାହୁଁଛନ୍ତି। ମେକ୍ସିକୋରେ ପ୍ରବେଶ କରିବାକୁ ଚାହୁଁଥିବା ଆମେରିକୀୟଙ୍କର କୋଭିଡ୍-୧୯ ପରୀକ୍ଷା ପରେ ଅନୁମତି ଦେବାକୁ ସୋନୋରାନ୍ସ ଫର୍ ହେଲ୍‌ଥ ଆଣ୍ଡ ଲାଇଫ୍ ସଂଗଠନ ପକ୍ଷରୁ ଦାବି କରାଯାଇଛି। କରୋନା ବିରୋଧରେ ଯଥେଷ୍ଟ ପ୍ରତିକାର ପଦକ୍ଷେପ ଗ୍ରହଣ କରି ନ ଥିବାରୁ ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ ଲୋପେଜ୍ ଓବ୍ରାଡର ସମାଲୋଚିତ ହୋଇଛନ୍ତି। ଆମେରିକା ସହ ସୀମାକୁ ସମ୍ପୂର୍ଣ୍ଣ ସିଲ୍ କରିବା ଲାଗି ଉକ୍ତ ସଂଗଠନ ପକ୍ଷରୁ ଦାବି ହୋଇଛି।

**ସଂକ୍ଷେପରେ**

## ଏମ୍‌କେସିଜିରେ ଭର୍ତ୍ତି ହେଲେ କରୋନା ସନ୍ଦିଗ୍ଧ

**ବ୍ରହ୍ମପୁର ଅଫିସ,୨୭।୩:** ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଶୁକ୍ରବାର ଜଣେ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି। ତାଙ୍କୁ କରୋନା ୱାର୍ଡର ସ୍ୱତନ୍ତ୍ର କକ୍ଷରେ ରଖାଯାଇଛି। ଶନିବାର ସନ୍ଦିଗ୍ଧଙ୍କ ସ୍ୱାବ୍ ଟେଷ୍ଟ ପାଇଁ ଭୁବନେଶ୍ୱର ଆରଏମ୍‌ଆର୍‌ସିକୁ ପଠାଯିବ ବୋଲି ଅଧୀକ୍ଷକ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସନ୍ଦିଗ୍ଧ ଜଣକ ମାଳଦ୍ୱୀପର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୧୫ ତାରିଖରେ ସେ କବିସୂର୍ଯ୍ୟନଗରରେ ଥିବା ଘରକୁ ଫେରିଥିଲେ। ଗତ କିଛିଦିନ ତଳେ ତାଙ୍କୁ ଥଣ୍ଡା କାଶ ସହ ଭୀଷଣ ଜ୍ୱର ହୋଇଥିଲା। ତେଣୁ ସେ ଶୁକ୍ରବାର ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି। ସେହିପରି ପୂର୍ବରୁ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା କରୋନା ସନ୍ଦିଗ୍ଧଙ୍କ ସ୍ୱାବ୍ ଟେଷ୍ଟ ନେଗେଟିଭ୍ ଥିବା ଜଣାପଡ଼ିବା ପରେ ସେମାନଙ୍କୁ ଘରକୁ ଛାଡ଼ି ଦିଆଯାଇଛି ବୋଲି ଡାକ୍ତର ମିଶ୍ର କହିଛନ୍ତି।

## ରାଜ୍ୟ ବାହାରୁ ଫେରିଲେ ୯ ଶ୍ରମିକ

**ପାଟଣା,୨୭।୩(ସ୍ୱ.ପ୍ର.):** ବାଙ୍ଗାଲୋର, ଚେନ୍ନାଇ, କେରଳ ଓ ହାଇଦ୍ରାବାଦରେ କାମ କରୁଥିବା ୯ ଜଣ ଶ୍ରମିକ ଶୁକ୍ରବାର କେନ୍ଦୁଝର ଜିଲା ପାଟଣା ବ୍ଲକକୁ ଫେରିଛନ୍ତି। ଏହି ଶ୍ରମିକମାନଙ୍କୁ ମିଶାଇ ମୋଟ ୩୩୧ ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଥିବା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁପ୍ରକାଶ ଶତପଥୀ ପ୍ରକାଶ କରିଛନ୍ତି। ସମସ୍ତଙ୍କୁ ୧୪ ଦିନ ପାଇଁ ନିଜ ଘରେ ଆଇସୋଲେଶନରେ ରହିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ବାରିକେଡ୍ ବ୍ୟବସ୍ଥାରେ ପନିପରିବା ବିକ୍ରି

**କେନ୍ଦୁଝର,୨୬।୩(ଡି.ଏନ୍.ଏ.):** କେନ୍ଦୁଝର ସହର ମଧ୍ୟସ୍ଥଳରେ ଥିବା ପରିବା ବଜାର ରାହାସପୂଜା ମାର୍କେଟରେ ଶୃଙ୍ଖଳିତ ଭାବେ ପରିବା ବିକ୍ରି ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ଗୁରୁବାର ଏହି ମାର୍କେଟରେ ଥିବା ଅସଜଡା ପରିବା ଦୋକାନଗୁଡ଼ିକୁ ପୌରପାଳିକା ଏବଂ ପୋଲିସ ସହାୟତାରେ ଭାଙ୍ଗି ଦିଆଯାଇଛି। କରୋନା ସତର୍କତା ଅବଲମ୍ବନ ପୂର୍ବକ ଜନସାଧାରଣଙ୍କ ସୁରକ୍ଷା ପାଇଁ ବାରିକେଡ ବ୍ୟବସ୍ଥା କରାଯାଇ ଶୃଙ୍ଖଳିତ ଭାବେ ପରିବା ବ୍ୟବସାୟ କରାଯିବ ବୋଲି ଜଣାପଡିଛି।

## କେରଳରୁ ଫେରିପାରୁନାହାନ୍ତି କନ୍ଧମାଳ ଶ୍ରମିକ

### ଦାରିଙ୍ଗବାଡ଼ିରେ ଫସିଛନ୍ତି ପଶ୍ଚିମବଙ୍ଗ ଶ୍ରମିକ

**ଫୁଲବାଣୀ ଅଫିସ,୨୭।୩/ ଦାରିଙ୍ଗବାଡ଼ି(ଡି.ଏନ୍.ଏ.):** କରୋନା ପାଇଁ ସାରା ଦେଶରେ ଏବେ ଲକ୍‌ଡାଉନ୍। ଏଭଳି ସ୍ଥିତିରେ କନ୍ଧମାଳ ଜିଲାର କେତେଜଣ ଯୁବତୀ, ଯୁବକ ଏବଂ ଦମ୍ପତି କେରଳରେ ଫସି ରହିଛନ୍ତି। ଶ୍ରମିକ ଭାବେ କାମ କରିବାକୁ ଯାଇ ସେମାନେ ଘରକୁ ଫେରି ପାରୁନାହାନ୍ତି। ଏବେ ସେମାନଙ୍କ ପାଖରେ ଖାଇବାକୁ ନାହିଁ। କାମ ନ ଥିବାରୁ ପାଖରେ ଟଙ୍କା ମଧ ସରିଗଲାଣି। ତେଣୁ ଉଦ୍ଧାର ପାଇଁ ସେମାନେ ଓଡ଼ିଶା ସରକାରଙ୍କୁ ନିବେଦନ କରିଛନ୍ତି। ସେହିପରି ପଶ୍ଚିମବଙ୍ଗରୁ ଦାରିଙ୍ଗବାଡ଼ି ଅଞ୍ଚଳକୁ ଆସି ବିଭିନ୍ନ ଲଜ୍, ବିଲ୍ଡିଂରେ କାର୍ଯ୍ୟ କରୁଥିବା ୧୫ ରାଜମିସ୍ତ୍ରି ଓ ଶ୍ରମିକ ସେମାନଙ୍କ ଘରକୁ ଫେରି ପାରିନାହାନ୍ତି। କାମ ବନ୍ଦ ଯୋଗୁ ସେମାନଙ୍କ ପାଖରେ ଆଉ ଟଙ୍କା ମଧ ନାହିଁ। କେତେଜଣ ମାଲିକ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥିଲେ ସୁଦ୍ଧା ତାହା ନିଅଣ୍ଟ ହେଉଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଏମ୍‌କେସିଜିରେ ଚିକିତ୍ସାଧୀନ କଏଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୭।୩:** ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଜଣେ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚେନ୍ନାଇ ଇନ୍ଦିରାନଗର-୬୪ର ଶୁବୁ କାର୍ତ୍ତିକ୍ୟା (୬୩)। ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ମୃତଦେହ ପଞ୍ଚନାମା କରାଯାଇଥିଲା। ଏ ନେଇ ନଂ.୧୫୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବୈଦ୍ୟନାଥପୁର ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି। ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଶୁବୁ ଗିରଫ ହୋଇ ଜେଲ ଯାଇଥିଲେ। ୨୦୧୧ ମେ ୧୦ରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିଲେ। ଗତ ୨୩ ତାରିଖରେ ଅସୁସ୍ଥତା ଯୋଗୁ ତାଙ୍କୁ ଜେଲ୍ କର୍ତ୍ତୃପକ୍ଷ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ।




## ଲକ୍‌ଡାଉନ ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡନୀୟ ଦଫା

**ଭୁବନେଶ୍ୱର, ୨୭।୩**

ସମ୍ପ୍ରତି ସାରା ଦେଶରେ ୨୧ଦିନ ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଯଦି କୌଣସି ଜରୁରୀ କାମ ନ ପଡ଼େ ତେବେ ବାହାରକୁ ନ ଆସି ଘର ଭିତରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଏହି ନିର୍ଦ୍ଦେଶକୁ ଖାମଖିଆଲି ଭାବେ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍(ଆଇପିସି)ର ଦଫା ୧୮୮, ୨୬୯, ୨୭୦ ଏବଂ ୨୭୧ରେ ମାମଲା ରୁଜୁ କରାଯାଉଥିବା ଦେଖିବାକୁ ମିଳୁଛି।

ଦଫା- ୧୮୮: ସରକାରଙ୍କ ଦ୍ୱାରା ଦିଆଯାଇଥିବା କୌଣସି ନିର୍ଦ୍ଦେଶକୁ ନ ମାନିବା। ଏହା ଏକ ଅଧର୍ତ୍ତବ୍ୟ ଏବଂ ଜାମିନ୍ ଯୋଗ୍ୟ ଦଫା। ଯାହାର ଦଣ୍ଡ ସର୍ବାଧିକ ୬ମାସ ଏବଂ ଜରିମାନା ୧ହଜାର।

ଦଫା- ୨୬୯: ଖାମ୍‌ଖିଆଲି ଏଭଳି କିଛି କାର୍ଯ୍ୟ କରିବା ଯାହାକି କୌଣସି ରୋଗର ସଂକ୍ରମଣ ବ୍ୟାପିବା ସହ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ଏହା ଏକ ଅଧର୍ତ୍ତବ୍ୟ ଏବଂ ଜାମିନ୍ ଯୋଗ୍ୟ ଦଫା। ଯାହାର ଦଣ୍ଡ ସର୍ବାଧିକ ୬ ମାସ ଜେଲ୍ କିମ୍ବା ଜରିମାନା କିମ୍ବା ଉଭୟ।

ଦଫା-୨୭୦: ଖଳ ମନୋଭାବ ନେଇ ଏଭଳି କିଛି କାର୍ଯ୍ୟ କରିବା ଯାହାକି ସଂକ୍ରମଣ ବ୍ୟାପିବା ସହ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ଏହା ଏକ ଧର୍ତ୍ତବ୍ୟ ଏବଂ ଜାମିନ୍ ଯୋଗ୍ୟ ଦଫା। ଯାହାର ଦଣ୍ଡ ସର୍ବାଧିକ ୨ବର୍ଷ ଜେଲ୍ କିମ୍ବା ଜରିମାନା କିମ୍ବା ଉଭୟ।

ଦଫା-୨୭୧: କୌଣସି କ୍ୱାରାଣ୍ଟାଇନ(ସଙ୍ଗରୋଧ) ନିୟମର ଉଲ୍ଲଂଘନ। ଏହା ଏକ ଅଧର୍ତ୍ତବ୍ୟ ଏବଂ ଜାମିନ୍ ଯୋଗ୍ୟ ଦଫା, ଯାହାର ଦଣ୍ଡ ସର୍ବାଧିକ ୬ମାସ ଜେଲ୍ କିମ୍ବା ଜରିମାନା କିମ୍ବା ଉଭୟ।

# ୩ୟ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଠାବ ଚିନ୍ତା

- ପରୀକ୍ଷା ହେଲାଣି ୨୫୬ ନମୁନା, ଆସିଛି ୧୮୯ ରିପୋର୍ଟ
- ରାଜ୍ୟରେ ସନ୍ଦିଗ୍ଧଙ୍କୁ ଖୋଜିବ ୧୦୦ ମନିଟରିଂ ଟିମ୍

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଓଡ଼ିଶାରେ ୩ୟ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବାପରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ପ୍ରକାଶ ପାଇଛି। ସଂକ୍ରମିତ ବ୍ୟକ୍ତି ଜଣକ ଭୁବନେଶ୍ୱରର ହୋଇଥିବାବେଳେ ସେ ସର୍ବାଧିକ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଛି। ସେମାନେ ହେଲେ ପରିବାର ସଦସ୍ୟ, ସମ୍ପର୍କୀୟ, ବିମାନ ଯାତ୍ରୀ, ବିଧାନସଭା ଡିସ୍‌ପେନ୍‌ସାରି, କ୍ୟାପିଟାଲ ହସ୍ପିଟାଲ ଓ ଘରୋଇ କ୍ଲିନିକ୍‌ର ଡାକ୍ତର, ନର୍ସ, ରୋଗୀ ଏବଂ ବିଧାନସଭାର ଜଣେ କର୍ମଚାରୀ। ଏମାନଙ୍କ ସଂସ୍ପର୍ଶରେ ମଧ ଅନେକ ଆସିଥିବେ। ତେଣୁ ସମସ୍ତଙ୍କୁ ଠାବ କରିବା ସେତେଟା ସହଜ ନ ଥିବାରୁ ସଂକ୍ରମଣ ସମ୍ଭାବନା ଚିନ୍ତା ବଢ଼ାଇଛି। ଅନ୍ୟପକ୍ଷରେ ଶୁକ୍ରବାର ଅପରାହ୍ନ ୧ଟା ସୁଦ୍ଧା ଓଡ଼ିଶାରେ ମୋଟ ୨୫୬ ନମୁନା କୋଭିଡ୍-୧୯ ପରୀକ୍ଷା ପାଇଁ ପଠାଯାଇଛି। ସେଥିମଧ୍ୟରୁ ୧୮୯ ନମୁନାର ରିପୋର୍ଟ ହସ୍ତଗତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୩ ଛୁଇଁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ସଂକ୍ରମିତ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଉଭୟ ହସ୍ପିଟାଲ୍‌ରେ ଦିଆଯାଉଥିବା ଖାଦ୍ୟ ଖାଉଛନ୍ତି। ଗୁରୁବାର ଚିହ୍ନଟ ତୃତୀୟ ପଜିଟିଭ୍ ରୋଗୀ ଏବେ ଚିକିତ୍ସାଧୀନ ଅଛନ୍ତି। ସେ ମଧ ସାଧାରଣ ଖାଦ୍ୟ ଖାଉଥିବା ବିଭାଗ ସୂଚନା ଦେଇଛି। ତେବେ ପ୍ରଥମ ୨ ପଜିଟିଭ୍ ଚିହ୍ନଟଙ୍କ ସଂସ୍ପର୍ଶରେ ବର୍ତ୍ତମାନ ସୁଦ୍ଧା ୫୫ଜଣ ଆସିଥିବା ତଥ୍ୟ ମିଳିଛି। ସମସ୍ତଙ୍କ ସହ ଯୋଗାଯୋଗ ହୋଇସାରିଥିବାବେଳେ ୩୭ଜଣଙ୍କୁ ଡାକ୍ତରଖାନା ଆଇସୋଲେଶନରେ ରଖାଯାଇଛି। ଇତିମଧ୍ୟରେ କେତେଜଣଙ୍କୁ ଆଇସୋଲେଶନରୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ଏପଟେ ତୃତୀୟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଏବେ ଠାବ କରାଯାଉଛି। ସମସ୍ତଙ୍କୁ ଚିହ୍ନଟ ପାଇଁ ସ୍ୱତନ୍ତ୍ର ମନିଟରିଂ ଟିମ୍ ଲାଗିପଡିଛି। ରାଜଧାନୀରେ ୧୦ ଟିମ୍ କାର୍ଯ୍ୟ କରୁଥିବାବେଳେ ରାଜ୍ୟରେ ମୋଟ ୧୦୦ ଟିମ୍ ନିୟୋଜିତ ରହିଛି। ବାହାର ରାଜ୍ୟ ଓ ବିଦେଶରୁ ଫେରିଥିବା ସନ୍ଦିଗ୍ଧଙ୍କୁ ଖୋଜାଚାଲିଛି। ଖୁବ୍‌ଶୀଘ୍ର ସମସ୍ତଙ୍କୁ ଚିହ୍ନଟ କରାଯାଇ ଆଇସୋଲେଶନରେ ରଖାଯିବ ବୋଲି କୁହାଯାଇଛି। ସେହିଭଳି ବର୍ତ୍ତମାନ ସୁଦ୍ଧା ବିଦେଶରୁ ଆସିଥିବା ମୋଟ ୪୪୯୫ଜଣ ହେଲ୍ପଲାଇନ୍ ନଂ.୧୦୪ ଓ ପୋର୍ଟାଲ୍ ଜରିଆରେ ପଞ୍ଜୀକରଣ କରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## 'ସୁପର ସ୍ପ୍ରେଡର' ହୋଇପାରନ୍ତି 'ପେସେଣ୍ଟ-୩'

**ଭୁବନେଶ୍ୱର,୨୭।୩(ବ୍ୟୁରୋ):** ସାଧାରଣ ସଂକ୍ରମିତଙ୍କ ତୁଳନାରେ ସୁପର ସ୍ପ୍ରେଡରମାନେ ଶତାଧିକ ଲୋକଙ୍କୁ ନିଜଦ୍ୱାରା ସଂକ୍ରମିତ କରିଥାନ୍ତି। ତେଣୁ ଓଡ଼ିଶାରେ ଚିହ୍ନଟ ହୋଇଥିବା ତୃତୀୟ କରୋନା ସଂକ୍ରମିତଙ୍କୁ 'ସୁପର ସ୍ପ୍ରେଡର ବା ଦ୍ରୁତ ସଂକ୍ରାମକ' ବୋଲି କୁହାଯାଉଛି। କାରଣ ନିକଟରେ 'ପେସେଣ୍ଟ-୩୧'ର ଆଖ୍ୟା ପାଇଥିବା ଦକ୍ଷିଣ କୋରିଆର ଜଣେ ମହିଳା ସୁପର ସ୍ପ୍ରେଡର ଭାବେ ସମଗ୍ର ବିଶ୍ୱରେ ବଦନାମ ହୋଇଛନ୍ତି। ଦୃତ ସଂକ୍ରମଣ କେମିତି ହୁଏ ଓ ସାଧାରଣ ସଂକ୍ରମଣଠାରୁ ଦୃତ ସଂକ୍ରମଣ କେତେ ଅଧିକ ମାରାତ୍ମକ ସେ ସମ୍ପର୍କରେ ବୁଝାଇଛନ୍ତି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ। ସେ କହିଛନ୍ତି, କୋଭିଡ୍-୧୯ରେ ଜଣେ ସଂକ୍ରମିତ ବ୍ୟକ୍ତି ହାରାହାରି ୨.୨୪ରୁ ୩.୫୮ ଜଣ ଅର୍ଥାତ ୨ରୁ ୩ ଜଣଙ୍କୁ ସଂକ୍ରମିତ କରାଇବାର ଆଶଙ୍କା ଥାଏ। ହେଲେ ଅସାବଧାନତା ଯୋଗୁ ଜଣେ ଜଣେ ବେଳେବେଳେ ଦୃତ ସଂକ୍ରାମକ ପାଲଟି ଯାଆନ୍ତି। ଦକ୍ଷିଣ କୋରିଆର କରୋନା ସଂକ୍ରମିତ ଜଣେ ମହିଳା ସିଧାସଳଖ ୧୧୬୦ ଜଣଙ୍କ ସଂସ୍ପର୍ଶରେ ଆସିଥିଲେ। ଆଉ ସେହି ୧୧୬୦ ଜଣ ପରବର୍ତ୍ତୀ ସମୟରେ ୨ରୁ ୪ ଜଣ ଲେଖାଏ ବ୍ୟକ୍ତିଙ୍କୁ ସଂକ୍ରମିତ କରିଥିଲେ। ତାଙ୍କ ଯୋଗୁ ସେହି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହଠାତ ବଢିବା ସହ ଜଟିଳ ସ୍ଥିତି ସୃଷ୍ଟି ହୋଇଥିଲା। ତେବେ କୋରିଆର 'ପେସେଣ୍ଟ-୩୧'ଙ୍କ ଭଳି ଓଡିଶାର ୩ୟ କରୋନା ଆକ୍ରାନ୍ତ ବା 'ପେସେଣ୍ଟ-୩' ମଧ 'ସୁପର ସ୍ପ୍ରେଡର' ହୋଇପାରନ୍ତି।

# ପରଲୋକରେ ବ୍ରହ୍ମାକୁମାରୀର ମୁଖ୍ୟ ପ୍ରଶାସିକା ଦାଦୀ ଜାନକୀ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ବ୍ରହ୍ମାକୁମାରୀ ସଂସ୍ଥାର ମୁଖ୍ୟ ପ୍ରଶାସିକା ଏବଂ ସ୍ୱଚ୍ଛ ଭାରତ ମିଶନର ବ୍ରାଣ୍ଡ୍ ଆମ୍ବାସାଡାର ଦାଦୀ ଜାନକୀ ୧୦୪ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ମାଉଣ୍ଟଆବୁସ୍ଥିତ ଗ୍ଲୋବାଲ୍ ହସ୍ପିଟାଲରେ ଗୁରୁବାର ରାତି ୨ଟାରେ ତାଙ୍କର ପରଲୋକ ଘଟିଛି। ଗତ ଦୁଇମାସ ହେଲା ସେ ନିଃଶ୍ୱାସ ଏବଂ ପେଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଅନ୍ତିମ ସଂସ୍କାର ବ୍ରହ୍ମାକୁମାରୀ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ଶାନ୍ତିବନ ପରିସରରେ ସମ୍ପନ୍ନ ହୋଇଛି। ୧୯୧୬ରେ ହାଇଦ୍ରାବାଦ୍ ସିନ୍ଧ (ବର୍ତ୍ତମାନ ପାକିସ୍ତାନ)ଠାରେ ଦାଦୀ ଜାନକୀ ଜୀ ଜନ୍ମଗ୍ରହଣ କରିଥିଲେ। ୨୧ ବର୍ଷ ବୟସରେ ବ୍ରହ୍ମାକୁମାରୀ ଆଧ୍ୟାତ୍ମିକ ପଥରେ ନିଜକୁ ସମର୍ପିତ କରିଥିଲେ। ମାତ୍ର ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପଢିଥିବା ଦାଦୀ ଜାନକୀ ଜୀ ବିଶ୍ୱର ୧୪୦ ଦେଶରେ ମାନବୀୟ


ଦାଦୀ ଜାନକୀ

ମୂଲ୍ୟବୋଧର ଶିକ୍ଷା ଦେଇଥିଲେ। ହଜାର ହଜାର ସେବାକେନ୍ଦ୍ରର ସ୍ଥାପନା କରାଇ ଲକ୍ଷ ଲକ୍ଷ ଲୋକଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ମନ ଏବଂ ଆତ୍ମାର ସ୍ୱଚ୍ଛତା ସହିତ ପରିବେଶ ସ୍ୱଚ୍ଛତା ଲାଗି କାର୍ଯ୍ୟ କରିଥିବା ଦାଦୀଙ୍କୁ ଭାରତ ସରକାର ସ୍ୱଚ୍ଛ ଭାରତ ମିଶନର ବ୍ରାଣ୍ଡ୍ ଆମ୍ବାସାଡାର୍ ନିଯୁକ୍ତ କରିଥିଲେ।

# ଜୟଦେବ ଦାସଙ୍କ ଦେହାନ୍ତ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ପ୍ରତିଷ୍ଠିତ ଓଡ଼ିଆ ଫିଲ୍ମ, ଟେଲିଭିଜନ, ରେଡିଓ ଓ ମଞ୍ଚ କଳାକାର ଜୟଦେବ ଦାସ ଆଉ ନାହାନ୍ତି। ଶୁକ୍ରବାର ଭୋର୍ ୪ଟାରେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ସେ ଚିରଦିନ ପାଇଁ ଆଖି ବୁଜିଛନ୍ତି। ତାଙ୍କୁ ୬୦ବର୍ଷ ହୋଇଥିଲା। ସେ ଅସୁସ୍ଥ ହୋଇ ୧୦ ଦିନ ହେବ ଚିକିତ୍ସିତ ହେଉଥିଲେ। ଗୁରୁବାର ରାତିରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ତାଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯାଉଥିବାବେଳେ ସେଠାରେ ତାଙ୍କର ହୃଦ୍‌ଘାତ ହୋଇଥିବା ଡାକ୍ତର କହିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଗାୟତ୍ରୀ କର, ଝିଅ ଭାଷା ପ୍ରିୟଦର୍ଶିନୀ ଓ ପୁଅ ବିସ୍ମୟ ସଙ୍କେତ ଦାସ ଉପସ୍ଥିତ ଥିଲେ। ସତୀ ଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଓଡ଼ିଶାର ଚଳଚ୍ଚିତ୍ର, ନୃତ୍ୟ ଓ ସଙ୍ଗୀତ ଜଗତର ଜଣେ ପରିଚିତ ଚେହେରା ଜୟଦେବଙ୍କ ମୃତ୍ୟୁରେ ସମଗ୍ର କଳାଜଗତ ସ୍ତବ୍ଧ ହୋଇଯାଇଥିବାବେଳେ ବହୁ ବରିଷ୍ଠ କଳାକାର ଶୋକପ୍ରକାଶ କରିଛନ୍ତି।

ଏକାଧିକ କଳାର ଅଧିକାରୀ ଥିବା ଜୟଦେବ କଟକ ସତୀ ଚଉରାଠାରେ


ଜୟଦେବ ଦାସ

ଜନ୍ମଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶେଷ କରିବା ପରେ ଅନ୍ନପୂର୍ଣ୍ଣା ଥିଏଟର- ବି ଗ୍ରୁପ୍‌ରେ ଜଣେ ମଞ୍ଚ କଳାକାରଭାବେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଓଡ଼ିଶାର ବହୁ ଖ୍ୟାତନାମା ନାଟ୍ୟ ନିର୍ଦ୍ଦେଶକଙ୍କ ସହ ସେ କାମ କରିଥିଲେ। ୧୯୭୬ରୁ ଏପର୍ଯ୍ୟନ୍ତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ନାଟକର ନିର୍ଦ୍ଦେଶନା ଦେଇଥିଲେ। ଟେଲିଭିଜନ, ରେଡିଓ ଓ ଚଳଚ୍ଚିତ୍ର ଜଗତ ସହ ଦୀର୍ଘ ୨୦ବର୍ଷ ଧରି ରହିଆସିଥିଲେ। ଶାସ୍ତ୍ରୀୟ ନୃତ୍ୟ ସହ ଜଡ଼ିତ ଥିବା ଜୟଦେବ ଜଣେ ଲାଇଟିଂ ଡିଜାଇନରଭାବେ ଗୁରୁ କେଳୁଚରଣ ମହାପାତ୍ରଙ୍କ ସହ ମଧ କାମ କରିଥିଲେ।

# 'ଏବେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା'

- ଇଣ୍ଡିଗୋ ବିମାନରେ ଦିଲ୍ଲୀରୁ ଫେରିଥିଲେ ତୃତୀୟ ସଂକ୍ରମଣ ରୋଗୀ
- ସପରିବାର, ଡ୍ରାଇଭର କ୍ୱାରାଣ୍ଟାଇନରେ ଅଛନ୍ତି

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ରାଜ୍ୟରେ ତୃତୀୟ କରୋନା ରୋଗୀ ଚିହ୍ନଟ ହେବା ପରେ ଗୋଷ୍ଠୀ ବା ତୃତୀୟ ପର୍ଯ୍ୟାୟ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଆଗରୁ କେବଳ ବିଦେଶରୁ ଆସୁଥିବା ବ୍ୟକ୍ତି କରୋନା ସଂକ୍ରମଣର ଶିକାର ହେଉଥିଲେ। କିନ୍ତୁ ଏବେ ଦିଲ୍ଲୀ, ହରିୟାଣାରୁ ଫେରୁଥିବା ବ୍ୟକ୍ତି ମଧ ସଂକ୍ରମଣର ଶିକାର ହେଉଛନ୍ତି। ସାମାଜିକ ସଂକ୍ରମଣ ଆଶଙ୍କା ବୃଦ୍ଧିପାଇଛି ବୋଲି ରାଜ୍ୟ ସରକାରଙ୍କ ମୁଖପାତ୍ର (କୋଭିଡ୍-୧୯) ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ବାଗ୍‌ଚୀ କହିଛନ୍ତି ଯେ, ଆସନ୍ତା ୨/୩ ସପ୍ତାହ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। ଏହି ସମୟରେ ଲୋକମାନେ ଘରୁ ବାହାରକୁ ନ ବାହାରିବା ଉଚିତ। ତୃତୀୟ ପଜିଟିଭଙ୍କ ସମ୍ପର୍କରେ ସୂଚନା ଦେଇ ବାଗ୍‌ଚୀ କହିଛନ୍ତି ଯେ, ଆକ୍ରାନ୍ତ ବ୍ୟକ୍ତିଙ୍କ ବୟସ ୬୦। ସେ ମାର୍ଚ୍ଚ ୭ରେ ଦିଲ୍ଲୀ ଯାଇଥିଲେ। ଏହାପରେ ହରିୟାଣାରୁ ରିୱାଡି ଅଞ୍ଚଳକୁ ଯାଇ ମାର୍ଚ୍ଚ ୧୦ରେ ଇଣ୍ଡିଗୋ ୬-ଇ୨୦୧୪ ବିମାନ ଯୋଗେ ସପରିବାର ଭୁବନେଶ୍ୱର ଫେରିଥିଲେ। ମାର୍ଚ୍ଚ ୧୩ରେ ସେ ଅସୁସ୍ଥ ଅନୁଭବ କରିଥିଲେ। ମାର୍ଚ୍ଚ ୧୬ରେ ବିଧାନସଭା ଡାକ୍ତରଖାନାରେ ଦେଖାଇଥିଲେ। ଏଥିରେ ସାମାନ୍ୟ ସୁସ୍ଥ ହୋଇଥିବାବେଳେ ସପ୍ତାହ ପରେ ପୁଣି ଅସୁସ୍ଥ ଅନୁଭବ କରିବାରୁ ମାର୍ଚ୍ଚ ୨୩ରେ କର କ୍ଲିନିକରେ ଦେଖାଇଥିଲେ। ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ୨୪ରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ସେଠାରେ ତାଙ୍କ ରକ୍ତ ଓ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ତେବେ ଗୁରୁବାର ସମ୍ପୃକ୍ତ ରୋଗୀ ଜଣକ କରୋନାରେ ଆକ୍ରାନ୍ତ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ରୋଗୀ ଜଣକ ବିଧାନସଭା ଡିସ୍‌ପେନ୍‌ସାରି ଯାଇଥିବାରୁ ତାଙ୍କ ସଂସ୍ପର୍ଶରେ ବିଧାନସଭାର ଜଣେ କର୍ମଚାରୀ ଆସିଥିଲେ। ସେଥିପାଇଁ ସମସ୍ତ ବିଧାନସଭା କର୍ମଚାରୀଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ତାଙ୍କ ସ୍ତ୍ରୀ, ଝିଅ ଓ ଡ୍ରାଇଭରଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ଅନ୍ୟମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଚାଲିଛି ବୋଲି ବାଗ୍‌ଚୀ କହିଛନ୍ତି।

## ଫାଇଦା ଉଠାଉଛନ୍ତି ଅସାଧୁ ବ୍ୟବସାୟୀ

**ଖଇରା, ୨୭।୩(ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଖଇରା ତଥା ବ୍ଲକର ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ରାଶନ ସାମଗ୍ରୀ ଭଳି ଅତ୍ୟାବଶ୍ୟକ ଦୋକାନ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । କେତେକ ବ୍ୟବସାୟୀ ଏହି ସୁଯୋଗର ଫାଇଦା ଉଠାଇ ଜିନିଷର କୃତ୍ରିମ ଅଭାବ ଦେଖାଇ ଦର ବୃଦ୍ଧି କରିଚାଲିଛନ୍ତି। ମଙ୍ଗଳବାର ଆଳୁ କିଲୋ ୧୭ଟଙ୍କା ଥିବା ବେଳେ ବୁଧବାର ୨୫ଟଙ୍କା, ପିଆଜ ଦର ୨୫ରୁ ୩୦ବୃଦ୍ଧି କରାଯାଇଛି। ପ୍ରତ୍ୟେକ ଦିନ ୪ରୁ ୫ଟଙ୍କା ବଢୁଥିବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ନିରଞ୍ଜନ ସାହୁଙ୍କ ସହ ଯୋଗାଯୋଗ କରିବାରେ ସେ ବଜାରକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

# ଭୋକିଲା ପେଟକୁ ମୁଠାଏ ଅନ୍ନ

**ବରଗଡ଼ ଅଫିସ, ୨୭।୩**

କରୋନା ଭୂତାଣୁକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ କରାଯାଇଛି। ଏହି କଟକଣା ଲାଗୁ ହେବା ପରେ ସାଧାରଣ ଜନତାଙ୍କଠାରୁ ଅସହାୟଙ୍କ ସମସ୍ୟା ବଢ଼ି ଯାଇଛି। ଖାଇବାକୁ ନ ପାଇ ଅସହାୟ ଲୋକେ ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ ଆଦି ସ୍ଥାନରେ ଆଶ୍ରୟ ନେଇ ଭୋକଶୋଷରେ ରହୁଛନ୍ତି। ଏହାକୁ ହୃଦୟଙ୍ଗମ କରି ଗୁରୁବାର ବରଗଡ଼ ପୋଲିସ ଓ ସ୍ୱେଚ୍ଛାସେବୀମାନେ ଭୋକିଲା ପେଟକୁ ମୁଠାଏ ଅନ୍ନ ଯୋଗାଇବା ଅଭିଯାନରେ ବାହାରିଛନ୍ତି। ସ୍ଥାନୀୟ ହାଟପଦାର ସାଇ ଟ୍ରଷ୍ଟ ସହଯୋଗରେ ବରଗଡ଼ ପୋଲିସ ଅସହାୟମାନଙ୍କୁ ରନ୍ଧାଖାଦ୍ୟ ବିତରଣ କରିଥିଲା। ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର


ସ୍ୱେଚ୍ଛାସେବୀମାନେ ରନ୍ଧାଖାଦ୍ୟ ବଣ୍ଟନ କରୁଛନ୍ତି।

ରଣା, ଟାଉନ ଥାନା ଆଇଆଇସି ସଦନନ୍ଦ ପୂଜାହାରୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ସ୍ଥାନୀୟ ରେଳଷ୍ଟେଶନ, ବସଷ୍ଟାଣ୍ଡ, ଡାକ୍ତରଖାନାକୁ ଯାଇ ସେଠାରେ ରହିଥିବା ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଦେଇଥିଲେ। ଅନୁରୂପଭାବେ ସ୍ଥାନୀୟ ସାମାଜିକ କର୍ମୀ ବିକାଶ ଅଗ୍ରୱାଲ, ରୋହିତ ଜୟସ୍ୱାଲଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ଅସହାୟଙ୍କୁ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ଗୁରୁବାରରୁ ଅମୃତ ଆହାର ଅଭିଯାନରେ ବାହାରିଛନ୍ତି। ଏହି ଅଭିଯାନର ସ୍ୱେଚ୍ଛାସେବୀମାନେ ମଧ୍ୟ ବରଗଡ଼ ସହରରେ ଥିବା ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ, ଭଟଲି ରୋଡ୍ ଛକ, ଭିଏସ୍‌ଏସ ନଗର ଛକ ସମେତ ସହର ଉପକଣ୍ଠ ନାଗେନପାଲି ଛକ ଆଦି ଅଞ୍ଚଳକୁ ଯାଇ ଅସହାୟଙ୍କୁ ରନ୍ଧାଖାଦ୍ୟ ଯୋଗାଇଥିଲେ। ଯେତେଦିନ ପର୍ଯ୍ୟନ୍ତ ଲକ୍ ଡାଉନ୍ କଟକଣା ଲାଗୁ ରହିଥିବ, ସେତେଦିନ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିଥିବ ବୋଲି ସାମାଜିକ କର୍ମୀ ଅଗ୍ରୱାଲ କହିଛନ୍ତି। ଲକ୍ ଡାଉନ୍ ସମୟରେ ଅସହାୟଙ୍କ କ୍ଷୁଧା ମେଣ୍ଟାଇବା ଲକ୍ଷ୍ୟ ନେଇ ନିଜ ମଧ୍ୟରେ ସେମାନେ ପାଣ୍ଠି ସଂଗ୍ରହ କରିଛନ୍ତି ଏବଂ ନିଜେ ରନ୍ଧାବଢ଼ା କରି ଅସହାୟଙ୍କୁ ଏହି ସେବା ଯୋଗାଇ ଆସୁଥିବା ସେ ପ୍ରକାଶ କରିଛନ୍ତି।

# ଦୈନିକ ୪ ଘଣ୍ଟା ଖୋଲିବ ସବୁ ଆର୍‌ଟିଓ

- ୨୪ଘଣ୍ଟା ସତର୍କ ରହିବେ ଏନ୍‌ଫୋର୍ସମେଣ୍ଟ ଟିମ୍
- ଖୋର୍ଦ୍ଧା, ବଡ଼ବିଲ, ରାଇରଙ୍ଗପୁରରେ ଅତିରିକ୍ତ ଆର୍‌ଟିଓ ଖୋଲିବ

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ଲକ୍‌ଡାଉନ ସମୟରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ଦୈନିକ ୪ ଘଣ୍ଟା ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ରାଜ୍ୟରେ ୩ ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ମଧ ଖୋଲାଯିବ। ଖୋର୍ଦ୍ଧା, ବଡ଼ବିଲ ଏବଂ ରାଇରଙ୍ଗପୁରର ଅତିରିକ୍ତ ଆର୍‌ଟିଓ କାର୍ଯ୍ୟାଳୟ କେବଳ ଖୋଲା ରହିବ। ସକାଳ ୧୦ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ଶୁକ୍ରବାର ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ କାର୍ଯ୍ୟଦିବସଗୁଡ଼ିକରେ କେବଳ ଖୋଲା ରହିବ।

ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏନେଇ ସବୁ ଆର୍‌ଟିଓ ଏବଂ ୩ ଅତିରିକ୍ତ ଆର୍‌ଟିଓ ଅଫିସ୍ ପାଇଁ ଜାରି କରିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କରୋନା ଭାଇରସ୍ ଦୈନିକ କିପରି ଦେଶରେ ବ୍ୟାପିବାରେ ଲାଗିଛି ତାହା ଦେଖିବାକୁ ମିଳୁଛି। ଏହାର ପ୍ରତିଷେଧକ ବ୍ୟବସ୍ଥା ଭାବେ ସରକାର ସବୁ ଜିଲାରେ ଲକ୍‌ଡାଉନ ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାସହ ଲୋକମାନଙ୍କୁ ନିଜ ଘରେ ରହି କରୋନା ବିରୋଧରେ ଲଢ଼େଇ କରିବା ପାଇଁ ଅନୁରୋଧ କରାଯାଉଛି। ଏହି ସମୟରେ ସବୁ ଆର୍‌ଟିଓ ଏବଂ ଅତିରିକ୍ତ ଆର୍‌ଟିଓ କାର୍ଯ୍ୟାଳୟକୁ ୧୦ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ନିଷ୍ପତ୍ତି ନିଆଯାଇଛି। ମାତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ୨୪ଘଣ୍ଟା ସତର୍କ ରହିବାକୁ ପଡ଼ିବ। ଅତ୍ୟାବଶ୍ୟକ ମାଲ୍ ପରିବହନ କରୁଥିବା ଗାଡ଼ି ଏବଂ ଲୋକଙ୍କ ଜରୁରୀ ସମସ୍ୟା ଦିଗରେ ଏମାନଙ୍କୁ କାର୍ଯ୍ୟ କରିବାକୁ କୁହାଯାଇଛି।

**ବହିରାଗତଙ୍କ ଘର ବାହାରେ ଲାଗିଲା ପୋଷ୍ଟର**

ରାଇକିଆ,୨୭।୩(ଡି.ଏନ୍.ଏ.): କନ୍ଧମାଳ ଜିଲା ରାଇକିଆ ଅଞ୍ଚଳର ଯେଉଁମାନେ ରାଜ୍ୟ ବାହାରେ ରହି କାମ କରୁଥିଲେ ସେମାନେ ଏବେ ଗାଁକୁ ଫେରିଛନ୍ତି। ସେମାନଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି। ସାମାଜିକ ଦୂରତା ବଜାୟ ରଖିବା ପାଇଁ ମଧ ପରାମର୍ଶ ଦିଆଯାଇଛି। ପ୍ରଶାସନ ତରଫରୁ ସେମାନଙ୍କ ଘର ବାହାରେ ପୋଷ୍ଟର ମରାଯାଇଛି। ଏହି ଗୃହ ପ୍ରଶାସନର ନିରୀକ୍ଷଣରେ ରହିଛି ଏବଂ ସାମାଜିକ ବାସନ୍ଦ ଏକ ଦଣ୍ଡନୀୟ ଅପରାଧ ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ରାଇକିଆ ବ୍ଲକର ବିଭିନ୍ନ ପଞ୍ଚାୟତକୁ ୬୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିକଟରେ ରାଜ୍ୟ ଓ ଦେଶ ବାହାରୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଭାବେ ବାହାର ରାଜ୍ୟରେ କାମ କରୁଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଈଶାନ୍ ପରିବାରବର୍ଗ


ବାବୁଲି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଫସିଥିବା ଶ୍ରମିକଙ୍କ ପାଇଁ ଜାରି ହେଲା ହେଲ୍ପ ଲାଇନ୍ ନମ୍ବର

ଭୁବନେଶ୍ୱର,୨୭।୩(ବ୍ୟୁରୋ): କରୋନା ଯୋଗୁ ରାଜ୍ୟରେ ତଥା ରାଜ୍ୟ ବାହାରେ ଅନେକ ଶ୍ରମିକ ଫସି ରହିଛନ୍ତି। ଲକ୍‌ଡାଉନ୍ ଦ୍ୱାରା ଏହି ଶ୍ରମିକମାନେ ଯେପରି ଅସୁବିଧା ନ ଭୋଗିବେ, ସେଥି ପ୍ରତି ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଶ୍ରମ ଏବଂ ଇଏସ୍ଆଇ ପ୍ରମୁଖ ସଚିବ ଅନୁ ଗର୍ଗ ଏନେଇ ଗଣମାଧ୍ୟମକୁ ଅବଗତ କରାଇଛନ୍ତି। ଶ୍ରମ କମିଶନରଙ୍କ ପକ୍ଷରୁ ଏକ ହେଲ୍ପ ଲାଇନ ନମ୍ବର ଜାରିକରାଯାଇଛି। ଏହି ନମ୍ବରଟି ହେଉଛି- ୧୮୦୦୩୪୫୬୭୦୩। ଏଥିରେ ଯୋଗାଯୋଗ କରି ଶ୍ରମିକମାନେ ନିଜର ଅସୁବିଧା ସମ୍ପର୍କରେ ଜଣାଇପାରିବେ।

# ଟୋଲ୍ ଫ୍ରି ନଂ.୧୦୦ ଦେବ ଜରୁରିକାଳୀନ ସହାୟତା

**ଦ୍ୱନ୍ଦ୍ୱ ଦୂର କଲେ ପୋଲିସ କମିଶନର**

- ଚାଲି ଚାଲି ଯାଆନ୍ତୁ, ବୟସ୍କଙ୍କୁ ସହଯୋଗ କରନ୍ତୁ
- ହୋମ୍ ଡେଲିଭରି ବ୍ୟବସ୍ଥାକୁ ସୁଦୃଢ଼ କରାଯିବ

ଭୁବନେଶ୍ୱର,୨୭।୩ (ବ୍ୟୁରୋ)

କରୋନା ସଂକ୍ରମଣ ରୋକିବା ପାଇଁ ଏବେ ଓଡ଼ିଶା ସମେତ ସାରା ଦେଶ ଲକ୍‌ଡାଉନ୍। ଫଳରେ ଚାରିଆଡେ ଏବେ ପୋଲିସ ଛାଉଣୀ। ତେବେ ଏହି ସମୟରେ ଜରୁରୀ ଆବଶ୍ୟକତା ଥିଲେ ସହାୟତା ଯୋଗାଇଦେବ ପୋଲିସ। କିନ୍ତୁ ପୋଲିସ ହିଁ ବାଟ ଓଗାଳୁଥିବାରୁ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ହେଲେ ଗୁରୁବାର ଏହି ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ। ସେ କହିଛନ୍ତି, ସମସ୍ୟାରେ ପଡିଲେ ଟୋଲ୍ ଫ୍ରି ନଂ.୧୦୦କୁ ଡାଏଲ କରନ୍ତୁ। ସମସ୍ୟା ଜଣାଇଲେ ଆବଶ୍ୟକତା ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ। ରୋଗୀଙ୍କୁ ଡାକ୍ତରଖାନା ନେଇ ଯାଉଥିଲେ ପୋଲିସ ତାଙ୍କୁ ଅଟକାଇବନି। ରାଜଧାନୀର ଗ୍ରାଉଣ୍ଡ ସ୍ତରରେ ଏବେ ୬୪୦୦ ପୋଲିସ କର୍ମଚାରୀ କାମ କରୁଛନ୍ତି। ସମସ୍ତେ ହୁଏତ ସମସ୍ୟା ବୁଝିପାରିବେନି। ଯଦି କେହି ପୋଲିସ କର୍ମଚାରୀ ଅଟକାଉଛନ୍ତି, ୧୦୦କୁ ଫୋନ କଲେ ସମାଧାନ ହେବ। ଛାଡିବାକୁ ଭିଏଚ୍ଏଫ୍ ଜରିଆରେ ବାର୍ତ୍ତା ଯିବ। ତା'ପରେ ଆପଣ ଯାଇପାରିବେ। ଯଦି ପାଖରେ ପ୍ରେସକ୍ରିପ୍‌ଶନ ଅଛି, ତା' ହେଲେ ଔଷଧ ଆଣିବାକୁ ୧୦୦କୁ ଫୋନ କରନ୍ତୁ। ଏହାପରେ ଆପଣଙ୍କ ମୋବାଇଲ୍ ଫୋନ୍‌କୁ ଏସ୍ଏମ୍ଏସ୍ ମାଧ୍ୟମରେ ଅନୁମତି ମିଳିବ। ତାହାକୁ ଦେଖାଇ ଆପଣ ଯାଇପାରିବେ। ସେହିପରି ସମ୍ପର୍କୀୟଙ୍କ ମୃତ୍ୟୁ ହେଲେ ଶେଷ ଦର୍ଶନରେ ଯିବାକୁ ୧୦୦କୁ ଫୋନ୍ କରନ୍ତୁ। ଆମ କର୍ମଚାରୀ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାରେ ସହଯୋଗ କରିବେ। ଶେଷ ଦର୍ଶନ ପାଇଁ ସହରର ବାହାରକୁ ଯିବାକୁ ଚାହୁଁଥିଲେ ନିର୍ଦ୍ଦିଷ୍ଟ ସ୍ଥାନ ପର୍ଯ୍ୟନ୍ତ ଆମେ ପାସ୍ ଯୋଗାଇ ଦେଇପାରିବୁ। ଏହି ସେବାକୁ ଆହୁରି ତ୍ୱରାନ୍ୱିତ କରାଯିବ। ଏବେ ଡାଏଲ୍ ନଂ.୧୦୦ରେ ୧୨ଜଣ କାମ କରୁଛନ୍ତି। ଆଗାମୀ ଦିନରେ ୨୪କୁ ବୃଦ୍ଧି କରାଯିବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

କମିଶନର ଷଡ଼ଙ୍ଗୀ ସହରବାସୀଙ୍କୁ ଆଉ କେତେକ ପରାମର୍ଶ ଦେଇଛନ୍ତି। ୧ କିମି ଭିତରେ ପରିବା ଓ ଗ୍ରସେରି ସାମଗ୍ରୀ ଆଣିବା ପାଇଁ ଚାଲିଚାଲି ଯାଆନ୍ତୁ। ବୟସ୍କ ଲୋକଙ୍କୁ ଏମିତି ଜିନିଷ ଆଣିବାକୁ ପଡୋଶୀମାନେ ସାହାଯ୍ୟ କରନ୍ତୁ। ତେବେ ହୋମ୍ ଡେଲିଭରି ସିଷ୍ଟମକୁ ଆଉ ଟିକେ ସୁଦୃଢ଼ କରିବାକୁ ଚେଷ୍ଟା କରାଯାଉଛି। ରାଜ୍ୟରେ ସବୁ ପେଟ୍ରୋଲ ପମ୍ପ ଖୋଲା ରହିଛି। ହେଲେ ଗ୍ୟାରେଜଗୁଡ଼ିକ ବନ୍ଦ ରହୁଥିବାରୁ ଲୋକେ ସମସ୍ୟାରେ ପଡୁଥିବା ନଜରକୁ ଆସିଛି। ତେଣୁ ଏହାକୁ ଗୁରୁତ୍ୱର ସହ ନିଆଯାଇ ଆଲୋଚନା କରାଯିବ। ଯଦି ଅତ୍ୟଧିକ ସମସ୍ୟା ହେଉଥିବା ଅନୁଭବ ହେବ, ତେବେ ଗ୍ୟାରେଜ ଖୋଲିବାକୁ ଅନୁମତି ଦିଆଯିବ ବୋଲି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ସଚିବସ୍ତରୀୟ କମିଟିରେ ସ୍ଥାନ ପାଇଲେ ୫ ସଚିବ

**କରୋନା ମୁକାବିଲା**

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ରାଜ୍ୟରେ ତୃତୀୟ କରୋନା ପଜିଟିଭ୍‌ଙ୍କ ସନ୍ଧାନ ମିଳିସାରିଛି। ଏହି ବ୍ୟକ୍ତି ଏକାଧିକ ସ୍ୱାସ୍ଥ୍ୟାନୁଷ୍ଠାନ ଏବଂ ବହୁ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ଭବିଷ୍ୟତରେ ଗୋଷ୍ଠୀଗତ ସଂକ୍ରମଣ ଆଶଙ୍କା ରହିଛି। ତେଣୁ ଓଡ଼ିଶା ପ୍ରଶାସନ ନିଜର ପଦକ୍ଷେପକୁ ଆହୁରି ସୁଦୃଢ଼ କରିବାକୁ ଯାଉଛି। ବିଶେଷ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରଶାସନିକ କାର୍ଯ୍ୟ ଯେପରି ସୁରୁଖୁରୁରେ ହୁଏ, ସେଥିପ୍ରତି ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ଗୁରୁବାର ରାତିରେ ପ୍ରଶାସନିକସ୍ତରରେ କେତେକ ଅଦଳବଦଳ ହୋଇଛି।

କରୋନା ମୁକାବିଲା ପାଇଁ ଗଠନ କରାଯାଇଥିବା ସଚିବସ୍ତରୀୟ କମିଟିରେ ନୂତନ ଭାବେ ୫ ବିଭାଗୀୟ ଅଧିକାରୀଙ୍କୁ ନିଆଯାଇଛି। ଏମାନେ ହେଉଛନ୍ତି- ଶ୍ରମ ଏବଂ ଇଏସ୍ଆଇ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ କମିଶନର ତଥା ସଚିବ ବୀର ବିକ୍ରମ ଯାଦବ, ପୂର୍ତ୍ତ ବିଭାଗ କମିଶନର ତଥା ସଚିବ କ୍ରିଷ୍ଣନ କୁମାର ଏବଂ ଇ ଏବଂ ଆଇଟି ସଚିବ ମନୋଜ ମିଶ୍ର। ସେହିଭଳି ୨୦୦୨ ବ୍ୟାଚ୍ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବଭାବେ ଦାୟିତ୍ୱ ମିଳିଛି।

ସେହିପରି ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳଙ୍କୁ ୨୦୦୭ ବ୍ୟାଚ୍‌ର ଅରବିନ୍ଦ ଅଗ୍ରୱାଲ ଏବଂ ୨୦୦୮ ବ୍ୟାଚ୍‌ର ଭୁପେନ୍ଦ୍ର ସିଂ ପୁନିଆ ସହଯୋଗ କରିବେ ବୋଲି ଜଣାପଡିଛି।

## ରାଜ୍ୟ ବାହାରୁ ଆସିଛନ୍ତି ଘରକୁ ଲୁଚାଉଛନ୍ତି ପରିବାର ଲୋକେ

ଫୁଲବାଣୀ ଅଫିସ, ୨୭।୩

ଯଦି କେହି ଦେଶ କିମ୍ବା ରାଜ୍ୟ ବାହାରୁ ଘରକୁ ଫେରିଛନ୍ତି, ସେ ବିଷୟରେ ପରିବାର ଲୋକେ ତୁରନ୍ତ ପ୍ରଶାସନକୁ ଅବଗତ କରାଇବାକୁ ସରକାର ଏବଂ ଜିଲା ପ୍ରଶାସନର ନିର୍ଦ୍ଦେଶ ରହିଛି। କିନ୍ତୁ ସେମାନେ ଏହାକୁ ଲୁଚାଉଛନ୍ତି। କନ୍ଧମାଳ ଜିଲାରେ ଏପରି ଦେଖାଯାଇଛି। ଟିକାବାଲି ବ୍ଲକ ଶଙ୍କରାଖୋଲ ଅଞ୍ଚଳର ଜଣେ ଓ ଫୁଲବାଣୀ ସହରର ୨/୩ ଜଣ ଯୁବକ ପାଠ ପଢ଼ିବାକୁ ବାହାର ରାଜ୍ୟକୁ ଯାଇ ଫେରିଥିଲେ ମଧ ସେମାନେ କିମ୍ବା ସୋମନଙ୍କ ଅଭିଭାବକ କେହି ବି ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରୁନାହାନ୍ତି। ଫଳରେ ସେମାନେ ଅଲଗା ନ ରହି ଅନ୍ୟମାନଙ୍କ ସହ ମିଳାମିଶା କରୁଥିବାରୁ ଅସନ୍ତୋଷ ଦେଖାଦେଇଛି।

## ଓଡ଼ିଶାକୁ ମିଳିଲା ୧୭୯.୬୪ କୋଟି

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍)ରୁ ଓଡ଼ିଶାକୁ ୧୭୯.୬୪ କୋଟି ଟଙ୍କାର ସହାୟତା ରାଶି ମିଳିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକର ଅନୁମୋଦନ ପରେ ଓଡ଼ିଶା ପାଇଁ ଏହି ରାଶି ମଞ୍ଜୁର ହୋଇଛି। ନିକଟ ଅତୀତରେ ପ୍ରାକୃତିକ ବିପର୍ଯ୍ୟୟ ଯଥା-ବନ୍ୟା, ବାତ୍ୟା, ମରୁଡ଼ି, ଭୂସ୍ଖଳନ ଦ୍ୱାରା କ୍ଷତିଗ୍ରସ୍ତ ମୋଟ ୮ଟି ରାଜ୍ୟକୁ ଏହି ସହାୟତା ମିଳିଛି। ଏନ୍‌ଡିଆର୍‌ଏଫ୍ ଦ୍ୱାରା ମୋଟ ୫୭୫୧.୨୭ କୋଟି ଟଙ୍କାକୁ ଅନୁମୋଦନ ମିଳିଛି। ଓଡ଼ିଶା ସମେତ କେନ୍ଦ୍ରୀୟ ଅନୁଦାନ ପାଇଥିବା ଅନ୍ୟ ରାଜ୍ୟଗୁଡିକ ହେଉଛି- ବିହାର, କେରଳ, ନାଗାଲାଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ କର୍ନାଟକ।

## ନିଟ୍ ପରୀକ୍ଷା ବାତିଲ

ନୂଆଦିଲ୍ଲୀ,୨୭।୩

ଆଗାମୀ ମେ ୩ ତାରିଖରେ ହେବାକୁ ଥିବା ମେଡିକାଲ ଏଣ୍ଟ୍ରାନ୍ସ ପରୀକ୍ଷା ନିଟ୍(ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ)କୁ ବାତିଲ କରାଯାଇଛି। ପ୍ରତିବର୍ଷ ଏହି ଏଣ୍ଟ୍ରାନ୍ସ ପରୀକ୍ଷା ଅଣ୍ଡର ଗ୍ରାଜୁଏଟ ମେଡିକାଲ କିମ୍ବା ଏମ୍‌ବିବିଏସ୍, ବିଡିଏସ୍ ଛାତ୍ରୀଛାତ୍ରଙ୍କ ନାମଲେଖା ଲାଗି କରାଯାଇଥାଏ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ୍ ପୋଖରିୟାଲ ନିଶାଙ୍କ ଶୁକ୍ରବାର ଟୁଇଟ କରି ଏହି ପରୀକ୍ଷା ବାତିଲ କରାଯିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରମାନେ ଘରେ ରହି ଏହି ପରୀକ୍ଷା ଲାଗି ପ୍ରସ୍ତୁତ ହେବାକୁ ସେ ପରାମର୍ଶ ଦେଇଛନ୍ତି। କରୋନା ଭୂତାଣୁ ଦେଶ ତଥା ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟିକରି ଗୋଟିକ ପରେ ଗୋଟିଏ ମୁଣ୍ଡ ନେଉଥିବାବେଳେ ଏଭଳି ସ୍ଥିତିରେ ନିଟ୍ ପରୀକ୍ଷାକୁ ବାତିଲ କରାଯାଇଛି। ମେ ଶେଷ ସପ୍ତାହ ପର୍ଯ୍ୟନ୍ତ ନିଟ୍ ଓ ଜେଇଇ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ତେବେ ଏପ୍ରିଲ ୧୫ ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଡମିଟ୍ କାର୍ଡ ପ୍ରଦାନ କରାଯିବ ବୋଲି କୁହାଯାଇଛି। ନିଟ୍ ପରୀକ୍ଷା କେବେ ହେବ, ସେନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଘୋଷଣା କରାଯିବ ବୋଲି କୁହାଯାଇଛି।

## ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମୀକ୍ଷା କଲେ ଆରଡିସି

ବ୍ରହ୍ମପୁର ଅଫିସ,୨୭।୩

କରୋନା ସଂକ୍ରମଣର ପ୍ରତିରୋଧ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ଶୁକ୍ରବାର ସମୀକ୍ଷା କରିଛନ୍ତି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆଓ। ସିଟି ହସ୍ପିଟାଲ, ଏମ୍‌କେସିଜିରେ କରୋନା ସଂକ୍ରମଣ ଚିକିତ୍ସା କେନ୍ଦ୍ର ଓ ରହିବା ନିମିତ୍ତ କରାଯାଇଥିବା ଆଇସୋଲେଶନ ୱାର୍ଡ ପରିଦର୍ଶନ କରିବା ସହ ସେଠାରେ ଥିବା ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ଏଥିସହ ସହରରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ନେଇ ବ୍ରହ୍ମପୁର ମହାନଗର ନିଗମ ଓ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବୁଝିଥିଲେ। ବିଏମ୍‌ସି ପକ୍ଷରୁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଭେଣ୍ଡିଂ ଜୋନ ନିକଟରେ କରାଯାଇଥିବା ସର୍କଲ ବ୍ୟବସ୍ଥା ବୁଲି ଦେଖିଥିଲେ। ଆରଡିସିଙ୍କ ପରିଦର୍ଶନ ବେଳେ ବିଏମ୍‌ସି ଡେପୁଟି କମିଶନର ଆଶୁତୋଷ ସାମଲ, ସହକାରୀ ଜିଲାପାଳ ବିନୋଦ କୁମାର ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ୫ ଦଣ୍ଡୁଆଙ୍କୁ ଗିରଫ କଲା ପୋଲିସ

ହିଞ୍ଜିଳିକାଟୁ,୨୭।୩ (ଡି.ଏନ୍.ଏ.)


ଦଣ୍ଡୁଆମାନଙ୍କୁ ଗିରଫ କରାଯାଇଛି।

କୋଭିଡ଼-୧୯ ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଚଳିତବର୍ଷ ପାରମ୍ପରିକ ଦଣ୍ଡନାଚ ବନ୍ଦ ପାଇଁ ସରକାରୀ ସ୍ତରରେ ନିର୍ଦ୍ଦେଶ ରହିଛି। ହିଞ୍ଜିଳିକାଟୁ ବ୍ଲକ ଆଳପୁର ଗ୍ରାମରେ ଶୁକ୍ରବାର ଏହି ନିର୍ଦ୍ଦେଶକୁ ଅବମାନନା କରି ଦଣ୍ଡନାଚ ଆୟୋଜନ ପ୍ରସ୍ତୁତି ଚାଲିଥିଲା। ତହସିଲଦାର ତଥା କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ଗୋପୀନାଥ କୁଅଁର ଏହି ସୂଚନା ପାଇ ହିଞ୍ଜିଳି ଥାନାକୁ ଜଣାଇଥିଲେ। ପୋଲିସ ଉକ୍ତ ଗ୍ରାମରେ ପହଞ୍ଚି ୫ ଦଣ୍ଡୁଆଙ୍କୁ ଗିରଫ କରିଛି। ତହସିଲଦାରଙ୍କ ଅଭିଯୋଗକ୍ରମେ ନଂ.୧୦୩/୨୦ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

### ଇଏମ୍ଆଇରେ...

ହାର ଅନୁମାନକୁ ୪.୭% ରଖାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୫% ଅଭିବୃଦ୍ଧି ହାସଲ ଦିଗରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ବର୍ତ୍ତମାନର କରୋନାଜନିତ ସ୍ଥିତି ଯୋଗୁ ଏ କ୍ଷେତ୍ରରେ ଅନେକ ପ୍ରଭାବ ପରିଲକ୍ଷିତ ହୋଇଛି। ଲକ୍‌ଡାଉନ ଯୋଗୁ ଶିଳ୍ପ ୟୁନିଟ୍‌ଗୁଡ଼ିକ ବନ୍ଦ ହେବାକୁ ଥିବା ବେଳେ ଅନେକ ସଂଖ୍ୟାରେ ଲୋକ ବେକାର ହେବା ଆଶଙ୍କା ରହିଛି। ଅର୍ଥ ବ୍ୟବସ୍ଥା ଉପରେ କରୋନାର ପ୍ରଭାବକୁ ଧ୍ୟାନରେ ରଖି ତ୍ୱରିତ ହାରରେ ଏଭଳି ପଦକ୍ଷେପ ଘୋଷଣା କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ଏହାଦ୍ୱାରା ବଜାରରେ ନଗଦ ସମସ୍ୟା ହ୍ରାସହେବା ସହ ମଧ୍ୟବିତ୍ତ ଏବଂ ବାଣିଜ୍ୟ ଗୋଷ୍ଠୀକୁ ଫାଇଦା ହେବ ବୋଲି ମୋଦି ମତ ରଖିଛନ୍ତି। ଟର୍ମ ଲୋନ୍ ଇଏମ୍ଆଇ ଦେୟ ଲାଗି ୩ ମାସ କୋହଳ କରାଯାଇଥିବା ବେଳେ ୱାର୍କିଂ କ୍ୟାପିଟାଲ ଋଣ କ୍ଷେତ୍ରରେ ପଦକ୍ଷେପ ଲୋକଙ୍କ ଲାଗି ଲାଭକାରୀ ହେବ। ମାତ୍ର ବ୍ୟାଙ୍କଗୁଡ଼ିକ ରେପୋ ହ୍ରାସ ସୁବିଧା ଶୀଘ୍ର ଲୋକଙ୍କୁ ପ୍ରଦାନ କରନ୍ତୁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ସେହିଭଳି ସିଆର୍ଆର୍ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଯୋଗୁ ନଗଦ ସୁବିଧାକୁ ତ୍ୱରାନ୍ୱିତ କରିବା ସହ ପ୍ରଭାବିତ ଚାହିଦା ଏବଂ ନିବେଶ ବଢ଼ାଇବା ଦିଗରେ ସହାୟକ ହେବ ବୋଲି କୁହାଯାଇଛି। ଭାରତୀୟ ଅର୍ଥ ବ୍ୟବସ୍ଥାର ମୌଳିକ ଢାଞ୍ଚା ଦୃଢ଼ ରହିଛି। ୨୦୦୮-୦୯ର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାଠାରୁ ବର୍ତ୍ତମାନର ଦେଶର ସ୍ଥିତି ଉନ୍ନତ ରହିଛି ବୋଲି ଗଭର୍ନର ଦାସ କହିଛନ୍ତି। ସେ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ଦେଶର ବିତ୍ତୀୟ ନିଅଣ୍ଟ,ଚଳନ୍ତି ଖାତା ନିଅଣ୍ଟ ଏବଂ ମୁଦ୍ରାସ୍ଫୀତି ଅପେକ୍ଷାକୃତ ବହୁ ନିମ୍ନରେ ରହିଛି। ଷ୍ଟକ୍ ବଜାରର ମୂଲ୍ୟ ଖସିବା ଏବଂ ମୁଦ୍ରାର ବିନିମୟ ମୂଲ୍ୟ ସହ ତୁଳନାକରି ଦେଶର ଆର୍ଥିକ ସ୍ଥିତି ଦୋହଲିଯାଇଛି ବୋଲି ଭାବିନେବା ଠିକ୍ ହେବ ନାହିଁ।

### ଗରିବଙ୍କ ଲାଗି ୨୨ଶହ ...

ଦ୍ୱାରା ରାଜ୍ୟର ସମସ୍ତ ଗରିବ ଲୋକଙ୍କ ଜୀବନ ଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଛି। ସେଥିଲାଗି ଗରିବଙ୍କ କଲ୍ୟାଣ ସକାଶେ ୨୨୦୦କୋଟି ଟଙ୍କାର ପ୍ୟାକେଜ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀଙ୍କୁ ସରକାର ଆଗୁଆ ୩ ମାସର ସାମଗ୍ରୀ ପ୍ରଦାନ କରିବେ। ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ୯୪ ଲକ୍ଷ ପରିବାରକୁ ସରକାର ଆଗୁଆ ଏକ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବେ। ଏଥିରେ ୯୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାର ୪୮ ଲକ୍ଷ ହିତାଧିକାରୀଙ୍କୁ ୪ ମାସର ଆଗୁଆ ଭତ୍ତା ପ୍ରଦାନ କରାଯିବ। ଏଥିଲାଗି ୯୩୨ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟର ୨୨ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ସହାୟତା ରାଶି ଦେବା ପାଇଁ ଘୋଷଣା କରାଯାଇଛି। ଏଥିପାଇଁ ୩୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଘଡି ସନ୍ଧି ମୁହୂର୍ତ୍ତରେ ସମସ୍ତଙ୍କୁ ଘରେ ରହିବା ସହ ସାମାଜିକ ଦୂରତ୍ୱ ବଜାୟରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

### କ୍ୱାରାଣ୍ଟାଇନରେ ରହିବେ ...

ଆସିବା ପାଇଁ ଦଳର ନେତାମାନଙ୍କୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ଏବେ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟମାନଙ୍କୁ ଗାଡ଼ିରେ ଯିବାକୁ ବାରଣ କରାଯାଇଛି। କିନ୍ତୁ ବିଧାନସଭା ପାଇଁ ବିଧାୟକମାନଙ୍କୁ ଆସିବା ଜରୁରୀ ଥିବାରୁ ବାଟରେ ସେମାନଙ୍କୁ ପୋଲିସ ଯେଭଳି ବାଧା ସୃଷ୍ଟି ନ କରନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ ଜିଲାପାଳ ଓ ଏସ୍‌ପିମାନଙ୍କୁ ଜଣାଇ ଦିଆଯାଇଥିବା ବାଚସ୍ପତି ସୂଚନା ଦେଇଛନ୍ତି। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ ମାର୍ଚ୍ଚ ୩୧ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ପାସ୍ ହୋଇ ବଜେଟ ଅନୁମୋଦନ କରିବା ଲାଗି ସ୍ଥିର ହୋଇଥିଲା। କିନ୍ତୁ ବିଶେଷ ପରିସ୍ଥିତି ଦୃଷ୍ଟିରୁ ମାର୍ଚ୍ଚ ୩୧ ପରିବର୍ତ୍ତେ ମାର୍ଚ୍ଚ ୩୦ରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ହେବ ବୋଲି ବିଧାନସଭା ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ପରେ ମାର୍ଚ୍ଚ ୩୦ରୁ ଅନିର୍ଦ୍ଦିଷ୍ଟକାଳ ଲାଗି ବିଧାନସଭାକୁ ମୁଲତବୀ ଘୋଷଣା କରାଯିବ।

### ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କୁ ...

ମନ୍ତ୍ରୀଙ୍କ ସମେତ ଏମ୍‌ପିମାନଙ୍କଠାରେ ମଧ କୋଭିଡ୍-୧୯ ପଜିଟିଭ୍ ବାହାରିଛି। ବୋରିସ୍ କହିଛନ୍ତି, ଚିଫ୍ ମେଡିକାଲ ଅଫିସରଙ୍କ ପରାମର୍ଶକ୍ରମେ ମୁଁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲି। ମୋ'ଠାରେ କରୋନା ଭାଇରସ୍‌ର କେତେକ ଲକ୍ଷଣ ଦେଖିବାକୁ ମିଳିଛି। ଦେହର ତାପମାତ୍ରା ବଢ଼ିବା ସହ କଫ ଜମିଯାଇଛି। ତେଣୁ ଘରେ ସେଲ୍ଫ ଆଇସୋଲେଶନରେ ରହି କାମ କରୁଛି ବୋଲି ବୋରିସ୍ ନିଜ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରିଥିବା ଏକ ଭିଡିଓରେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ୧୦ ଡାଉନିଂ ଷ୍ଟ୍ରିଟ୍‌ର ଜଣେ ମୁଖପାତ୍ର କହିଥିଲେ, ବୋରିସ୍‌ଙ୍କଠାରେ କୋଭିଡ୍-୧୯ର କେତେକ ଲକ୍ଷଣ ଦେଖାଦେଇଛି। ତେବେ ସେ ସେଲ୍ଫ ଆଇସୋଲେଶନରେ ରହି ସରକାରର ନେତୃତ୍ୱ ନେବା ବଜାୟ ରଖିବେ।


classifieds Everyday 0674-2580101, 2549302




SALE

Flats for sale at DHPL Crystal Raghunathpur. Contact: 9937059891, 8908292617. D-17043

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082




2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-17044

Prabhakar Construction construct building. Quality building, timely delivery. 9437025258, 9437484711. D-17173

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଜନ୍ମଚନ୍ଦ୍ର ଯୋଗୁ ମନରେ ଅସ୍ଥିରତା ଲାଗିରହିବ। ଆଜି ଯାତ୍ରାକଲେ ବିବାଦ,ବିବାଦରେ ପରାଜୟ, ଗୃହାରମ୍ଭରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। କିନ୍ତୁ ଅର୍ଥସମ୍ପର୍କ, ବନ୍ଧୁଙ୍କ ମିତ୍ରତା, ପଡ଼ୋଶୀଙ୍କ ସୌହାର୍ଦ୍ଦ୍ୟ ଯୋଗୁ ମନ ଖୁସି ରହିବ। ଦେବାକୁ ପଡ଼ିବ ଆଶଙ୍କାରେ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**ବୃଷ** ପରିସ୍ଥିତି ଲାଘବ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ଚେଷ୍ଟା କରୁଥିବା କାମଟି ପାଇଁ କଠିନ ଶ୍ରମ କରିବାକୁ ପଡ଼ିବ। ସ୍ୱଗୃହାଭିମୁଖୀ ଶୁକ୍ର ପ୍ରଭାବରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ପାରିବାରିକ ସ୍ଥିତି ଗମ୍ଭୀର ରହିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ମିଥୁନ** ରାଶିରେ କାଳସର୍ପଯୋଗ ସଂଘଟିତ ହେଉଥିବାରୁ ସ୍ୱାସ୍ଥ୍ୟ ସଚେତନତା ଆପଣଙ୍କ ପାଇଁ ଜରୁରୀ ହୋଇପଡ଼ିବ। ବିବାଦ ଭିତରେ ପଶିଲେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ପ୍ରିୟଜନ କିମ୍ବା ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ତଥାପି ଆର୍ଦ୍ରା ନକ୍ଷତ୍ରର ମନ ଅସ୍ଥିର ରହିବ।

**କର୍କଟ** କର୍ମାଧିପ ପାପଗ୍ରସ୍ତ ଯୋଗୁ ଯେତେ ଭଲ କାମ କଲେ ମଧ ସମାଲୋଚିତ ହେବାକୁ ପଡ଼ିପାରେ। ପାରିବାରିକ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ପଡ଼ିପାରେ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ନେଇ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସହ ଆଲୋଚନା,ସାମୂହିକ କାର୍ଯ୍ୟ ସ୍ଥଗିତ ରହିବ।

**ସିଂହ** କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ କେତେକ ବାକିଆ କାମ ପାଇଁ ଚିନ୍ତା ବଢ଼ିଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସୂଚନା ରହିଛି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ସମସ୍ୟା ବଢ଼ିଯିବ।

**କନ୍ୟା** ପରିସ୍ଥିତିବଶତଃ ଚାପର ବଶବର୍ତ୍ତୀ ହୋଇ କଠିନ ପରିଶ୍ରମହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ନ ରହିବା ଏବଂ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇ ଅଶାନ୍ତ ରହିପାରନ୍ତି। ତଥାପି ହସ୍ତା ନକ୍ଷତ୍ର ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** ପାରସ୍ପରିକ ସହୃଦୟତାର ବୁଝାମଣା ହେତୁ ପରିବାରରେ ସୁଖ ଶାନ୍ତି ରାଜୁତି କରିବ। ବ୍ୟବସାୟରେ ସଫଳତା ହାସଲ କରିବେ, ତଥାପି କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ।

**ବିଛା** ଅଭିଳାଷ ପୂରଣ ନ ହେବା କାରଣରୁ ଅନୁରାଧା ନକ୍ଷତ୍ର ବାରମ୍ବାର ନିଜର ମତ ବଦଳାଇବାକୁ ବାଧ୍ୟ ହେବେ। ରବି ଓ ରାହୁଙ୍କ ପ୍ରଭାବରୁ ଜନକଲ୍ୟାଣ କାର୍ଯ୍ୟ, ପ୍ରଶାସନିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହୋଇପାରନ୍ତି। ଯାନବାହନରେ ଯାତାୟାତରେ ସତର୍କତା ରକ୍ଷା ନ କଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ** ପାପଗ୍ରହଯୁକ୍ତ ବୃହସ୍ପତିଙ୍କ ଯୋଗୁ ପାରିବାରିକ ସମସ୍ୟା ଭାବପ୍ରବଣତା ବୃଦ୍ଧିକରିବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସାମ୍ବାଦିକତା,ଗବେଷଣା,ସାମୂହିକ କାମ ଓ ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** ବନ୍ଧୁଙ୍କ ପରାମର୍ଶରେ ଦୀର୍ଘ ଦିନରୁ ଅଟକି ରହିଥିବା କୌଣସି କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ସ୍ଥିର କରିବେ। ପରିବାରରେ ଅପ୍ରୀତିକର ପରିସ୍ଥିତି ଜନିତ ଘଟଣାର ଦିଗ ବଦଳିଯାଇପାରେ। ଶିଳ୍ପ, ବ୍ୟବସାୟ, ଯୋଗାଯୋଗ, ପରିବହନ, ପ୍ରଶାସନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ବିଭିନ୍ନ ପ୍ରକାର ବାଧାବିଘ୍ନ ମଧ୍ୟରେ ଯେତେପ୍ରକାର ଉପାୟ ଅବଲମ୍ବନ କଲେ ମଧ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ଆପଣଙ୍କ ଦୁରବସ୍ଥା କ୍ଷେତ୍ରରେ ପାଖ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିବେ। ଷଷ୍ଠାଧିପତି ଯୁକ୍ତ ଶୁକ୍ର ହେତୁ ପରିବାରରେ ବୁଝାମଣା ଠିକ୍ ରହିଲେ ମଧ ବାହ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହେବ।

**ମୀନ** ପୁରାତନ ରୋଗର ପୀଡ଼ା ବୃଦ୍ଧି ଯୋଗୁ ମାନସିକ ସନ୍ତୁଳନ ହରାଇପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। ବନ୍ଧୁଙ୍କ ସହଯୋଗ କେତେକାଂଶରେ ସମସ୍ୟା ସମାଧାନରେ ସାହାଯ୍ୟ କରିବ।

ଆଜି ଚୈତ୍ର ଶୁକ୍ଳ ଚତୁର୍ଥୀ ଶନିବାର, ଶ୍ରୀମନ୍ଦିରରେ ବାଡିନୃସିଂହ ବିଜେ, ମାର୍ଚ୍ଚ ୨୮ ତାରିଖ, ଆର୍ଥଆୱାର ଦିବସ(ରାତ୍ର ଘ୮।୩୦ମି.ରୁ ଘ୯।୩୦ମି.), ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଦିବା ଘ.୧୨।୫୧ଗତେ କୃତ୍ତିକା, ମେଷ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୯।୫୦ଗତେ ଘ.୦୧।୦୪ ମଧ୍ୟେ, ରାତ୍ର ଘ.୦୮।୧୮ଗତେ ଘ.୧୦।୪୦ ମଧ୍ୟେ, ଘ.୧୨।୧୫ଗତେ ଘ.୦୧।୪୯ ମଧ୍ୟେ, ଘ.୦୨।୩୭ ଗତେ ଘ.୦୪।୧୧ ମଧ୍ୟେ ଅମୃତବେଳା। ଅଦ୍ୟ ମାହେନ୍ଦ୍ରବେଳା ନାସ୍ତି। ଦିବା ଘ.୦୮।୪୯ ଗତେ ଘ.୧୦।୨୦ମଧ୍ୟେ ରାହୁକାଳ।



# ଚାଇନା ତଥ୍ୟ ଲୁଚାଇବା ମହଙ୍ଗା ପଡ଼ିଲା

ୱାଶିଂଟନ,୨୭।୩

କରୋନା ଭୂତାଣୁ ବିଶ୍ୱର ଅଧିକାଂଶ ଭାଗରେ ଜୀବନଯାତ୍ରାକୁ ଏକପ୍ରକାର ଅଚଳ କରିଦେଇଛି। ଚାଇନାର ହୁବେଇ ପ୍ରଦେଶରୁ ସୃଷ୍ଟ ଏହି ଭୂତାଣୁ ୧୯୮ଟି ଦେଶକୁ ବ୍ୟାପିଥିବାବେଳେ ୨୪ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାଣି ଓ ୫ ଲକ୍ଷ ୩୭ ହଜାର ଏଥିରେ ଆକ୍ରାନ୍ତ ହୋଇଛନ୍ତି। ତେବେ କରୋନା ସଂକ୍ରମଣ ସମ୍ପର୍କରେ ଚାଇନା ପ୍ରଥମରୁ ସ୍ୱଚ୍ଛତା ଅବଲମ୍ବନ କରିଥିଲେ ସ୍ଥିତି ଏତେ ଖରାପ ହୋଇ ନ ଥାନ୍ତା ବୋଲି ଆମେରିକାର 'ନ୍ୟାଶନାଲ ରିଭ୍ୟୁ' ପତ୍ରିକାରେ ପ୍ରକାଶ ପାଇଛି।

**କରୋନା ସଂକ୍ରମଣ**

ହୁବେଇର ଉହାନ ସହରରେ ଡିସେମ୍ବର ମାସରେ ପ୍ରଥମେ ଏହି ଭୂତାଣୁ ସଂକ୍ରମଣ ହୋଇଥିଲା। ତେବେ ଚାଇନା କର୍ତ୍ତୃପକ୍ଷ ଏହାକୁ ଗୋପନ ରଖିଥିଲେ। ଫଳରେ ଏହା ଅଧିକ ହାନିକାରକ ହେଲା। ପତ୍ରିକାରେ ଉଲ୍ଲେଖ ଅଛି, ସମ୍ଭବତଃ ଚାଇନାର ମାଛମାଂସ ବଜାରରେ ପ୍ରାଣୀ ଦେହରୁ ଏହି ଭୂତାଣୁ ମଣିଷ ଶରୀରକୁ ସଂକ୍ରମିତ ହୋଇଥିଲା। ଡିସେମ୍ବର ୧ରେ ଏଭଳି ଲକ୍ଷଣ ଥିବା ପ୍ରଥମ ରୋଗୀ ଚିହ୍ନଟ ହୋଇଥିଲା। ଏହାର ୫ ଦିନ ପରେ ଉକ୍ତ ରୋଗୀଙ୍କ ସ୍ତ୍ରୀ ଦେହକୁ ଏହି ଭୂତାଣୁ ସଂକ୍ରମିତ ହୋଇଥିଲା। ସେ ମାଛମାଂସ ହାଟକୁ ଯାଇ ନ ଥିଲେ। ତାଙ୍କୁ ନିମୋନିଆ ହୋଇଥିବା ଭାବି ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇଥିଲା। ଏହି ଭୂତାଣୁ ଜଣକ ଦେହରୁ ଅନ୍ୟ ଜଣକ ଦେହକୁ ସଂକ୍ରମିତ ହେଉଥିବା ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଉହାନର ଡାକ୍ତରମାନେ ଜାଣିବାକୁ ପାଇଥିଲେ। ୨୫ରେ ଉହାନର ଦୁଇଜଣ ମେଡିକାଲ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ପରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଥିଲା। ସଂକ୍ରମିତଙ୍କଠାରେ ସାର୍ସ ଭଳି ଲକ୍ଷଣ ଦେଖାଦେଉଥିବା ହ୍ୱିସିଲ୍‌ବ୍ଲୋୟର ଡାକ୍ତର ଲି ୱେନ୍‌ଲିଆଙ୍ଗ ଅନ୍ୟ ଡାକ୍ତରମାନଙ୍କୁ ସତର୍କ କରାଇ ସୁରକ୍ଷାଗତ ପଦକ୍ଷେପ ନେବା ଲାଗି ଆହ୍ୱାନ ଦେଇଥିଲେ। ତେବେ ଭୂତାଣୁ ମଣିଷ ଦେହରୁ ଅନ୍ୟ ଶରୀରକୁ ସଂକ୍ରମିତ ହୋଇଥିବାର କୌଣସି ପ୍ରମାଣ ନାହିଁ ଓ କୌଣସି ମେଡିକାଲ କର୍ମଚାରୀ ସଂକ୍ରମିତ ହୋଇ ନ ଥିବା ଉହାନ ମ୍ୟୁନିସିପାଲ ହେଲ୍‌ଥ କମିଶନ ଘୋଷଣା କରିଥିଲେ। ଡାକ୍ତରମାନେ ପ୍ରଥମେ କରୋନା ଭୂତାଣୁ ଚିହ୍ନଟ କରିବାର ୩ ସପ୍ତାହ ପରେ ଚାଇନା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)କୁ ଜଣାଇଥିଲା। ସେପଟେ ଡାକ୍ତର ଲି ୱେନଲିଆଙ୍ଗ ମିଛ ଗୁଜବ ପ୍ରଚାର କରୁଥିବା ଅଭିଯୋଗରେ ତାଙ୍କ ପାଖକୁ ସମନ ପଠାଯାଇଥିଲା। ସେ ଥାନାକୁ ଯାଇ ଏଭଳି ଭୁଲ୍ କରିବେ ନାହିଁ ବୋଲି ଲେଖିଥିଲେ। ଅଜଣା ରୋଗ ସମ୍ପର୍କରେ କୌଣସି ସୂଚନା ପ୍ରକାଶ ନ କରିବାକୁ ଚାଇନାର ନ୍ୟାଶନାଲ ହେଲ୍‌ଥ କମିଶନ ଅନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଜାରି କରିଥିଲେ। ଏପରିକି ଉହାନରେ ନୂଆ ରୋଗକୁ ନେଇ ନମୁନା ପରୀକ୍ଷା ବନ୍ଦ ରଖିବାକୁ ହୁବେଇ ପ୍ରାଦେଶିକ ହେଲ୍‌ଥ କମିଶନ ନିର୍ଦ୍ଦେଶ ଦେଇଥିଲେ। ଉହାନ ସହରରେ ୫୯ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ ହେଁ ସେମାନେ ନିମୋନିଆରେ ପୀଡିତ ବୋଲି ଜାନୁୟାରୀ ୬ରେ ରିପୋର୍ଟ ପ୍ରକାଶ ପାଇଥିଲା। କରୋନା ଭୂତାଣୁ ଚିହ୍ନଟ ହୋଇଥିବା ସେହିମାସ ୮ରେ ଚାଇନାର ମେଡିକାଲ କର୍ତ୍ତୃପକ୍ଷ ଦାବି କରିଥିଲେ ହେଁ ଏହା ଜଣକ ଦେହରୁ ଅନ୍ୟଜଣକୁ ସଂକ୍ରମିତ ହେଉଥିବା ନେଇ ସ୍ପଷ୍ଟ ପ୍ରମାଣ ଦେଇପାରି ନ ଥିଲେ। ଅଜଣା ଭାବେ କରୋନା ରୋଗୀଙ୍କ ଚିକିତ୍ସା କରିଥିବା ଡାକ୍ତର ୱେନ୍‌ଲିଆଙ୍ଗ ଜାନୁୟାରୀ ୧୨ରେ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଜାନୁୟାରୀ ୧୩ରେ ଚାଇନା ବାହାରେ ପ୍ରଥମେ ଥାଇଲାଣ୍ଡର ଜଣେ ମହିଳାଙ୍କୁ କରୋନା ସଂକ୍ରମିତ ହୋଇଥିବା ଖବର ପ୍ରକାଶ ପାଇଥିଲା। ଜାନୁୟାରୀ ୧୫ରେ ଜାପାନରେ ପ୍ରଥମ ମାମଲା ପଦାକୁ ଆସିଥିଲା। ଭୂତାଣୁ ଜଣକଠାରୁ ଅନ୍ୟ ଜଣକୁ ବ୍ୟାପୁଥିବା ଉହାନର ଡାକ୍ତରମାନେ ଜାଣିଥିବା ସତ୍ତ୍ୱେ ଚାନ୍ଦ୍ର ନବବର୍ଷ ପାଳନ ଅବସରରେ ୪୦,୦୦୦ ପରିବାର ଏକାଠି ହେବାକୁ ଅନୁମତି ଦିଆଯାଇଥିଲା। ୨୧ରେ ଆମେରିକାରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଉକ୍ତ ବ୍ୟକ୍ତି ୬ ଦିନ ପୂର୍ବରୁ ଚାଇନାରୁ ଫେରିଥିଲେ। ୨୨ରେ ଡବ୍ଲ୍ୟୁଏଚ୍‌ଓ ପ୍ରତିନିଧି ଉହାନ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମ କରୋନା ମାମଲା ପଦାକୁ ଆସିବାର ପ୍ରାୟ ଦୁଇମାସ ପରେ ଚାଇନା କର୍ତ୍ତୃପକ୍ଷ କ୍ୱାରାଣ୍ଟାଇନ ପାଇଁ ପ୍ରଥମ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଥିଲେ। ସେତେବେଳକୁ ବହୁସଂଖ୍ୟାରେ ଚାଇନା ନାଗରିକ ଅନ୍ୟ ଦେଶକୁ ଯାଇଥିଲେ, ଯେଉଁମାନେ କରୋନା ଭୂତାଣୁର ବାହକ ସାଜିଲେ। ଆରମ୍ଭରୁ ସତର୍କ ହୋଇଥିଲେ ଏହା ରୋକାଯାଇପାରିଥାନ୍ତା ବୋଲି କୁହାଯାଉଛି।

# ଗାଁ ପ୍ରବେଶ ପଥରେ ବାଡ଼, ଗ୍ରାମବାସୀଙ୍କ ଶପଥ ପାଠ

ପୁରୀ ଅଫିସ,୨୭।୩

କରୋନା ବିରୋଧୀ ଲଢେଇରେ ଜିତିବାକୁ ହେଲେ ସମସ୍ତଙ୍କୁ ଘରେ ରହିବାକୁ କୁହାଯାଉଛି। କିନ୍ତୁ ସହରରେ ଅନେକେ ଲକ୍‌ଡାଉନ କଟକଣା ମାନୁ ନାହାନ୍ତି। କୌଣସି ଜରୁରୀ କାମ ନ ଥିଲେ ବି ବାହାରେ ବୁଲୁଛନ୍ତି। ଏଥିପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। କିନ୍ତୁ ଗାଁ ଲୋକେ କରୋନା ବିରୋଧୀ ଲଢେଇକୁ ଜୋର୍‌ଦାର କରୁଛନ୍ତି। ସଚେତନତାକୁ ମଧ୍ୟ ଆପଣାଇଛନ୍ତି। ଅନେକ ଗ୍ରାମରେ ଲୋକେ ସେମାନଙ୍କ ଗାଁ ଭିତରକୁ କାହାରିକୁ ଛାଡୁ ନ ଥିବାବେଳେ କେତେକ ଗ୍ରାମରେ ଲୋକେ ଶପଥ ପାଠ ମଧ୍ୟ କରିଛନ୍ତି। ଏଥିପାଇଁ ଜିଲାର ବିଭିନ୍ନ ଗାଁ ପ୍ରବେଶ ପଥରେ ବାଡ଼ ପକାଯାଇଥିବା ଦେଖିବାକୁ ମିଳିଛି। କୋଣାର୍କ ଥାନା ଅଧୀନ ସୁତନ ଗାଁ ପ୍ରବେଶ ପଥରେ ଗ୍ରାମବାସୀ ବାଡ଼ ପକାଇ ଦେଇଛନ୍ତି। ବାହାର ଲୋକଙ୍କ ପ୍ରବେଶ ନିଷେଧ। ନିହାତି ଆବଶ୍ୟକ ନ ହେଲେ ଆମ ଗାଁକୁ ଏପ୍ରିଲ ୧୪ ପର୍ଯ୍ୟନ୍ତ କେହି ଆସନ୍ତୁ ନାହିଁ ବୋଲି ସୂଚନା ଫଳକ ଲଗାଯାଇଛି। ସେହିପରି ବ୍ରହ୍ମଗିରି ଥାନା ଅଧୀନ କାଳିକାବାଡି ଗାଁରେ କାହାରିକୁ ପୂରାଇ ଦେବୁ ନାହିଁ କି ବାହାରକୁ ଯିବୁ ନାହିଁ ବୋଲି ଗ୍ରାମବାସୀ ଶପଥ ପାଠ କରିଛନ୍ତି। ଗାଁ ଲୋକେ ସାମାଜିକ ଦୂରତ୍ୱ ରକ୍ଷା କରି ଏହି ଶପଥ ପାଠ କରିଥିବା ଦେଖିବାକୁ ମିଳିଛି। କେବଳ ଏହି ଦୁଇ ଗାଁ ନୁହେଁ ପୁରୀ ଜିଲାର ନିମାପଡ଼ା, ବଳଙ୍ଗା ପ୍ରଭୃତି ଅଞ୍ଚଳର ଅନେକ ଗାଁ ପ୍ରବେଶ ପଥରେ ବାଡ଼ ପକାଯାଉଛି।

**କରୋନା ବିରୋଧୀ ଲଢେଇ ଜୋର୍ ଧରିଲା**



## 'କରୋନା' ପାଇଁ ହ୍ରିତିକ-ସୁଜାନ ଏକାଠି



**ମୁମ୍ବାଇ:** ହୁଏତ ଆପଣ ହ୍ରିତିକ-ସୁଜାନଙ୍କ ଯୋଡ଼ିକୁ ଭୁଲି ଯାଇଥିବେ। ବଲିଉଡରେ କିଛି ଦିନେ ଏହି ଯୋଡ଼ି ବେଶ୍ ଲୋକପ୍ରିୟ ଥିଲେ। କିନ୍ତୁ ପରେ ଏହି ଦମ୍ପତି ସମସ୍ତଙ୍କ ହୃଦୟକୁ ଭାଙ୍ଗି ଅଲଗା ହୋଇଯାଇଥିଲେ। ତେବେ ଆଜି ସାରା ଦୁନିଆକୁ ଭୟଭୀତ କରି ରଖିଥିବା କରୋନା ଭାଇରସ ଏହି ଦମ୍ପତିଙ୍କୁ ପୁଣି ଏକାଠି କରିଦେଇଛି। କଥାଟା ଏକ୍‌ଦମ୍ ସତ। ହ୍ରିତିକ ଓ ସୁଜାନଙ୍କ ୨ ପୁଅ ହେଲେ ରେହାନ ଏବଂ ରିଦାନ। ସେମାନଙ୍କ ଉପରେ ଛାଡ଼ପତ୍ରର ପ୍ରଭାବ ଯେପରି ନ ପଡ଼େ ଏଥିଲାଗି ଦୁହେଁ ସବୁବେଳେ ଚେଷ୍ଟା କରିଥାନ୍ତି। ଏଥିଲାଗି ସମୟେ ସମୟେ ପିଲାମାନଙ୍କ ପାଖରେ ଦୁହେଁ ସମୟ ବିତାଉଛନ୍ତି। କରୋନା ସଂକ୍ରମଣ ରୋକିବା ଲାଗି ଚାରିଆଡ଼େ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଦୁଇ ପିଲାଙ୍କ ପ୍ରତି ଧ୍ୟାନ ରଖିବା ପାଇଁ ଉଭୟ ଏକାଠି ଅଛନ୍ତି। ହ୍ରିତିକଙ୍କ ଦୁଇ ପୁଅ ତାଙ୍କ ପାଖରେ ରହୁଛନ୍ତି। ସୁଜାନ ସେମାନଙ୍କ ପ୍ରତି ଧ୍ୟାନ ରଖିବା ପାଇଁ ହ୍ରିତିକଙ୍କ ଜୁହୁସ୍ଥିତ ବାସଭବନକୁ ସିଫ୍ଟ ହୋଇଛନ୍ତି। ସମସ୍ତେ ସେଲ୍ଫ ଆଇସୋଲେଶନରେ ଅଛନ୍ତି। ସୁଜାନ ତାଙ୍କ ପାଖକୁ ଆସିଥିବାରୁ ସେ ଇନଷ୍ଟାଗ୍ରାମ ମାଧମରେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଏସ୍‌ସିବିରେ ପହଞ୍ଚିଲା ଭେଣ୍ଟିଲେଟର

**କଟକ ଅଫିସ୍,୨୭।୩:** କରୋନାର ସଫଳ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚଣ୍ଡିଗଡ଼ର ଏକ କମ୍ପାନୀକୁ ଗତ ୨୦ତାରିଖରେ ଓଡ଼ିଶା ରାଜ୍ୟ ଔଷଧ ନିଗମ ୧୫ଟି ଭେଣ୍ଟିଲେଟର କିଣିବାକୁ ଚିଠି ଲେଖିଥିଲେ। ଶୁକ୍ରବାର ଚଣ୍ଡିଗଡ଼ର ଭେଣ୍ଟିଲେଟରଗୁଡ଼ିକ ଆସି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ପହଞ୍ଚିଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୪୮ ବାଇକ୍ ଜବତ, ୫ ମାମଲା ରୁଜୁ

**ପୁରୀ ଅଫିସ୍,୨୭।୩:** ଲକଡାଉନ ସମୟରେ ଶୁକ୍ରବାର କୌଣସି କାମ ନ ଥାଇ ବାହାରେ ବୁଲୁଥିବା ବେଳେ ପୁରୀ ପୋଲିସ ୪୮ଟି ବାଇକ୍ ଜବତ କରିଛି। ସେହିପରି ଏହି ନିୟମ ଉଲ୍ଲଂଘନ ଅଭିଯୋଗରେ ୫ଟି କେସ୍ ରୁଜୁ ହୋଇଛି ।

## ଶପଥ କଲେ ମହେଶ୍ୱର

**ପୁରୀ ଅଫିସ,୨୭।୩:** ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କରୋନା ମୁକାବିଲା ପାଇଁ ଶପଥ ପାଠ କରିଛନ୍ତି। ସେ ତାଙ୍କର ଘର ଆଗରେ ଏହି ଶପଥ ପାଠ ପତ୍ର ଲଗାଇଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ମୁଁ ମହେଶ୍ୱର ମହାନ୍ତି ମୋର ମାଆ ବାପାଙ୍କ ନାମରେ ଶପଥ କରି କହୁଛି ଯେ, ବର୍ତ୍ତମାନ ସମୟରେ ବାହାରକୁ ଯିବି ନାହିଁ। ବାହାରକୁ ଗଲେ କରୋନା ଭାଇରସ୍ ମୋ ସାଥିରେ ମୋ ଘରକୁ ଆସିପାରେ ଏବଂ ମୋ ପରିବାର ତଥା ସାହି ପଡ଼ୋଶୀଙ୍କ କ୍ଷତି କରିପାରେ। ଯଦି ଅତ୍ୟନ୍ତ ଜରୁରୀ କାମରେ ବାହାରକୁ ଯିବି ତେବେ ଫେରିବା ସମୟରେ ସାବୁନରେ ଭଲ ଭାବେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ହାତ ଧୋଇ ଘରକୁ ପଶିବି। କରୋନା ଭାଇରସ୍‌କୁ କେବେ ବି ମୋ ଘରେ ପଶିବାକୁ ଦେବି ନାହିଁ। ମୋ ପରିବାର କିମ୍ବା କାହା ପାଇଁ ବିପଦର କାରଣ ହେବି ନାହିଁ।




# ସଞ୍ଚିତ ଅର୍ଥରେ ମାନବ ସେବା

ଜଟଣୀ,୨୭।୩(ଡି.ଏନ.ଏ)



**ଭୋକିଲା ମଣିଷ, ପଶୁପକ୍ଷୀଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି ଗୌରୀ**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଦେଶରେ ଲକ୍‌ଡାଉନ୍ ଜାରି ହୋଇଥିବା ବେଳେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରେ ଖାଦ୍ୟ ନ ପାଇ ଭୋକରେ ଆଉଟୁପାଉଟୁ ହେଉଛନ୍ତି ନିରାଶ୍ରିତ, ଭିକାରି, ଦିବ୍ୟାଙ୍ଗ ଏବଂ ପଶୁପକ୍ଷୀ। ଏଭଳି ସମୟରେ ସେମାନଙ୍କ ନିକଟରେ ପହଞ୍ଚିଛନ୍ତି ଯାଁଳା ଅଞ୍ଚଳର ଗୌରୀ ସାହୁ। ଘରୁ ରନ୍ଧାଖାଦ୍ୟ ନେଇ ସେମାନଙ୍କୁ ପରଷି ଦେଉଛନ୍ତି। ଏହି ଘଟଣା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

ଜଟଣୀର ବିଭିନ୍ନ ସ୍ଥାନରେ ନିରାଶ୍ରୟ, ଭିକାରିଙ୍କ ସମେତ ବୁଲାକୁକୁର, ଗାଈ, ଷଣ୍ଢଙ୍କ ସହ କାଉ, ପାରା ପ୍ରଭୃତି ଖାଦ୍ୟ ପାଇଁ ଡହଳବିକଳ ହେଉଥିବା ଗୌରୀ ଜାଣିବାକୁ ପାଇଥିଲେ। ଏହାକୁ ନେଇ ତାଙ୍କ ମନରେ ଚିନ୍ତା ଘାରିଥିଲା। ସେମାନଙ୍କୁ ଖାଦ୍ୟ ବାଣ୍ଟିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ। ଏହାପରେ ନିଜ ସଞ୍ଚିତ ଅର୍ଥରେ କିଛି ସାମଗ୍ରୀ ଓ ପନିପରିବା କିଣିଥିଲେ। ଗତ ଦୁଇଦିନ ହେଲା ସେଥିରେ ଖାଦ୍ୟ ପ୍ରସ୍ତୁତ କରି ତାକୁ ନେଇ ସ୍ଥାନୀୟ ରେଲୱେ ମାର୍କେଟ୍, ରେଲଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନକୁ ଯାଇ ରାସ୍ତାକଡ଼, ଦୋକାନ ବାରଣ୍ଡା ଓ ଗଛମୂଳେ ପଡ଼ିରହିଥିବା ଅସହାୟ, ଭିକାରି, ଦିବ୍ୟାଙ୍ଗଙ୍କୁ ପରଷି ଦେଉଛନ୍ତି। ସେମାନଙ୍କ ମୁହଁରେ ହସ ଦେଖି ତାଙ୍କ ମନ ବି ଖୁସିରେ ପୂରି ଉଠୁଛି ବୋଲି ଗୌରୀ କହିଛନ୍ତି। ସେ ବୁଲାକୁକୁର, ଗାଈ, ଷଣ୍ଢଙ୍କ ସମେତ କାଉ, ପାରା ଓ ଅନ୍ୟ ପକ୍ଷୀଙ୍କୁ ମଧ୍ୟ ବିସ୍କୁଟ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦେଉଛନ୍ତି। ଖାଦ୍ୟ ନେଇ ପହଞ୍ଚିବା ମାତ୍ରେ ତାଙ୍କୁ ବୁଲା କୁକୁର, ଗୋରୁ ଓ ପକ୍ଷୀ ଆଦି ଘେରି ଯାଉଛନ୍ତି। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ମହେନ୍ଦ୍ର ସାହୁ ତାଙ୍କୁ ଏ ନେଇ ସହଯୋଗ କରୁଥିବା ଗୌରୀ କହିଛନ୍ତି। ଏହାଦେଖି କେତେକ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଏଥିଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଗୌରୀଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ସାମ୍ପ୍ରତିକ ପରିସ୍ଥିତିରେ ଲୋକେ ଘରୁ ବାହାରୁ ନ ଥିବାବେଳେ ନିରାଶ୍ରୟ ଓ ପଶୁପକ୍ଷୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ଗୌରୀଙ୍କ ଏଭଳି ପ୍ରୟାସ ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ଅଞ୍ଚଳବାସୀ କହିଛନ୍ତି।

# କଏଦୀ ଖଲାସ ପାଇଁ କମିଟି ଗଠନ

ଭୁବନେଶ୍ୱର,୨୭।୩ (ବ୍ୟୁରୋ)

**ଜେଲରେ ସାମାଜିକ ଦୂରତା ପାଇଁ ପ୍ରୟାସ**

- ୭ବର୍ଷରୁ ଅଧିକ ସଜା କାଟିଥିଲେ ପାରୋଲରେ ଘରକୁ ଯିବେ
- ମାସ୍କ ପ୍ରଦାନ ସହ ନୂଆ କଏଦୀଙ୍କୁ ସ୍ୱତନ୍ତ୍ର ସେଲ୍‌ରେ ରଖାଯାଉଛି

ରାଜ୍ୟରେ ଥିବା ୯୦ ଜେଲରେ ଆବଶ୍ୟକତାଠାରୁ ଅଧିକ କଏଦୀ ଅଛନ୍ତି। ସମ୍ଭାବ୍ୟ କରୋନା ସଂକ୍ରମଣ ରୋକିବା ପାଇଁ ଜେଲ ଭିତରେ ସାମାଜିକ ଦୂରତା ବଜାୟ ରଖିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏକ କମିଟି ଗଠନ କରିଛି ଗୃହ ବିଭାଗ। ଯେଉଁ କଏଦୀମାନେ ୭ ବର୍ଷରୁ ଅଧିକ ଦିନ ସଜା କାଟିଛନ୍ତି ସେମାନଙ୍କୁ ପାରୋଲରେ ଘରକୁ ଯିବାକୁ ଦିଆଯିବ। କଏଦୀଙ୍କ ଆଚରଣ ଓ ଦଣ୍ଡ ଅବଧିକୁ ଦୃଷ୍ଟିରେ ରଖି ଏହି କମିଟି କଏଦୀଙ୍କ ନାମ ଚୟନ କରି ବିଭିନ୍ନ ଜେଲ୍‌କୁ ତାଲିକା ପଠାଇବ। ଏହାପରେ ଜେଲରେ ଥିବା କଏଦୀମାନଙ୍କୁ ପାରୋଲରେ ଯିବାକୁ ଦିଆଯିବ। ପରବର୍ତ୍ତୀ ନିର୍ଦ୍ଦେଶ ପରେ ସେମାନେ ପୁଣି ଜେଲ୍‌କୁ ଫେରିଆସିବେ ବୋଲି ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଏବେ ଜେଲ ବିଭାଗକୁ କରୋନା ସଂକ୍ରମଣ ଚିନ୍ତା ଘାରିଛି। କିଭଳି କଏଦୀମାନଙ୍କୁ କରୋନା ସଂକ୍ରମଣ ନ ହେବ ସେଥିପାଇଁ ଏଭଳି କେତେକ ପଦେକ୍ଷପ ଗ୍ରହଣ କରାଯିବାକୁ ଚିନ୍ତା କରାଯାଉଛି। ଏବେ କଏଦୀମାନଙ୍କୁ ମାସ୍କ ଦିଆଯିବା ସହ ସାନିଟାଇଜର ମଧ୍ୟ ବ୍ୟବହାର କରିବାକୁ ଦିଆଯାଇଛି। ନୂଆକରି ଯେଉଁ କଏଦୀମାନେ ଜେଲକୁ ଆସିଛନ୍ତି ସେମାନଙ୍କୁ ସ୍ୱତନ୍ତ୍ର ସେଲରେ ରଖାଯାଉଛି। ଏପରିକି ସିଡିଏମ୍‌ଓ ନିୟମିତ ଜେଲକୁ ଯାଇ କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସଚେତନ କରୁଛନ୍ତି। ଏହାସହ କମ୍ ଭିଡ଼ ଥିବା ଜେଲକୁ ୮୫୬ କଏଦୀଙ୍କୁ ସ୍ଥାନାନ୍ତର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି।

# ଲକ୍‌ଡାଉନ୍ ପାଇଁ ଦିଲ୍ଲୀରୁ ରିକ୍ସାରେ ବାହାରିଲେ ବିହାର



**ନୂଆଦିଲ୍ଲୀ:** କରୋନା ସଂକ୍ରମଣ ରୋକିବା ପାଇଁ ସମଗ୍ର ଦେଶରେ ଲକ୍ ଡାଉନ୍ ଘୋଷଣା କରାଯାଇଛି। ଏଥିରେ ସାରା ଦେଶର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୋଇଛି। ଶ୍ରମିକ ଏବଂ ଦିନ ମଜୁରିଆମାନେ ମଜୁରି କଲେ ହିଁ ଖାଇବାକୁ ପାଇଥାନ୍ତି। ଦିନ ମଜୁରିଆଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପେଟ ପୋଷିବା ପାଇଁ ଲୋକେ ନିଜ ଘର ଛାଡ଼ି ବହୁ ଦୂରକୁ ଯାଇ ପରିବାର ପ୍ରତିପୋଷଣ ପାଇଁ କାମ କରିଥାନ୍ତି। କିନ୍ତୁ ବର୍ତ୍ତମାନ କରୋନା ପାଇଁ ସବୁଠି କଡ଼ା କଟକଣା। ଲକ୍‌ଡାଉନ ପାଇଁ ଲୋକେ ଘରେ ଏକପ୍ରକାର ବନ୍ଦ ହୋଇ ରହିଛନ୍ତି। ରୋଜଗାର ନ ଥିବାରୁ ସବୁ ଏବେ ଘରମୁହାଁ ହେଉଛନ୍ତି। କିନ୍ତୁ ଘରକୁ ଯିବା ପାଇଁ ପରିବହନ ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ। ଯାତାୟାତ କରିବା ପାଇଁ ଲୋକେ ବହୁ ହଇରାଣ ହେଉଛନ୍ତି। ସେଥିଲାଗି କେହି ଚାଲିକି ତ ଆଉ କିଏ ସାଇକେଲ, ରିକ୍ସାରେ ନିଜ ଘରକୁ ପଳାଉଛନ୍ତି। ଘଟଣାଟି ହେଉଛି ଦିଲ୍ଲୀର। ଦିଲ୍ଲୀରେ ରିକ୍ସା ଚଳାଉଥିବା ହରେନ୍ଦର ମହତୋଙ୍କ ସହିତ ତାଙ୍କ ପରିବାରର ୫ ପ୍ରାଣୀ ତିନୋଟି ରିକ୍ସାରେ ବିହାରର ମୋତିହାରୀକୁ ବାହାରିଛନ୍ତି। କେବେ ପହଞ୍ଚିବେ ଜାଣି ନାହାନ୍ତି। ଦିଲ୍ଲୀରୁ ବିହାର ଦୂରତା ୧୦୧୮ କି.ମି.। ଯିବା ବହୁତ କଷ୍ଟ ହୋଇଥିବାବେଳେ ସେ କିନ୍ତୁ ନିଷ୍ପତ୍ତି କରି ବାହାରିଛନ୍ତି। ୨୨ ତାରିଖଠୁ କାମ ନ ଥିବାରୁ ଖାଇବା ପିଇବାରେ ବହୁତ ହଇରାଣ ହେବାକୁ ପଡୁଛି। ୫ରୁ ୭ ଦିନ ପହଞ୍ଚିବା ପାଇଁ ଲାଗିବ ବୋଲି ହରେନ୍ଦର କହିଛନ୍ତି।

## ରାଜସ୍ଥାନ ଡାକ୍ତରଙ୍କ ନାଚ ଭାଇରାଲ୍

**ନୂଆଦିଲ୍ଲୀ:** କରୋନା ଭାଇରସ୍ ସଂକ୍ରମିତ ବ୍ୟକ୍ତିମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସାହସ ଓ ଦକ୍ଷତାକୁ ସବୁ ସ୍ତରରେ ଲୋକେ ପ୍ରଶଂସା କରୁଛନ୍ତି। ଘର ପରିବାରକୁ ଛାଡ଼ି ୨୪ ଘଣ୍ଟା ସେମାନେ ଡାକ୍ତରଖାନାରେ ରୋଗୀଙ୍କ ପାଖରେ ରହି ସେବା କରି ଚାଲିଛନ୍ତି। ତେବେ ଏପରି ଏକ ସମୟରେ ଡାକ୍ତରମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ସବୁ ସ୍ତରରେ ଲୋକେ ଉତ୍ସାହିତ କରୁଛନ୍ତି। ସବୁ ଦେଶରେ ଡାକ୍ତରମାନଙ୍କ ଜୀବନ ଏବେ ଏକ ସନ୍ଦିହାନ ଅବସ୍ଥାରେ ଥିବାବେଳେ ରାଜସ୍ଥାନ ଡାକ୍ତରମାନଙ୍କ ଏକ ଭିଡିଓ ଏବେ ସମସ୍ତଙ୍କୁ ଉତ୍ସାହିତ କରିପାରିଛି। ରାଜସ୍ଥାନର ଏକ ସରକାରୀ ଡାକ୍ତରଖାନାର ଡାକ୍ତରମାନେ 'ଛୋଡୋ କଲ୍ କି ବାତେଁ' ଗୀତରେ ସମୂହଭାବେ ନାଚ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ଡାକ୍ତରମାନଙ୍କର ଏହି ଭିଡିଓଟି ଏବେ ଭାଇରାଲ୍ ହେବାରେ ଲାଗିଛି।

# ପ୍ରିୟଜନଙ୍କୁ ଅନ୍ତିମ ବିଦାୟ ଦେଇପାରୁନି ପରିବାର

**ନୂଆଦିଲ୍ଲୀ, ୨୭।୩:** ମହାମାରୀ କରୋନା ସାରା ବିଶ୍ୱ ପାଇଁ ଦୁଃଖ ଆଣିଦେଇଛି। ସାମାଜିକ କଟକଣାଠାରୁ ଅଧିକ କଷ୍ଟ ଦେଉଛି ପରିବାର ତଥା ପ୍ରିୟଜନଙ୍କଠାରୁ ଦୂରେଇ ରହିବା ଏବଂ ସେମାନଙ୍କୁ ହରାଇବା। ଇଟାଲୀରେ ଏବେ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ଏଠାରେ କୋଭିଡ୍-୧୯ ଭାଇରସ୍ ଯୋଗୁ ବହୁ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟୁଛି। ହେଲେ ସେମାନଙ୍କ ମୃତ୍ୟୁ ପୂର୍ବରୁ ଏବଂ ପରେ ଆପଣାର କେହି ଦେଖିବା ଏବଂ ଶେଷ ବିଦାୟ ଦେବାର ସୁଯୋଗ ମଧ୍ୟ ପାଇପାରୁ ନାହାନ୍ତି। ଏଠାରେ ଏହି ମହାମାରୀ ଜଣେ ସଂକ୍ରମିତ ବ୍ୟକ୍ତିଙ୍କୁ ଥରେ ନୁହେଁ ବରଂ ଦୁଇଥର ମାରୁଛି। ଏହା ପରିବାର ଲୋକଙ୍କ କଷ୍ଟ ମଧ୍ୟ ବଢ଼ାଉଛି। ଜଣେ ବ୍ୟକ୍ତି ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଚିହ୍ନଟ ହେବା ପରେ ତାଙ୍କୁ ମେଡିକାଲରେ ଏକାକି ରହିବାକୁ ହୋଇଥାଏ। ସଂକ୍ରମଣ ଆଶଙ୍କାରେ ଅନ୍ୟ କାହାକୁ ମଧ୍ୟ ସେଠାକୁ ଯିବାକୁ ଅନୁମତି ନ ଥାଏ। ଏହା କୌଣସି ମୃତ୍ୟୁଠାରୁ କମ୍ ନୁହେଁ। ପୁଣି ଯେତେବେଳେ ତାଙ୍କର ମୃତ୍ୟୁ ଘଟିଥାଏ, ସେତେବେଳେ ମଧ୍ୟ ନିଜର କେହି ନଥାନ୍ତି। ଯାହାକି ସେମାନଙ୍କୁ ଅଧିକ ମାନସିକ ଯନ୍ତ୍ରଣା ଦେଉଛି। ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ କହିବା ହେଲା ମୃତଦେହରେ ଭାଇରସ୍‌ର ସଂକ୍ରମଣ ହୋଇ ନ ଥାଏ। ହେଲେ ମୃତ ବ୍ୟକ୍ତିଙ୍କ ବସ୍ତ୍ରରେ ତାହା କିଛି ଘଣ୍ଟା ପର୍ଯ୍ୟନ୍ତ ରହିପାରେ। ତେଣୁ ମୃତଦେହକୁ ତୁରନ୍ତ ସିଲ୍ କରିବା ଜରୁରୀ ହୋଇଥାଏ। ତେବେ ଅନେକ ପରିବାର ଶେଷ ଥର ପାଇଁ ମୃତଦେହକୁ ଦେଖିବା ପାଇଁ ଅନୁରୋଧ କରିଥାନ୍ତି, ହେଲେ ଏହା ନିଷେଧ ବୋଲି ଶ୍ମଶାନରେ ଶେଷକୃତ୍ୟ ଦାୟିତ୍ୱରେ ଥିବା କର୍ମଚାରୀ କହୁଛନ୍ତି। ସେହିପରି ଅନେକ ପରିବାର ଲୋକେ କ୍ୱାରାଣ୍ଟାଇନ୍‌ରେ ରହୁଥିବା ଯୋଗୁ ଏଠାରେ ଶବଗୃହ(ଫ୍ୟୁନେରାଲ୍ ହୋମ୍) କର୍ମକର୍ତ୍ତା ହିଁ ମୃତ ବ୍ୟକ୍ତିଙ୍କ ପରିବାର, ବନ୍ଧୁ ଏବଂ ପୂଜାରୀଙ୍କ ସମସ୍ତ ଭୂମିକା ତୁଲାଇଥାନ୍ତି ବୋଲି ମିଲାନ୍‌ସ୍ଥିତ ଶବଗୃହ କାର୍ଯ୍ୟକର୍ତ୍ତା ଆଣ୍ଡ୍ରିଆ ସେରାଟୋ କୁହନ୍ତି। ପରିବାର ଲୋକେ ଏମାନଙ୍କ ଉପରେ ବିଶ୍ୱାସ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥାଏ। ତେବେ ଏମାନେ ମୃତ ବ୍ୟକ୍ତିଙ୍କ କଫିନ୍‌ର ଏକ ଫଟୋ ଉଠାଇ ପରିବାର ତଥା ନିଜ ଲୋକଙ୍କ ନିକଟକୁ ପଠାଇଥାନ୍ତି।

**ଇଟାଲୀର ଦୁଃଖ**



ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେ କୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ।

-ଶ୍ରୀଅରବିନ୍ଦ

# ବାବୁଙ୍କ ଚାହିଦା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅଶ୍ୱିନୀ ଲୋହାନିଙ୍କ ଦକ୍ଷତା ଏୟାର ଇଣ୍ଡିଆରେ ପ୍ରତିପାଦିତ ହୋଇଛି। ତାଙ୍କ ପରେ ଏୟାର ଇଣ୍ଡିଆରେ ନିଯୁକ୍ତି ପାଇଥିବା ଅଧିକାରୀ ଜଣେ ଦକ୍ଷ ବ୍ୟକ୍ତି ହୋଇଥିଲେ ମଧ୍ୟ ସେ ଲୋହାନିଙ୍କ ଭଳି ନୁହନ୍ତି। ଜଣେ ବାବୁ ଭାବେ ଲୋହାନିଙ୍କର ଏବେ ବି ଚାହିଦା ରହିଛି। ସେ ଦୁଇଥର ସମସ୍ୟା ବହୁଳ କ୍ୟାରିୟରକୁ ନିୟନ୍ତ୍ରଣ କରି ଅନେକ ଦକ୍ଷତା ପ୍ରତିପାଦନ କରିଥିଲେ। ସେଥି ମଧ୍ୟରେ ରେଲୱେ ବୋର୍ଡର ଅଧ୍ୟକ୍ଷ ହେବା ଦ୍ୱାରା କେତେକେ ଭାବିଥିଲେ ଯେ ଜଣେ ପ୍ରଶାସକ ଭାବେ ଲୋହାନୀଙ୍କ ସଫଳତାର ଦୌଡ଼ ଶେଷ ହୋଇଗଲା। କିନ୍ତୁ ଆନ୍ଧ୍ରପ୍ରଦେଶରେ ଜଗନମୋହନ ରେଡ୍ଡୀ ସରକାର ଏବେ ତାଙ୍କୁ କ୍ୟାବିନେଟ ପାହ୍ୟା ସହିତ ଆନ୍ଧ୍ରପ୍ରଦେଶ ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। କିନ୍ତୁ ଲୋହାନି ଜଣେ ଇଣ୍ଡିଆନ ରେଲୱେ ସର୍ଭିସ ଅଫ୍ ମେକାନିକାଲ ଇଞ୍ଜିନିୟର୍ସର ଅଧିକାରୀ ହୋଇ ବିମାନ ଚଳାଚଳ କ୍ଷେତ୍ରରେ କୌଣସି ପୂର୍ବ ପୃଷ୍ଠଭୂମି ନ ଥିଲେ ବି ଏୟାର୍ ଇଣ୍ଡିଆରେ ତାଙ୍କ କାର୍ଯ୍ୟକାଳ ତାଙ୍କୁ ଚର୍ଚ୍ଚିତ କରିଥିଲା। ଏୟାର ଇଣ୍ଡିଆରେ ସେ ଅସନ୍ତୁଷ୍ଟ କର୍ମଚାରୀଙ୍କୁ ଶାନ୍ତ କରିଥିଲେ। ଏୟାର ଇଣ୍ଡିଆର ସମ୍ପ୍ରସାରଣ କରି ଏବଂ ପୁନଃ ସ୍ଥିତିକୁ ଫେରାଇ ଆଣିଥିଲେ। ଯଦି ସେ ଏହାର ଘରୋଇକରଣ ଉପରେ ନିରୀକ୍ଷଣ କରି ବନ୍ଦ କରି ନ ଥାନ୍ତେ କି ଏକ ସରଳ ପରିବର୍ତ୍ତନ ନିଶ୍ଚିତ କରି ନ ଥାନ୍ତେ ତେବେ ତାଙ୍କ ଦକ୍ଷତାରେ ପୂର୍ଣ୍ଣଚ୍ଛେଦ ପଡିଯାଇଥାଆନ୍ତା। କିନ୍ତୁ ସ୍ପଷ୍ଟଭାବେ ତାଙ୍କ ପ୍ରଶାସନିକ କୌଶଳ ତାଙ୍କୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ପ୍ରିୟପାତ୍ର କରିପାରିଛି। ରାଜ୍ୟର ପର୍ଯ୍ୟଟନ କ୍ଷମତାକୁ ଠିକ୍ ଭାବେ ଉପଯୋଗ କରିବେ ବୋଲି ଆଶା କରାଯାଉଛି। ପୂର୍ବତନ ଅର୍ଥ ସଚିବ ସୁବାସ ଚନ୍ଦ୍ର ଗର୍ଗଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ପୂର୍ବତନ ବାବୁ ଯିଏ କି ଦିଲ୍ଲୀରୁ ରାଜ୍ୟକୁ ଆସିଛନ୍ତି। ତେବେ ଯେଉଁମାନେ ସ୍ଥାନୀୟ ସ୍ତରରେ ଶାସନ କରୁଛନ୍ତି ସେମାନଙ୍କ ପାଇଁ ଏହା ଏକ ଚିନ୍ତାର ବିଷୟ ପାଲଟିଛି।

### ରହସ୍ୟମୟ ହ୍ରାସ

ପଦୋନ୍ନତି ମାଧ୍ୟମରେ ଆଇଏଏସ୍, ଆଇପିଏସ୍ ଏବଂ ଅନ୍ୟ ଗ୍ରୁପ୍ ଏ' ସେବା ଅଧିକାରୀମାନଙ୍କ ନିଯୁକ୍ତି ୨୦୧୬ ରୁ ୨୦୧୮ ମଧ୍ୟରେ ୫୦ ପ୍ରତିଶତ ହ୍ରାସ ପାଇଛି। ଲୋକସଭାର ଏକ ପ୍ରଶ୍ନରୁ ଜଣାପଡିଥିଲା ଯେ,୨୦୧୮ରେ ପଦୋନ୍ନତି ମାଧ୍ୟମରେ ହୋଇଥିବା ନିଯୁକ୍ତି ସଂଖ୍ୟା ଥିଲା ୨,୯୧୮। ତୁଳନାତ୍ମକ ଭାବେ ଏହା ୨୦୧୬ ଓ ୨୦୧୭ରେ ଥିଲା ଯଥାକ୍ରମେ ୫,୯୫୩ ଓ ୫,୯୪୪। ତେବେ ପଦୋନ୍ନତିରେ ଏଭଳି ଅତ୍ୟଧିକ ହ୍ରାସ ପଛରେ କ'ଣ କାରଣ ରହିଛି ତାହା କାହାକୁ ଜଣା ନ ଥିବା ହୃଦ୍‌ବୋଧ ହେଉଛି। ସୂତ୍ରରୁ ପ୍ରକାଶ ଯେ, ଏବେ କୋର୍ଟରେ ଚାଲିଥିବା ମାମଲା, କେତେ ଜଣ ଅବସର ନେବା ଆଦି କାରଣରୁ ଏଭଳି ହ୍ରାସ ଘଟିଥାଇପାରେ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ଅଧିକାରୀମାନେ କହନ୍ତି । କିନ୍ତୁ ପଦୋନ୍ନତିରେ ଘଟିଥିବା ୫୦ ପ୍ରତିଶତ ହ୍ରାସ ଉପରେ ଏହି କାରଣଗୁଡିକ ବ୍ୟାଖ୍ୟା କରିପାରେନାହିଁ। ମୁଖ୍ୟତଃ, ଆମେ ଯେତେବେଳେ ଆଉ ଗୋଟିଏ ତଥ୍ୟ ବିଚାରକୁ ନେବା ଦେଖିବା ଯେ, କେନ୍ଦ୍ରରେ ଏବେ ବହୁ ସଂଖ୍ୟାରେ ପଦ ଖାଲି ପଡିଛି। ବିଭିନ୍ନ କମିଟି ଓ ସିଲେକସନ ପ୍ୟାନେଲଗୁଡିକ ଦ୍ୱାରା ଯୁଗ୍ମ ସଚିବ ପଦରୁ ସଚିବ ପଦକୁ କରାଯାଉଥିବା ପଦୋନ୍ନତି ଏହାର ଗୋଟିଏ କାରଣ ବୋଲି କୁହାଯାଉଛି। ଯଦି ଏହି କମିଟିଗୁଡିକର ବୈଠକରେ ବିଳମ୍ବ ହୁଏ ତେବେ ପଦୋନ୍ନତି ହୋଇପାରିବନି। ତାହା ହେଲେ ବି ଏହା ବାସ୍ତବରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତି।

### ବେପରୁଆ ଆଚରଣ

ପ୍ରଶାସନିକ ଅଧିକାରୀମାନେ ନିୟମକୁ ଅନୁସରଣ କରନ୍ତି ଓ ଅନ୍ୟମାନଙ୍କୁ ସେହି ନିୟମ ମାନିବାକୁ ବାଟ ଦେଖାନ୍ତି। କିନ୍ତୁ ଏଠାରେ ଏବେ ତାହା ପରିଲକ୍ଷିତ ହେଉନାହିଁ, ଏପରିକି ସାରାଦେଶରେ ଲକ୍‌ଡାଉନ ବା ତାଲାବନ୍ଦ କରାଯାଇ ଜୀବନ ନେଉଥିବା କୋଭିଡ୍ -୧୯ ସଂକ୍ରମଣ ବିରୋଧରେ ଲଢିବା ପାଇଁ ଏକ ସାହସିକ ପଦକ୍ଷେପ ନିଆଯାଇଥିବାବେଳେ ବି ଏହା ଦେଖାଯାଉନାହିଁ। ମହାମାରୀ କରୋନା ସଂକ୍ରମଣ ରୋକିବା ଲାଗି ସରକାର କ୍ୱାରାଣ୍ଟାଇନରେ ,ସାମାଜିକ ଦୂରତ୍ୱ ଏବଂ ଅନ୍ୟ ଉପାୟରେ ରହିବାକୁ କଡ଼ା ନିୟମ ଲାଗୁ କରିବାବେଳେ କେତେଜଣ ବାବୁ କେତେଜଣ ଭିଆଇପି ଓ ସେମାନଙ୍କ ଭଳି ବ୍ୟକ୍ତିଙ୍କ ଇଚ୍ଛାପୂରଣ କରିବା ଲାଗି ନିୟମ ଭଙ୍ଗ କରୁଛନ୍ତି। ନିକଟରେ ଘଟିଥିବା ଏକ ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ ଯାହା ସମସ୍ତେ ଜାଣନ୍ତି। ମୁମ୍ବାଇରେ ରହୁଥିବା ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପରିବାର ଇଂଲଣ୍ଡରୁ ଆସି ବିମାନବନ୍ଦରରେ ଓହ୍ଲାଇବା ପରେ ତାଙ୍କ ଘରକୁ ଚାଲିଯାଇଥିଲେ। ବାସ୍ତବରେ ଏହାକୁ ଅଶିକ୍ଷିତା ଏବଂ ମୂର୍ଖାମି ବୋଲି କୁହାଯାଇପାରେ। ପରେ ପଶ୍ଚିମବଙ୍ଗରେ ପ୍ରଥମ କୋଭିଡ୍-୧୯ ସଂକ୍ରମିତ ଚିହ୍ନଟ ହେବା ପରେ ବରିଷ୍ଠ ଅଧିକାରୀମାନଙ୍କୁ ସେଲ୍ଫ କ୍ୱାରାଣ୍ଟାଇନରେ ରହିବାକୁ ବାଧ୍ୟ କରିଥିଲା। ବିଶେଷ କରି ରାଜ୍ୟ ଗୃହ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ପୁଅ ଲଣ୍ଡନରୁ ଫେରିଲେ, କିନ୍ତୁ ପଶ୍ଚିମବଙ୍ଗର ସିଭିଲ ସର୍ଭିସ ଅଧିକାରୀରୁ ଆଇଏଏସ୍‌କୁ ପଦୋନ୍ନତି ପାଇଥିବା ତାଙ୍କ ମା' ତଥାପି ଅଫିସ ଯାଇ ଶୀର୍ଷ ଅଧିକାରୀମାନଙ୍କୁ ସାକ୍ଷାତ କରିବା ସହ ମିଟିଂରେ ମଧ୍ୟ ଯୋଗ ଦେଇଥିଲେ। ତାଙ୍କ ପୁଅ କେବଳ କୌଣସି ପରୀକ୍ଷା କରିବାକୁ ଚାହିଁ ନ ଥିଲେ,ବରଂ ସନ୍ଦିଗ୍ଧ ଦୃଷ୍ଟିରେ ଦେଖାଯିବାର ବହୁ ପରେ ବି ସେ ଏଥିରୁ ଦୂରେଇ ରହିଥିଲେ। ଆମମାନଙ୍କ ମନରେ ଭୟ ସୃଷ୍ଟି କରିଥିବା କରୋନା ଭାଇରସ୍ ବିରୋଧରେ ଲଢେଇ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଥିବାବେଳେ ଏହି ଅସାବଧାନତା ତଥା ବେପରୁଆ ଆଚରଣ ଯୋଗୁ ଏବେ ପୋଲିସ ମହାନିର୍ଦ୍ଦେଶକ,ଗୃହ ସଚିବ ଏବଂ କେତେଜଣ ଆଇପିଏସ୍ ଓ ଆଇଏଏସ୍ ଅଧିକାରୀଙ୍କ ଭଳି ଶୀର୍ଷ ପ୍ରଶାସନିକ ଅଧିକାରୀମାନଙ୍କୁ ଆଇସୋଲେଶନରେ ରହିବାକୁ ପଡିଛି।

Email: dilipcherian@gmail.com

# ଘରୋଇକରଣରେ ସୁଇଟ୍‌ହାର୍ଟ ଡିଲ୍



ସହଦେବ ସାହୁ

ଗତ ଫେବୃୟାରୀ ଶେଷରେ ବସିଥିବା ଓଡିଶା ସରକାରଙ୍କ ୨୨ତମ ଉଚ୍ଚସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ (ହାଇଲେଭଲ୍ କ୍ଲିଅରାନ୍ସ ଅଥରିଟି)ର ୨୨ତମ ମିଟିଂରେ ଇସ୍ପାତ କ୍ଷେତ୍ରରେ ୩ଟି ପ୍ରସ୍ତାବ ଗ୍ରହଣ କରିଛନ୍ତି, ମୋଟ ୬୯୨୩.୨୬ କୋଟି ଟଙ୍କା ନିବେଶ ହେବ ଓ ୪୬୩୮ ନୂଆ ନିଯୁକ୍ତି ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମଞ୍ଜୁରି ମିଳିଛି। ଏଥିରେ ଅଛି ତ୍ରିବେଣୀ ଆର୍ଥ ମୁଭର୍ସ କମ୍ପାନୀର ପ୍ରସ୍ତାବ- କେଉଁଝରର ଦେଓଝରଠାରେ ବାର୍ଷିକ ୩୦ ମିଲିୟନ ଟନ ଉତ୍ପାଦନ କ୍ଷମତାର ଏକ ଉନ୍ନତୀକରଣ କାରଖାନା (ବିନିଫିସିଏସନ୍ ପ୍ଲାଣ୍ଟ) ବସାଇବ, ୧୪୨୬.୭୫ କୋଟି ଟଙ୍କା ଲାଗିବ ଏବଂ ୮୮୪ ଲୋକଙ୍କୁ ନିଯୁକ୍ତି ମିଳିବ। ତ୍ରିବେଣୀ ବି ପାରାଦୀପଠାରେ ଥିବା ତା'ର ବାର୍ଷିକ ୨୪ ମିଲିୟନ ଟନ୍ ଉତ୍ପାଦନ କ୍ଷମତାର ପେଲେଟ୍ (ଲୁହାଗୁଣ୍ଡକୁ ଟେଳା କରିବା) କାରଖାନାର ପ୍ରସାରଣ କରିବ, ୩ଟି ଇଞ୍ଜିନିଅରିଂ ଗ୍ରାଜୁଏଟ୍ ପ୍ରଭାକରନ୍ ତତ୍କାଳୀନ କେନ୍ଦ୍ର ସରକାରଙ୍କ ପରିବେଶ ବିଭାଗର ମନ୍ତ୍ରୀ ବାଲୁଙ୍କ ପୁଅ ସହିତ ଚେନ୍ନାଇରେ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟର କାମ କରିଥିଲେ ; କାମ ଧିମା ପଡିଯିବାରୁ ୧୯୯୯ରେ କାମଧନ୍ଦା ଖୋଜିବାକୁ ଓଡିଶା ଆସିଥିଲେ। ବାଲୁ ଓ ପରେ ରାଜା ଉଭୟେ ତାମିଲନାଡୁର ଲୋକ ଏବଂ ପରିବେଶ ବିଭାଗର ମନ୍ତ୍ରୀ ହିସାବରେ ପ୍ରଭାକରନ୍ ସହିତ ଅଲିଖିତ କାରବାର କଲେ, ଯାହାକୁ ଅର୍ଥନୀତିଜ୍ଞମାନେ ସୁଇଟ୍‌ହାର୍ଟ ଡିଲ୍ ବା ପୀରତି କାରବାର କହନ୍ତି। ପରିବେଶ ଅନୁମତି ମିଳିଗଲା। ସେ ମାଟି ଖୋଳାଳି ଓ ଉଠାଳିରୁ ଖଣିଜ ଉତ୍ତୋଳନକାରୀ ଓ ରପ୍ତାନିକାରୀ ବନିଗଲେ। କେଉଁଝରର ସବୁ ଖଣି-ଲାଇସେନ୍ସଧାରୀ ଅଳ୍ପ ମୂଲ୍ୟରେ ତାଙ୍କୁ ଖଣିର ପୂରା ପରିଚାଳନା (ମାଲିକ ଭଳି) ଦେଇଦେଲେ। ୨୦୦୦ରୁ ୨୦୦୫ ପର୍ଯ୍ୟନ୍ତ ଚାଲିଥିବା ଚାଇନାର ନବନିର୍ମାଣ ଯୁଗରେ ଲୌହ ଓ ମାଙ୍ଗାନିଜ ରପ୍ତାନି କରି ସେ ମାଲାମାଲ୍ ହୋଇଗଲେ। ତାଙ୍କ କାମରେ ଲାଗିଥିବା ଟ୍ରକ୍‌ଗୁଡିକ ୧୬ ଟନ୍ ଟ୍ରାନ୍‌ଜିଟ୍ ପାସ୍ ପାଇଥିଲେ ବି ୩୦ ଟନ୍ ବୋହୁଥିଲେ, କେହି ଧରୁ ନ ଥିଲା। ପୀରତି କାରବାରରେ ସମସ୍ତେ, ସରକାରୀ ଲୋକେ ତଥା ନେତାମାନେ ସମ୍ପୃକ୍ତ ଥିଲେ। ଏ ଥିଲା ପ୍ରଭାକରନ୍‌ଙ୍କ ସୋସିଆଲ୍ ଇଂଜିନିଅରିଂ, ବଛା ବଛା ସ୍ଥାନୀୟ ଲୋକଙ୍କୁ ପୀରତି କାରବାରରେ ପକ୍ଷ କରିନେବା ତାଙ୍କର ବେଆଇନ କାରବାରକୁ ସୁରୁଖୁରୁରେ ଚଳାଇଥିଲା। ଓଡିଶାରେ କାହିଁକି ଅନ୍ୟ ରାଜ୍ୟରେ ଓ କେନ୍ଦ୍ରରେ ମଧ୍ୟ ଏଭଳି ପୀରତି କାରବାର ଅର୍ଥନୀତିର ଉଦାରୀକରଣରେ ବା ରାଷ୍ଟ୍ରନୀତିର ଘରୋଇକରଣରେ ଚାଲିଛି। ସାଧାରଣ ନାଗରିକଙ୍କର ଦେଶ ସମ୍ପତ୍ତିରେ ଭାଗ ଅଛି, ତାହା ଶାଗମାଛ ମୂଲରେ ଦେଇହେବନି ଏ କଥା ସରକାର ଭାବୁନାହାନ୍ତି। ଏମ୍‌ପି ବା ଏମ୍‌ଏଲ୍‌ଏ ବା ତାଙ୍କର ଖାସ୍ ସମ୍ପର୍କୀୟମାନେ ହଠାତ୍ ବଡ ବ୍ୟବସାୟୀ ହୋଇପାରୁଛନ୍ତି। ପ୍ରଭାକରନ୍ ସେ ସମୟର ଚମ୍ପୁଆ ବିଧାୟକଙ୍କୁ ହାତ କରି ସ୍ଥାନୀୟ ଅସନ୍ତୋଷକୁ ଶାନ୍ତ କରିଦେଲା, ବେକାର ଟୋକାଙ୍କୁ ପଇସା ଦେଇ ହାତ କରିନେଲା। ତ୍ରିବେଣୀ କମ୍ପାନୀ ଓଡିଶାରେ ଭ୍ରଷ୍ଟାଚାରର ମଞ୍ଜି ସରକାରୀ କର୍ମଚାରୀଙ୍କ ଭିତରେ କେବଳ ବୁଣିଦେଲା ନାହିଁ ତାକୁ ଗଭୀରତର କରିଦେଲା ବୋଲି ସେତେବେଳର ଶାହା କମିଶନ ତାଙ୍କ ରିପୋର୍ଟରେ ତୀକ୍ଷ୍ଣ ମନ୍ତବ୍ୟ ଦେଇଥିଲେ ବି ରାଜ୍ୟ ସରକାର ଶୁଣିଲେ ନାହିଁ, କେନ୍ଦ୍ରର ଏନ୍‌ଡିଏ ସରକାରର ମନ୍ତ୍ରୀ ବାଲୁ ଓ ପରେ ରାଜୁ ତ ସାହାଯ୍ୟ କଲେ। ମୁଖ୍ୟମନ୍ତ୍ରୀଙ୍କ ସେତେବେଳର ପରାମର୍ଶଦାତା ପ୍ରଭାକରନ୍‌ଙ୍କ ହେଲିକପ୍ଟରରେ ବଡବିଲ ଗଲେ କି ଏବକାର ପରାମର୍ଶଦାତାମାନେ ବିଭିନ୍ନ ଉପାୟରେ ପ୍ରଭାକରନ୍‌ଙ୍କ ଆତିଥ୍ୟ ଓ ସାହାଯ୍ୟ ନେଲେ ତାହା ଭ୍ରଷ୍ଟାଚାର ବୋଲି ଧରାଯାଉନାହିଁ। ବହୁ କୋଟିପତି ପ୍ରଭାକରନ୍ ଏବେ ତ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ତାମିଲନାଡୁ ଚେୟାର୍ ଖୋଲୁଛନ୍ତି। ସେ ଆଉ ମାଫିଆ ନୁହନ୍ତି ସେ ତ ରବିନ୍‌ହୁଡ୍। କେବେ ସେ ସିନା ଖଣି ଡକାୟତି କରିଥିଲେ ଏବେ ତ ଧାର୍ମିକ ଓ ସମାଜସେବାକାରୀ।

ରୁଷୀୟ ଢାଞ୍ଚାର କମ୍ୟୁନିଜମ୍‌ର ପତନ ପରେ ଆମେରିକୀୟ ଢାଞ୍ଚାର ଉଦାର ପୁଞ୍ଜିବାଦର ଆଦର ବଢିଗଲା। ରାଜନୈତିକ ବ୍ୟବସ୍ଥା ଯାହା ହେଉନା କାହିଁକି ପ୍ରତ୍ୟେକ ଦେଶର ସରକାର ଦେଶର ଅର୍ଥନୈତିକ ବୃଦ୍ଧି ପାଇଁ ଉଦାର ପୁଞ୍ଜିବାଦ ଗ୍ରହଣ କଲେ। ପୃଥିବୀରେ ବୃହତ୍ତମ ଶକ୍ତି ହେବାର କାରଣ ଆମେରିକା ଢାଞ୍ଚାର ଅର୍ଥନୀତି ବୋଲି ସମସ୍ତେ ଭାବିଲେ। ଲୋକଙ୍କ ଉପରେ ଟିକସ ନ ବଢାଇ ଦେଶର ବିକାଶ ତ୍ୱରାନ୍ୱିତ କରିବାକୁ ହେଲେ ବେସରକାରୀ ପୁଞ୍ଜିନିବେଶକୁ ଉତ୍ସାହିତ କରିବାକୁ ପଡିବ। ଆମେରିକାର ଗଣତନ୍ତ୍ରରେ ନେତାମାନଙ୍କ ଆଉ ଗୋଟିଏ ସ୍ୱାର୍ଥ ଥିଲା: ନିର୍ବାଚନ ଖର୍ଚ୍ଚ ତୁଲାଇବାକୁ ଚାନ୍ଦା ସେମାନଙ୍କଠାରୁ ଆଣିହେବ। ଥିଲାବାଲାଏ ଯେପରି ବିଭିନ୍ନ ବିକାଶମୂଳକ କାମରେ ପୁଞ୍ଜି ଲଗାଇବେ ତାହାକୁ ଉତ୍ସାହିତ କରିବା ଲାଗି ସରକାରୀ କାର୍ଯ୍ୟକ୍ଷେତ୍ରକୁ ସଙ୍କୁଚିତ କରାଇଲେ। ତା'ର ଅନୁକରଣରେ ଆମ ଦେଶରେ ଇନ୍‌ସ୍ପେକ୍‌ସନ୍ ଓ ଲାଇସେନ୍ସ-ରାଜ ଭଳି କଟକଣା ଉଠାଇଦିଆଗଲା। କମ୍ପାନୀରାଜ ବା କର୍ପୋରେଟ୍ ସଂସ୍କୃତି ରାଜନୀତିର ଅଙ୍ଗ ହେଲା। ଲୋକେ ସିନା ଟିକସ ଦେବାକୁ କୁଣ୍ଠିତ, କିନ୍ତୁ ଲଟେରି ଭଳି କମ୍ପାନୀ-ଶେୟାର କିଣିବାକୁ ଉତ୍ସୁକ ହେବେ। ଏଥିଲାଗି ସରକାର ଚଳାଉଥିବା ନେତାମାନେ ଧନୀମାନଙ୍କୁ କମ୍ପାନୀ ଗଢିବାର କ୍ଷମତା ଓ ସାଧାରଣ ଲୋକଙ୍କଠାରୁ ପୁଞ୍ଜି ଆହରଣର ଉପାୟ ଦେଲେ, ଶେୟାର ବିକିବାର କ୍ଷମତା। ଶେୟାର୍ (କମ୍ପାନୀର ଅଂଶ) କିଣିବା କାଗଜରେ ଯାହା ଲେଖା ରହିବ ତା'ର ଶତାଧିକ ଗୁଣ ମୂଲ୍ୟରେ ସେମାନେ ଶେୟାର ବିକିଲେ, କମ୍ପାନୀମାନଙ୍କ ଲୋଭଖୋର ଆଚରଣକୁ ରୋକିବା ଲାଗି ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ (ସେବି) ଗଢିଲେ, ମାତ୍ର ପ୍ରିୟାପ୍ରୀତିରେ ନିଯୁକ୍ତ ଅଧିକାରୀମାନେ ସେବିକୁ ଢିଲା କରିଦେଲେ। ଡିଏଲ୍‌ଏଫ୍‌ରେ ଭଦ୍ରାଙ୍କ ସମ୍ପୃକ୍ତି ପ୍ରମାଣ କରିଦେଲା ଯେ, ପ୍ରତି ଶେୟାର ଏକ ଏକ କାଗଜଟୁକୁରା ବା ଚିଟ୍ (ଚିରକୁଟି) ; ଶେୟାର ଚିଟ୍ କାରବାରର ଏକ ଭଦ୍ର (ଆଇନଗତ) ରୂପ। କମ୍ପାନୀ ଫେଲ୍ ମାରିଲେ ଲୋକେ ଶେୟାର ହରାଇଲେ କମ୍ପାନୀର ଦୋଷ ନାହିଁ। କର୍ପୋରେଟ୍ କଲ୍ଚର୍ (କମ୍ପାନୀ ସଂସ୍କୃତି)ର ଦ୍ୱିତୀୟ ପାହାଚ ହୋଇଗଲା ସୁଇଟ୍‌ହାର୍ଟ-ଡିଲ୍ ବା ସପ୍ରେମ ଦିଆନିଆ, ଯେଉଁଥିପାଇଁ କେତେକ ଅର୍ଥନୀତିଜ୍ଞ ଏ ବ୍ୟବସ୍ଥାକୁ କ୍ରୋନି କ୍ୟାପିଟାଲିଜମ୍ (ତୋଷାମୋଦିଆ ପୁଞ୍ଜିବାଦ) କହନ୍ତି: ସରକାରରେ ଥିବା ନେତା ଓ ଅଧିକାରୀମାନଙ୍କ ସହିତ ହାତ ମିଳାମିଶା ଏକ ଅଦୃଶ୍ୟ ଭ୍ରଷ୍ଟାଚାର ସୃଷ୍ଟି କଲା। ପୁଞ୍ଜିନିବେଶକାରୀର ଚରିତ୍ର ଯାଞ୍ଚ ନ ହେବା, ଟଙ୍କାର ରଙ୍ଗ କଳା କି ଧଳା ତାହା ନ ଦେଖିବା ରାଜନେତାମାନଙ୍କର ଧର୍ମ ହୋଇଗଲା, ସରକାରୀ କର୍ମଚାରୀମାନେ ସେମାନଙ୍କ ରାଷ୍ଟ୍ରୀୟ ବା ସାମ୍ବିଧାନିକ କର୍ତ୍ତବ୍ୟ ଭୁଲିଗଲେ। ଯେ କୌଣସି ଉପାୟରେ ଧନୀ ହେଉଥିବା ବ୍ୟକ୍ତି ନିମନ୍ତ୍ରିତ ଇନ୍‌ଭେଷ୍ଟର୍ ହୋଇପାରୁଛି, ନିବେଶ କରିଥିବା ବିଦେଶରେ ନାଗରିକତା କିଣିପାରୁଛି। ପୀରତି କାରବାରରେ ସମ୍ପୃକ୍ତ ନ ଥିବା ତୃତୀୟ ପକ୍ଷ ଅର୍ଥାତ୍ ଜନସମୁଦାୟ ବହୁତ କ୍ଷତିରେ ପଡୁଛନ୍ତି। ଧନୀ-ଗରିବ ବ୍ୟବଧାନ ବଢୁଛି। କମ୍ପାନୀରେ ଗଣତନ୍ତ୍ର ନାହିଁ, ବୋର୍ଡ ଅଫ୍ ଡାଇରେକ୍ଟରରେ ଚେୟାରମ୍ୟାନ ଯିଏ ସିଏ ବି ଏମ୍‌ଡି। ଡାଇରେକ୍ଟରମାନେ କମ୍ପାନୀର ଆତିଥ୍ୟରେ ଏତେ ବେଶି ଖୁସି ଯେ ନେତାମାନଙ୍କୁ ଧରାଧରି କରି ଡାଇରେକ୍ଟର ହୁଅନ୍ତି, କମ୍ପାନୀର ନିଷ୍ପତ୍ତି ଶେୟାରହୋଲ୍ଡର୍‌ର ଉତ୍ତମ ସ୍ୱାର୍ଥ ପାଇଁ ହୋଇ ନ ଥାଇପାରେ। ଅର୍ଥାତ୍ କମ୍ପାନୀ ସଂସ୍କୃତିରେ ଗଣତନ୍ତ୍ର ମୃତ। ଯଦି ଅମ୍ବାନୀଙ୍କ ବିଲିୟନ୍ ଡଲାର୍‌ର ଆଣ୍ଟିଲିଆ ଘରକୁ ବୋର୍ଡ ସ୍ୱୀକୃତି ଦେଇ ନ ଥାନ୍ତା ତାହା କମ୍ପାନୀର ଲାଭରେ ଯାଇଥାଆନ୍ତା ଏବଂ ଶେୟାରହୋଲ୍ଡର୍‌ମାନଙ୍କ ଡିଭିଡେଣ୍ଡ ପରିମାଣ ବଢିଯାଇଥାନ୍ତା। ସରକାର ବି ଟିକସ ପାଇଥାନ୍ତେ। ନୂଆ ଶିଳ୍ପ ବସାଇବାରେ ବଳକା ଧନ ଲାଗିପାରିଥାନ୍ତା। କମ୍ପାନୀ-ସଂସ୍କୃତି ଗଣତନ୍ତ୍ରର ଚେର କାଟୁଛି ଓ ସାଧାରଣ ଜୀବନରେ ଭ୍ରଷ୍ଟାଚାର ବଢାଉଛି। ସବୁର କାରଣ ଖୋଜିବା ଅପେକ୍ଷା ବେଳ ଥାଉ ଥାଉ ସଂସ୍କାର ଆବଶ୍ୟକ।

ଇମେଲ୍: sahadevas@yahoo.com

# ଓଡ଼ିଆ ଭାଷା ଓ ଜାତି

ବିଜୟ ମୋହନ ମିଶ୍ର

ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭ କରି ଅନେକ କବି ଓ ମନୀଷୀ ଓଡିଆ ଭାଷାକୁ ସମୃଦ୍ଧ କରିଛନ୍ତି। ଭାଷା ସମୃଦ୍ଧିର ଅର୍ଥ ହେଲା ଭାଷାର ଶବ୍ଦପ୍ରୟୋଗ, ଭାଷାର ବ୍ୟାକରଣ, ଭାଷାର କହିବାଶୈଳୀ ଏବଂ ଲିପି ସଂସ୍କାର। ଓଡିଆ ଭାଷାର ଜୀବନ-ବୀଜ କିନ୍ତୁ ବହୁ ଆଗରୁ ପ୍ରୋଥିତ ଲୌକିକ ଭାବେ, କଥିତ ଭାଷାରେ ଓଡିଆ ଭାଷାର ମୂଳ ରୂପର ପ୍ରଚଳନ ବହୁ ହଜାର ବର୍ଷ ତଳେ, ପ୍ରାଗ୍‌ବୈଦିକ ସାହିତ୍ୟରେ। ଏହାର ସମ୍ପୂର୍ଣ୍ଣ ଅନୁସନ୍ଧାନ ଏ ପର୍ଯ୍ୟନ୍ତ ହୋଇନାହିଁ।

ଭାଷାରୁ ସାହିତ୍ୟ ସୃଷ୍ଟି। ସାହିତ୍ୟ ସମାଜ ଓ ସଂସ୍କୃତିର ପ୍ରତିବିମ୍ବ- ଇତିହାସର ଧ୍ୱନି। ସାହିତ୍ୟରୁ ଶିକ୍ଷା ଓ ଲୋକାଚାରର ଉପଦେଶ। ଲୌକିକ କିମ୍ବଦନ୍ତୀ ଓ ବିଶ୍ୱାସ, ସମାଜର ଦ୍ୱନ୍ଦ୍ୱ ଓ ସଂଘର୍ଷ ତଥା ଆଗକୁ ଚାଲିବାର ପଥ ନିର୍ଦ୍ଦେଶନ ହେଲା ସାହିତ୍ୟ। ଭୂଗୋଳ ଓ ଲୋକାଚାର ଦୃଷ୍ଟିରୁ ସଂସ୍କୃତ ଆଞ୍ଚଳିକ। ଏ ଆଞ୍ଚଳିକତା ହେଲା ଯୋଗାଯୋଗର ପରିଧି। ସାମାଜିକ ବନ୍ଧନର ଅଦୃଶ୍ୟ ରଜ୍ଜୁ। ଜାତିର ଐତିହ୍ୟ ସଂସ୍କାର ଭାଷାଠାରୁ ପୁରୁଣା।

ଓଡ଼ିଶାର ଲୋକବସତି ଭାରତବର୍ଷରେ ଆପେକ୍ଷିକ ଭାବରେ ଅନ୍ୟ ରାଜ୍ୟମାନଙ୍କଠାରୁ ପୁରୁଣା ବୋଲି ଐତିହାସିକମାନଙ୍କର ମତ। ତେବେ ଏ ଲୋକବସତିର ଜାତୀୟତା ନିର୍ଣ୍ଣୟ କରିବା ଲାଗି ଆମ ନିଜକୁ ଆପଣାର ଚରିତ୍ର ଓ ଜୀବନ ଅନୁଶୀଳନ କରିବାକୁ ପଡିବ। ଅଞ୍ଚଳ ଭିତରେ ବାସକରୁଥିଲେ ଆପଣାକୁ ଚିହ୍ନିବା ଆବଶ୍ୟକ ନୁହେଁ। ଅଞ୍ଚଳ ବାହାରେ ଅନ୍ୟ ଜାତିର ଲୋକଙ୍କ ସହ ବସତି ସ୍ଥାପନ କଲେ ଏ ପରିଚୟର ମୌଳିକତା ଜଣାପଡେ।

ଦୀର୍ଘ ଚାଳିଶରୁ ଅଧିକ ବର୍ଷ ମୋର ବିଦେଶରେ ରହଣି। ଯାହା କିଛି ମୁଁ ଚିନ୍ତା କରିଛି। ମୋର ପିତା ମନମୋହନ ମିଶ୍ରଙ୍କର ଜନ୍ମ ଶତବାର୍ଷିକୀ ଅବସରରେ ଏ ପ୍ରବନ୍ଧରେ ଲେଖୁଛି। ଏ ମତାମତ ମୋର ବ୍ୟକ୍ତିଗତ।

ଭାଷାର ସରଳତା ଓ ସଂସ୍କୃତିର ଐତିହ୍ୟରେ ପ୍ରତ୍ୟେକ ଓଡିଆ ଗର୍ବୀ। ତେବେ ଭାଷା ଓ ସଂସ୍କୃତିର ଅଭିବୃଦ୍ଧି ଲାଗି ପ୍ରତ୍ୟେକଙ୍କର କି କର୍ତ୍ତବ୍ୟ ରହିଛି, ସେ ବିଷୟରେ ନୂତନ ଓଡିଆ ସନ୍ଦିହାନ। ଦୁର୍ଭିକ୍ଷର ଆଲୋଡନ ଓ ଆତଙ୍କ ଏବେ ମଧ୍ୟ ଓଡିଆ ପ୍ରାଣକୁ ଅସ୍ତବ୍ୟସ୍ତ ରଖୁଛି। ଅନ୍ନ ଚିନ୍ତାରେ ଓଡିଆ ଶିକ୍ଷା କ୍ରମଶଃ ଶିକ୍ଷିତ ସମାଜରୁ ଦୂରେଇ ଯାଉଛି ଏବଂ ଅନେକ ନବଯୁବକଙ୍କର ଓଡିଆ ସାହିତ୍ୟ ସହ ସମ୍ପର୍କ ନ ଥିବା ଜଣାପଡୁଛି। ବ୍ୟକ୍ତିଗତ ଭାବରେ ଓଡିଆରେ ଆଳାପ କରିବା ପ୍ରତ୍ୟେକ ଓଡିଆର କର୍ତ୍ତବ୍ୟ ହେଲେ ହେଁ ନୂଆ ପିଢିର ଯୁବତୀଯୁବକ ଏ ଆଳାପରେ ଭାଗ ନେବାକୁ କୁଣ୍ଠାବୋଧ କରୁଛନ୍ତି।

ପ୍ରତ୍ୟେକ ଓଡିଆ ସ୍ୱାଧୀନଚେତା। ସମାଲୋଚନା ସହିବା ଆମ ପକ୍ଷରେ ସମ୍ଭବ ନୁହେଁ। ବାଲ୍ୟ ବୟସରେ ପରମ୍ପରା ଶିକ୍ଷାର ଅଭାବ ହେତୁ ଯୁବକ ବୟସରେ ପରମ୍ପରା ପ୍ରତି ସମ୍ମାନର ଅଭାବ ରହୁଛି। ଏ ଅଭାବ ହେତୁ ପାରିବାରିକ ମୂଲ୍ୟବୋଧ ଏବଂ ସାମାଜିକ ମୂଲ୍ୟବୋଧରେ ମଧ୍ୟ ଅଭାବ ଘଟୁଛି। ବିଦେଶର ବ୍ୟକ୍ତି ସ୍ୱାଚ୍ଛନ୍ଦ୍ୟ ଭାବ ପୃଥିବୀକୁ ଗ୍ରାସ କରୁଥିଲା ବେଳେ ଓଡିଆ ସେଥିରୁ ବାଦ୍ ପଡୁନାହିଁ। ଓଡିଶାର ସମୃଦ୍ଧି ସମୟରେ ବିଶ୍ୱ ଯେ ଅନ୍ଧାରରେ ଥିଲା ତା' ବୁଝିବା ନବଯୁବକ ପକ୍ଷରେ ସମ୍ଭବ ହେଉନାହିଁ। ସ୍ୱାଧୀନଚେତା ଭାବନା ଯୋଗୁ ଓଡିଆ ଯୁବକ ଅଜ୍ଞାନତାବଶତଃ କୃତ୍ରିମ ଓଡିଆ ଭାଷା ସୃଷ୍ଟି କରୁଛି ଏବଂ ପାରମ୍ପରିକ ସଂସ୍କୃତିରୁ ଦୂରରେ ରହୁଛି।

କାରିଗରୀ ଓ କଳା ଓଡିଆର ଗୁଣ। ହାତକଳା, ସ୍ଥାପତ୍ୟ, ନାଚ, ଗୀତରେ ଓଡିଆର ପ୍ରଶସ୍ତି। ଏ ସମସ୍ତର ଇତିହାସ ବହୁ ପୁରୁଣା ଏବଂ ସେ ସମସ୍ତର ଐତିହ୍ୟ ଓଡିଆ କୌଶଳର ସୌଷ୍ଠବ। ଜ୍ୟାମିତି, ଜ୍ୟୋତିର୍ବିଦ୍ୟା, ବାସ୍ତୁଶାସ୍ତ୍ର, ଅଭିନୟ, ସଙ୍ଗୀତ ଓ ନୃତ୍ୟରେ ଅସୀମ ପାରଦର୍ଶିତା ଓ ଆନନ୍ଦ ଆମର ଐତିହାସିକ ପରିଚୟ। ନୂଆ ଜିନିଷ ଗଢିବାରେ, ନୂଆ କଥା ପ୍ରକାଶରେ, ନୂଆ କାର୍ଯ୍ୟର ଉଦ୍ୟମରେ ଓଡିଶାର ଦମ୍ଭ ଓ ଆଧ୍ୟାତ୍ମିକ ଶକ୍ତି ପୃଥିବୀରେ ଅନ୍ୟ କେଉଁ ଅଞ୍ଚଳରେ ଦେଖିବାକୁ ମିଳେ ନାହିଁ। ଅର୍ଥ ଚାପରେ ଆମେ ବର୍ତ୍ତମାନ ହତାଶ। ଲୋଭ ବି ଆମକୁ ବିବଶ କରୁଛି। ଅନୁକରଣ କରିବା ଓଡିଆର କେବେ ହେଁ କାର୍ଯ୍ୟ ନ ଥିଲା। ଆପଣାର ଧନ, ଦର୍ଶନ, ଖାଦ୍ୟ ଓ ଚଳଣି ସମ୍ପର୍କରେ ଓଡିଆ ସ୍ୱତନ୍ତ୍ର ଓ ମୌଳିକ । ଏବେ ସର୍ବତ୍ର ଅନୁକରଣ ହିଁ ଦେଖିବାକୁ ମିଳୁଛି। ଓଡିଆ ଜୀବନ ଚଳଣିର ବୈଜ୍ଞାନିକ ପଦ୍ଧତି ନୂତନ ଓଡିଆ ଯୁବକ ଗ୍ରହଣ କରୁନାହିଁ। ପାରମ୍ପରିକ କଳା ଲୋପ ପାଉଛି। ଆମେ ସୁସ୍ଥ, ସବଳ ଓ ସାହସୀ ହେବା ପରିବର୍ତ୍ତେ ରୋଗ ଓ ଦୁର୍ବଳତାର ଆଶ୍ରୟ ଖୋଜୁଛୁ। ଆମର ବିଶେଷତ୍ୱ ଓ ମୌଳିକତା ଉପରେ ଆମର ନଜର ନାହିଁ।

ବିଦେଶରେ ରହି ଆମ ସମାଜ ଉପରେ ସମାଲୋଚନା କରିବା ମୋର ଉଦ୍ଦେଶ୍ୟ ନୁହେଁ। ଦୁନିଆରେ ଆମର କାହାଣୀ ଅଛି ଏବଂ ଦୁନିଆର କଳାବିତ୍‌ଜାତିମାନଙ୍କ ଭିତରେ ଆମେ ଗଣା। ଆମର ନବଯୁବକ ଆମର ସେହି ସ୍ଥାନକୁ ବଜାୟ ରଖିବାକୁ ମୁଁ ଓଡିଶାବାସୀଙ୍କୁ ନିବେଦନ କରୁଛି। ଅର୍ଥ ଚାପର ଦ୍ୱାହି ଦେଇ ନିଜର ମୌଳିକତାର ବିଲୋପ ଘଟାଇବା ଜାତିର ଭବିଷ୍ୟତ ପକ୍ଷରେ ଅନୁଚିତ। ସମସ୍ତ ଅଭିଭାବକ, ନେତୃବୃନ୍ଦ ଏବଂ ଶିକ୍ଷକ ପରିବାର ଏ ପ୍ରତି ଜାଗୃତ ହେବେ ବୋଲି ମୁଁ ଆଶା କରୁଛି।

ଓଡିଆ ଭାଷାର ପ୍ରତୁଳ ପ୍ରଚାର ନିହାତି ଆବଶ୍ୟକ। ତା' ପରେ ସାହିତ୍ୟର ପ୍ରସାର। ପ୍ରତ୍ୟେକ ଶିଶୁ ଓଡିଶାର ଐତିହ୍ୟ ଏବଂ ବୈଶିଷ୍ଟ୍ୟ ସହ ପୂର୍ଣ୍ଣ ଶିକ୍ଷା ଲାଭ କରିବା ଆବଶ୍ୟକ। ପ୍ରଗତି ସାଙ୍ଗରେ ଜାତୀୟତାର ଜାଗରଣ ଓ ଅଭିବୃଦ୍ଧି ଆମ ସମସ୍ତଙ୍କର କର୍ତ୍ତବ୍ୟ।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ,
ମୋ-୯୬୬୮୫୫୮୭୧୧

## ଏଇ ଭାରତରେ

ସାଧାରଣତଃ ଯୁବକମାନେ ଚାଷ ଛାଡି ଚାକିରି କରିବାକୁ ଭଲ ପାଆନ୍ତି। କିନ୍ତୁ ଜଣେ ଆଇଟି ଇଞ୍ଜିନିୟର ଚାକିରି ଛାଡି ଚାଷ କରି ଲୋକମାନଙ୍କୁ ଜୈବିକ ପରିବା ଚାଷ କରିବାକୁ ଉତ୍ସାହିତ କରୁଛନ୍ତି। ଏହି ବ୍ୟକ୍ତି ଜଣକ ହେଉଛନ୍ତି ସୁରେଶ ଦେବାଙ୍ଗ। କେବଳ ଜୈବିକ ଚାଷ କରୁନାହାନ୍ତି କେଶବ, ବରଂ ସ୍ଥାନୀୟ ଅଞ୍ଚଳରେ କେମିକାଲ ଓ କୀଟନାଶକ ମୁକ୍ତ ଚାଷ ଲାଗି ଏକ ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କୁ ଏବେ ବୟସ ୪୮। କାଲିଫର୍ନିଆରେ ଆଇଟି ପ୍ରଫେଶନାଲ ଭାବେ ସେ କାର୍ଯ୍ୟ କରୁଥିଲେ। ଅଧିକ ବେତନ ମଧ୍ୟ ପାଉଥିଲେ। କିନ୍ତୁ ଏହି ଚାକିରି ଛାଡି ୨୦୧୬ରେ ସେ କର୍ନାଟକ ମହୀଶୂରରର ଏଚ୍‌ଡି କୋଟେ ବ୍ଲକ୍‌ର ପୋରା ଗାଁକୁ ଫେରି ଆସିଥିଲେ। ସେଠାରେ ୬ ଏକର ଜମି କିଣି ସେଥିରେ ଅର୍ଗାନିକ କୃଷି ଆରମ୍ଭ କରିଥିଲେ। ଏହି ସମୟରେ ମରୁଡିପ୍ରବଣ ପୋରାରେ କୃଷକମାନେ ବି ପୂରା ଚିନ୍ତାରେ ରହିଥିଲେ। ସେମାନେ ବାହାରକୁ ଚାକିରି ଅନ୍ୱେଷଣରେ ଚାଲିଯାଉଥିଲେ। କିନ୍ତୁ ଦେବାଙ୍ଗ ସେଠାରେ ଚାଷ ଆରମ୍ଭ କରିବା ପରେ ଲୋକମାନେ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। କିଭଳି କମ୍ ପାଣିରେ ଭଲ ଚାଷ କରାଯାଇପାରିବ ସେ ସମ୍ପର୍କରେ ସୁରେଶ ଲୋକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ମୁଖ୍ୟତଃ ବର୍ଷାଜଳ ସଂଗ୍ରହ କରାଯାଇ ତାହାକୁ ଉପଯୋଗ କରି ଚାଷ କରାଯିବା ପଦ୍ଧତି ଉପରେ ସେ ଗୁରୁତ୍ୱ ଦେଉଛନ୍ତି। ୧.୨୫ ଲକ୍ଷ ଲିଟର ବର୍ଷା ଜଳ ସଂରକ୍ଷଣ ହେବାଭଳି ପୋଖରୀଟିଏ ଖୋଳି ଜଳସେଚନର ସୁବିଧା କରିଛନ୍ତି। ସେ ଆପଣାଉଥିବା ଜଳସେଚନରେ ପାରମ୍ପରିକ ପଦ୍ଧତିଠାରୁ ପାଖାପାଖି ୫୦ପ୍ରତିଶତ ଜଳ ବଞ୍ଚାଯାଇପାରୁଛି। ପ୍ରତିବର୍ଷ ସେ ୧୦-୧୫ କୁଇଣ୍ଟାଲ ଜୈବିକ ପରିବା,୪୦ ଟନ୍ କଦଳୀ ଉତ୍ପାଦନ କରି ପ୍ରାୟ ବର୍ଷକୁ ୬ ଲକ୍ଷ ଟଙ୍କା ଲାଭ କରୁଛନ୍ତି। ଅର୍ଗାନିକ ପରିବାଗୁଡିକୁ ସ୍ଥାନୀୟ ଅଞ୍ଚଳରେ ପରିବା ଦୋକାନୀ,ଅର୍ଗାନିକ ଫୁଡ ଷ୍ଟୋର ଓ କମ୍ପାନୀଗୁଡିକ ସହ ଚୁକ୍ତି ବି କରିଛନ୍ତି ଦେବାଙ୍ଗ ।

## ଚିରନ୍ତନୀ

ପବନ କାହୁଁ ଆସି କାହିଁ ଯାଏ ନୋହେ ବୁଝି
ଚାଲିଛି ତଥା ଜନ
ବାଟ ବଣ ଆଖି ବୁଜି।
ଚାଲିଛି କଥା ମୁହିଁ ସଙ୍ଗେ ତୋର ପ୍ରିୟତମା
ଦେହୀର ଦେହ ସମ
କରି ଭ୍ରମରେ ଉତ୍ତମା !

(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମାର୍ଚ୍ଚ ୧୯୯୫

- ଦକ୍ଷିଣ ଆଫ୍ରିକାର କଳା ଓ ସଂସ୍କୃତି ବିଭାଗ ଉପମନ୍ତ୍ରୀ ତଥା ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ପତ୍ନୀ ୱିନି ମଣ୍ଡେଲାଙ୍କୁ ଦେଶର ମନ୍ତ୍ରୀ ପରିଷଦରୁ ବହିଷ୍କାର କରାଯାଇ ଛି।
- ବୋସନିଆର ସର୍ବୀୟ ଘାଟିମାନଙ୍କ ଉପରେ ନାଟୋ ପକ୍ଷରୁ ବିମାନ ଆକ୍ରମଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଜାତିସଂଘ ପକ୍ଷରୁ ସୂଚନା।

## ପାଠକ ଶ୍ରେଷ୍ଠ ବିଚାରକ

### ଏ ବର୍ଷ ଗ୍ରୀଷ୍ମତାପ ପ୍ରବଳତର ହେବ

ମହାଶୟ,

ଆମାଜନ ଜଙ୍ଗଲରେ ନିଆଁ ଲାଗିବା, ଅଷ୍ଟ୍ରେଲିଆ ଜଙ୍ଗଲରେ ନିଆଁ ଲାଗିବା, ପ୍ରଶାନ୍ତ ମହାସାଗର ଉପରେ ଏଲନିନ୍ୟୋ ପ୍ରବାହିତ ହେବା ଫଳରେ ଏ ବର୍ଷର ତାପମାତ୍ରା ସାଂଘାତିକ ରୂପ ଧାରଣ କରିବ ବୋଲି ଜାତିସଂଘ ରିପୋର୍ଟ ପ୍ରଦାନ କରିଛି। ସରକାରଙ୍କୁ ଏ ରିପୋର୍ଟ ଅବିଦିତ ନ ଥିବ। ରିପୋର୍ଟ ପାଇବା ପରେ ବେଳ ଥାଉ ଥାଉ ସରକାର ସତର୍କ ହେବା ଉଚିତ ନୁହେଁ କି। ମୋର ବିଶ୍ୱାସ ସରକାର ନିଶ୍ଚିତ ସଚେତନ ହେବେ। ପ୍ରତିବର୍ଷ ବି ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି, ତାପମାତ୍ରା ଗ୍ରୀଷ୍ମକାଳରେ ପ୍ରବଳ ମାତ୍ରାରେ ହେଉଛି। ଏବର୍ଷ ବି ହେବ। ସବୁଥର ତାପମାତ୍ରା ବିଷୟରେ ଉଦବେଗଜନକ ଖବର ବାହାରେ। ସରକାରଙ୍କ ତରଫରୁ ଯେତେ ଯାହା ପଦକ୍ଷେପ ନିଆଯାଉନା କାହିଁକି ଜନସାଧାରଣ ବ୍ୟକ୍ତିଗତ ଭାବେ ନିଜ ଜୀବନକୁ ରକ୍ଷା କରିବା ପାଇଁ ସତର୍କ ହେବା ଉଚିତ। ପ୍ରବଳ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ସରକାରଙ୍କ ପକ୍ଷରୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜଳ ଯୋଗାଣ କାର୍ଯ୍ୟ ଜୋରସୋର ହେବା ଉଚିତ। ଈଶ୍ୱରଙ୍କ ଦୟାରୁ ଏ ବର୍ଷ ଗ୍ରୀଷ୍ମର ପ୍ରକୋପ ଲୋକମାନଙ୍କର କ୍ଷତି ନ କରୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ରେଳ ଯୋଗେ ମାନବ ଚାଲାଣ

ସରକାର ଶିଶୁ ଶ୍ରମିକ ବା ବାଳ ଶ୍ରମିକ ପ୍ରଥାର ବିଲୋପ ପାଇଁ ତତ୍ପରତା ପ୍ରକଟ କରୁଥିବା ବେଳେ କିଛି ଏଜେଣ୍ଟ, ଦଲାଲ କୋମଳମତି ପିଲାଙ୍କୁ ଦାଦନ ଖଟାଇବାକୁ ବାହାର ରାଜ୍ୟକୁ ପଠାଉଛନ୍ତି। ନିକଟରେ ପୁରୀ ଜିଲାର ସତ୍ୟବାଦୀ, ଅସ୍ତରଙ୍ଗ, ବ୍ରହ୍ମଗିରି ଅଞ୍ଚଳର କିଛି ନାବାଳକ, ସାବାଳକ ଓ ଶିଶୁ ଶ୍ରମିକ ପୁରୀ ରେଳଷ୍ଟେଶନରେ ଧରାପଡ଼ିଥିଲେ। ଚାଲାଣକାରୀ ୨ ଜଣ ଏଜେଣ୍ଟଙ୍କୁ ମଧ୍ୟ ଜିଆର୍‌ପି ଗିରଫ କରିଥିଲା। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ଏମ୍‌ଜିଏନ୍‌ଆରଇଜିଏ, ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମଯୋଗାଣ ଯୋଜନା ପ୍ରଣୟନ ସାଙ୍ଗକୁ ଶ୍ରମିକମାନଙ୍କ ମଜୁରି ହାର ବଢାଉଥିବା ବେଳେ ଏ ଶିଶୁ ଶ୍ରମିକ ଚାଲାଣ ସମ୍ଭବ ହେଉଛି କିପରି ? ଏପରି କି ଅନେକ ହୋଟେଲରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଲକ୍ଷ୍ୟ କରାଯାଉଛି। ରାଜ୍ୟ ସରକାର ଏହାର ପ୍ରତିକାର ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | | | A | | | | D | | C | | |
| | | | | 1 | | B | | E | | | 3 | | 5 | 7 |
| | | | | 3 | D | | | 5 | | 0 | 2 | | | |
| 8 | | | 9 | 6 | | | | | E | | | | | A |
| 0 | E | | A | | | | 6 | | | 8 | | | | D |
| | 8 | | E | | 0 | | | | | | 6 | | | 3 |
| 5 | | | C | | | | | | | 1 | | | 2 | |
| | | 4 | | | 5 | | | | | 3 | 0 | | 9 | |
| B | | 9 | 4 | | | | | | | | D | E | | |
| | | C | | | 9 | | | D | 5 | | A | 0 | | 8 |
| | 4 | E | | | | | | | | 5 | 7 | | 3 | |
| | B | | | 2 | 1 | 4 | A | | | | | | | |
| 7 | 9 | D | | 5 | 4 | | | 3 | 1 | | | 8 | B | |
| 6 | 0 | | 7 | | | | | B | 2 | | | | | |
| | | 2 | 0 | | | | | | | C | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | D | 0 | 7 | 1 | 5 | 2 | 9 | A | E | 6 | 3 | B | C | 4 |
| B | 5 | 1 | 2 | 6 | 8 | 4 | 3 | C | 7 | A | 9 | E | 0 | D |
| 2 | 7 | 9 | C | 0 | E | B | 1 | D | 5 | 4 | 8 | A | 6 | 3 |
| A | 4 | C | 9 | 3 | D | 6 | 8 | E | 0 | B | 1 | 5 | 7 | 2 |
| 6 | E | 3 | B | A | 4 | 7 | 0 | 5 | 2 | C | D | 1 | 9 | 8 |
| 1 | 8 | B | 0 | 5 | 2 | 9 | 6 | 7 | D | 3 | A | 4 | E | C |
| 9 | A | 5 | 1 | 4 | 3 | E | D | 8 | C | 0 | 7 | 2 | B | 6 |
| E | 6 | 2 | 8 | B | 7 | C | 4 | 3 | 1 | 9 | 5 | D | A | 0 |
| 4 | 0 | D | A | C | 6 | 1 | 5 | 2 | B | 8 | E | 9 | 3 | 7 |
| 3 | C | 7 | E | D | 9 | A | B | 0 | 4 | 2 | 6 | 8 | 1 | 5 |
| C | 3 | 6 | 5 | E | B | D | A | 1 | 8 | 7 | 2 | 0 | 4 | 9 |
| 7 | 2 | A | 4 | 9 | 1 | 5 | E | 6 | 3 | D | 0 | C | 8 | B |
| D | B | E | 6 | 8 | 0 | 3 | C | 9 | A | 5 | 4 | 7 | 2 | 1 |
| 0 | 9 | 4 | D | 7 | A | 8 | 2 | B | 6 | 1 | C | 3 | 5 | E |
| 5 | 1 | 8 | 3 | 2 | C | 0 | 7 | 4 | 9 | E | B | 6 | D | A |

ଗତକାଲିର ଉତ୍ତର

# କାଟୁ କରୁନି କରୋନା କଟକଣା

## ୫୦ ହଜାର ଟଙ୍କା ଦେଲେ ରାନୀ ପଣ୍ଡା

**ଭୁବନେଶ୍ୱର,୨୭।୩(ବ୍ୟୁରୋ):** କରୋନା ଭୂତାଣୁ ଦିନକୁ ଦିନ ଭୟଙ୍କର ରୂପ ନେବାରେ ଲାଗିଛି। ଓଡ଼ିଶାରେ ତୃତୀୟ ପଜିଟିଭ ରୋଗୀ ଚିହ୍ନଟ ପରେ ରାଜ୍ୟବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶ ଏବଂ ରାଜ୍ୟବାସୀ ସଂଘର୍ଷ କରୁଥିବାବେଳେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସଂସ୍ଥା ଏବଂ ଲୋକଙ୍କୁ ଅର୍ଥ ଦାନ କରିବାକୁ କୁହାଯାଇଛି। ଏହାପରେ ବିଭିନ୍ନ ସଂସ୍ଥା, କମ୍ପାନୀ, ଅଭିନେତା, ନେତା ଓ ମନ୍ତ୍ରୀମାନଙ୍କ ପକ୍ଷରୁ ସରକାରଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଏହି କ୍ଷେତ୍ରରେ ଯାତ୍ରା ଅଭିନେତ୍ରୀ ରାନୀ ପଣ୍ଡା ମଧ୍ୟ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଶୁକ୍ରବାର ୫୦ ହଜାର ଟଙ୍କା ଦାନ କରିଛନ୍ତି। ଏ ନେଇ ରାନୀ ପଣ୍ଡା ଏକ ଭିଡିଓ ରେକର୍ଡ କରି ନିଜ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ସେ କହିଛନ୍ତି, ଏଭଳି ସମୟରେ କରୋନା ବିରୋଧରେ ଆମେ ଲଢ଼ିବା। ସରକାରଙ୍କ ଲକଡାଉନ ନିୟମ ମାନି ଘରେ ରହି ଏହି ମହାମାରୀ ସହ ସଂଘର୍ଷ କରିବା। ସବୁବେଳେ ସାବୁନରେ ହାତ ଧୋଇବା। ବାହାରକୁ ଯାଉଥିଲେ ସାମାଜିକ ଦୂରତ୍ୱ ବଜାୟ ରଖିବା। ସରକାରଙ୍କ ରିଲିଫ ପାଣ୍ଠିକୁ କିଛିକିଛି ଅର୍ଥ ଦାନ କରି ଗରିବ, ଅସହାୟ ପେଟକୁ ଦାନା ଦେବାରେ ସାମିଲ ହେବା। ଏହାସହ ରାଣୀ ଅନ୍ୟମାନଙ୍କୁ ମଧ୍ୟ ଅର୍ଥ ଦାନ କରିବାକୁ ପରାମର୍ଶ ଦେଇଛନ୍ତି।

## ଚାଲି ଚାଲି ଗ୍ରାମକୁ ବାହାରିଲେ ୨୨ ଶ୍ରମିକ

**କରୋନା ଲାଗି ବନ୍ଦ ହେଲା ଇଟାଭାଟି**

**ବାଲିଅନ୍ତା,୨୭।୩(ଡି.ଏନ୍.ଏ.):** କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତାଲାବନ୍ଦର ପ୍ରଭାବ ଗରିବ ଶ୍ରେଣୀର ଶ୍ରମିକଙ୍କ ଉପରେ ପଡ଼ିଛି। ଲକଡାଉନ କଟକଣା ପରେ ରାଜଧାନୀ ଉପକଣ୍ଠ ଉତ୍ତରା ଅଞ୍ଚଳରେ ଥିବା ଏକ ଇଟାଭାଟି ବନ୍ଦ ହୋଇଯାଇଛି। ଏଥିଯୋଗୁ ଏଠାରେ କାର୍ଯ୍ୟରତ ଶ୍ରମିକମାନେ ଏବେ ହଟହଟା ହୋଇଛନ୍ତି। କାମ ବନ୍ଦ ହୋଇଥିବାରୁ ୧ମାସ ତଳେ ଇଟାଭାଟି କାର୍ଯ୍ୟ ପାଇଁ ଭଦ୍ରକର ଚାନ୍ଦବାଲି ଅଞ୍ଚଳରୁ ଆସିଥିବା ୨୨ଜଣ ଶ୍ରମିକ ଏବେ ଚାଲି ଚାଲି ଗାଁ ଅଭିମୁଖେ ବାହାରିଛନ୍ତି। ଶୁକ୍ରବାର ସକାଳ ୭ଟାରେ ଉତ୍ତରାରୁ ବାହାରିଥିବା ଏହି ଶ୍ରମିକମାନେ ଖରାରେ ଚାଲି ଚାଲି ଅପରାହ୍ଣ ୨ଟା ସମୟରେ ବାଲିଅନ୍ତାରେ ପହଞ୍ଚିଥିଲେ। ଏହି ଶ୍ରମିକମାନେ ଭୋକଉପାସରେ ଥିବା ଜାଣି ବାଲିଅନ୍ତା ବଜାରର ଜଣେ ବ୍ୟକ୍ତି ଲେମ୍ବୁ ପାଣି ଦେଇଥିଲେ। ସେଠାରୁ ସେମାନେ ହଂସପାଳ ହୋଇ କଟକ ପରେ ୧୫୦କିମି ଭଦ୍ରକ ଅଭିମୁଖେ ବାହାରିଛନ୍ତି। ଭୟ ଓ ଆଶଙ୍କାରେ ଥିବା ଏହି ୨୨ଜଣ ଶ୍ରମିକଙ୍କୁ ସେମାନଙ୍କ ଗ୍ରାମରେ ପହଞ୍ଚାଇବା ଲାଗି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

**କଟକ ଅଫିସ,୨୭।୩**



ଡିଜିପି ଅଭୟ

- ଲକ୍‌ଡାଉନ୍‌କୁ ଉଲ୍ଲଂଘନ: ୩ ଦିନରେ ୭୪୮ ମାମଲା
- ବାହାନା ଦେଖାଇ ନିୟମ ଭଙ୍ଗାଯାଉଛି
- ପୋଲିସ କର୍ମଚାରୀଙ୍କୁ ପ୍ରଶଂସା କଲେ ଡିଜିପି

ଦେଶରେ କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ୨୪ତାରିଖ ମଧ୍ୟରାତ୍ରିରୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଲକ୍‌ଡାଉନ୍ ନିର୍ଦ୍ଦେଶନାମା ଜାରି ହୋଇଛି। ହେଲେ ଓଡ଼ିଶାରେ ବହୁ ଲୋକ ନିୟମିତ ଲକ୍‌ଡାଉନ୍‌କୁ ଉଲ୍ଲଂଘନ କରୁଛନ୍ତି। ପୋଲିସ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ ମଧ୍ୟ ଲୋକେ କଟକଣା ମାନୁନାହାନ୍ତି। ମାତ୍ର ୩ଦିନରେ ରାଜ୍ୟର ବିଭିନ୍ନ ଥାନାରେ ଲକ୍‌ଡାଉନ୍ ଉଲ୍ଲଂଘନ ନେଇ ୭୪୮ଟି ମାମଲା ରୁଜୁ ହୋଇଛି।

ରାଜ୍ୟ ପୋଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୨୪ତାରିଖ ସକାଳଠାରୁ ୨୫ତାରିଖ ସକାଳ ପର୍ଯ୍ୟନ୍ତ ସାରା ରାଜ୍ୟରେ କରୋନା କଟକଣା ଜନିତ ମୋଟ ୧୪୯ଟି ମାମଲା ରୁଜୁ ହୋଇଥିଲା। ସେଥିରୁ କେବଳ ୧୩୭ଟି ମାମଲା ଥିଲା ଲକ୍‌ଡାଉନ୍ ଉଲ୍ଲଂଘନ ଜନିତ। ଏହା ପରଠୁ ନିୟମିତ ଏହି ମାମଲା ବଢ଼ିବାରେ ଲାଗିଛି। ୨୫ତାରିଖ ସକାଳଠାରୁ ୨୬ତାରିଖ ସକାଳ ପର୍ଯ୍ୟନ୍ତ ଉଲ୍ଲଂଘନ ସମ୍ପର୍କିତ ମାମଲା ବୃଦ୍ଧି ହୋଇଥିଲା। ଏହି ସମୟରେ ମୋଟ ୨୫୫ଟି ମାମଲା ରୁଜୁ ହୋଇଥିଲା। ସେଥିରୁ କେବଳ ଲକ୍‌ଡାଉନ୍ ଉଲ୍ଲଂଘନ ଜନିତ ମାମଲା ଥିଲା ୨୪୩। ସେହିଭଳି ୨୬ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ପର୍ଯ୍ୟନ୍ତ କରୋନା ସମ୍ପର୍କିତ ୩୯୩ଟି ମାମଲା ରୁଜୁ ହୋଇଛି। କେବଳ ଲକ୍‌ଡାଉନ୍ ଉଲ୍ଲଂଘନ ସଂକ୍ରାନ୍ତ ମାମଲା ରହିଛି ୩୬୮। ଲୋକେ ବାରମ୍ବାର କଟକଣା ଉଲ୍ଲଂଘନ କରୁଥିବା ନେଇ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ଗାଁଠୁ ସହର ପର୍ଯ୍ୟନ୍ତ ସବୁ ପ୍ରମୁଖ ଛକ, ବଜାର ଓ ରାସ୍ତାରେ ପୋଲିସ ପକ୍ଷରୁ କଡ଼ା ପ୍ରହରା ଦିଆଯାଉଛି। ଜାଗା ଜାଗାରେ ବ୍ୟାରିକେଡ୍ ପକାଇ ଅଧିକାରୀମାନେ ଲୋକଙ୍କୁ ଯାଞ୍ଚ କରୁଛନ୍ତି। ଏପରି କି ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଯାନବାହନ ଜବତ କରାଯିବା ସହ ଜରିମାନା ଆଦାୟ ହେଉଛି। ତଥାପି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେଉନାହିଁ। ଅତ୍ୟାବଶ୍ୟକ କାମ ନ ଥିଲେ ଘରୁ ନ ବାହାରିବା ପାଇଁ ସରକାର ବାରମ୍ବାର କହୁଥିଲେ ମଧ୍ୟ ଅନେକ ଲୋକ ମାନୁ ନାହାନ୍ତି।

ଅପରପକ୍ଷେ ଶୁକ୍ରବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏକ ଭିଡିଓ ବାର୍ତ୍ତା ଜରିଆରେ କାର୍ଯ୍ୟରେ ନିୟୋଜିତ ପୋଲିସ କର୍ମଚାରୀମାନଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଲକ୍‌ଡାଉନ୍ ପାଳନରେ ରାଜ୍ୟ ପୋଲିସ ଭଲ କାମ କରିଛି। ପୋଲିସ କର୍ମଚାରୀଙ୍କ କଠିନ ପରିଶ୍ରମ, ନିଷ୍ଠା ଏବଂ ସମର୍ପଣ ପାଇଁ ସେମାନେ ଆଜି ରାଜ୍ୟବାସୀଙ୍କ ସ୍ନେହ ଓ ସମ୍ମାନ ହାସଲ କରିପାରିଛନ୍ତି। ସେଥିପାଇଁ ଅଭିନନ୍ଦନ। ଲକ୍‌ଡାଉନ୍ ତିନି ସପ୍ତାହ ଚାଲିବ। କିନ୍ତୁ କରୋନା ବିରୋଧରେ ଲଢ଼େଇ କିଛି ମାସ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟ ଓ ଜୀବନ ରକ୍ଷା ନିମନ୍ତେ ଈଶ୍ୱର ଆମକୁ ଗୁରୁଦାୟିତ୍ୱ ଦେଇଛନ୍ତି। ଏହି ପବିତ୍ର କାମ ପାଇଁ ଆମକୁ ପୂର୍ଣ୍ଣ ସମର୍ପିତ ରହିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

## ସାନିଟାଇଜ୍ ହେଲା କର କ୍ଲିନିକ୍

**ଭୁବନେଶ୍ୱର,୨୭।୩ (ବ୍ୟୁରୋ):** ଓଡ଼ିଶାର ତୃତୀୟ କରୋନା ଭାଇରସ୍ ସଂକ୍ରମିତ ବ୍ୟକ୍ତି ଜଣକ ଭୁବନେଶ୍ୱରସ୍ଥିତ କର କ୍ଲିନିକ୍‌ରେ ଚିକିତ୍ସିତ ହୋଇଥିଲେ। ପରେ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ କର କ୍ଲିନିକ୍‌କୁ ନ ଯିବା ପାଇଁ ଲୋକଙ୍କୁ ବାରଣ କରିଥିଲା। ଏଥିସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଥିଲେ। ତେବେ ଏ ସମ୍ପର୍କରେ କ୍ଲିନିକ୍‌ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ କର କହିଛନ୍ତି, କରୋନା ଚିହ୍ନଟ ବ୍ୟକ୍ତି ଜଣକ ଜ୍ୱରରେ ପୀଡିତ ହୋଇଥିଲେ। ଆବଶ୍ୟକ ଚିକିତ୍ସା ପରେ ସନ୍ଦେହ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ଯିବାକୁ କହିଥିଲୁ। ଏବେ ସେ କୋଭିଡ୍-୧୯ ସଂକ୍ରମିତ ହୋଇଥିବା ଜାଣିବା ପରେ କ୍ଲିନିକକୁ ସମ୍ପୂର୍ଣ୍ଣ ସାନିଟାଇଜ କରାଯାଇଛି। ଚିକିତ୍ସାବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ଡାକ୍ତରଙ୍କଠାରୁ ଆରମ୍ଭ କରି କର୍ମଚାରୀ ଓ ଅନ୍ୟ ସମସ୍ତଙ୍କୁ ଚିହ୍ନଟ କରାଯାଇଛି। ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆଇସୋଲେଶନରେ ରହିଥିବାବେଳେ ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଏଠାରେ ରଖାଯିବାର ବ୍ୟବସ୍ଥା ହେଉଛି। ରାଜ୍ୟ ସରକାର ଯେଉଁ ଅନୁସାରେ ନିର୍ଦ୍ଦେଶ ଦେଉଛନ୍ତି, ତାହାକୁ କଡାକଡି ପାଳନ କରୁଛୁ ବୋଲି କର କହିଛନ୍ତି।

## ନିୟମ ଉଲ୍ଲଂଘନ: ୪ଜଣଙ୍କ ନାମରେ ମାମଲା

**ବାଲେଶ୍ୱର ଅଫିସ, ୨୭।୩:** ବାଲେଶ୍ୱର ଜିଲାରେ ହୋମ କ୍ୱାରାଣ୍ଟାଇନରେ ରହିଥିବା ଲୋକଙ୍କ ଘର ବାହାରେ ନିର୍ଦ୍ଧାରିତ ଫର୍ମ ଓ ପୋଷ୍ଟର ଲଗାଇବାକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଘର ବାହାରେ ଚଳପ୍ରଚଳ ନ କରିବାକୁ ସ୍ପଷ୍ଟ ଭାବେ କୁହାଯାଇଛି। ହେଲେ ଏହି ନିୟମକୁ ଉଲ୍ଲଘଂନ କରିଥିବା ୪ଜଣଙ୍କ ନାମରେ ମାମଲା ରୁଜୁ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାକୁ ଏବେ ସୁଦ୍ଧା ବିଦେଶରୁ ଆସିଥିବା ମୋଟ ୨୧୫ଜଣ ଓ ରାଜ୍ୟ ବାହାରୁ ଆସିଥିବା ମୋଟ ୧୦୪୬୬ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଫେରିଲେ ଆନ୍ଧ୍ରରେ ଫସିଥିବା ୪୨ ଛାତ୍ରୀଛାତ୍ର

**ଭଦ୍ରକ ଅଫିସ, ୨୭।୩:** ବିଏଡ ପରୀକ୍ଷା ଦେବାକୁ ଯାଇ ଆନ୍ଧ୍ରପ୍ରଦେଶରେ ଫସିଥିବା ୪୨ ଓଡ଼ିଆ ଛାତ୍ରୀଛାତ୍ର ଘରକୁ ଫେରିଛନ୍ତି। ମୋ ପରିବାର ଟିମ୍‌ର ସଦସ୍ୟ ବିଧାୟକ ସଞ୍ଜୀବ ମଲ୍ଲିକ ଉଦ୍ୟମରେ ଏହି ଛାତ୍ରୀଛାତ୍ର ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଭଦ୍ରକରେ ପହଞ୍ଚିଛନ୍ତି। ଏହି ୪୨ ଜଣଙ୍କ ମଧ୍ୟରେ ଭଦ୍ରକର ୭ଜଣ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କୁ ପ୍ରଥମେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ରଖାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଅନ୍ୟ ଏକ ଗାଡ଼ି ଯୋଗେ ୨୯ ଜଣଙ୍କୁ ବାଲେଶ୍ୱର, ୪ ଜଣଙ୍କୁ ମୟୂରଭଞ୍ଜ ଓ ୨ ଜଣଙ୍କୁ ଯାଜପୁର ଜିଲାର ନିଜ ନିଜ ଘରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି।

## ୫ ବିଦେଶ ଫେରନ୍ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଗଲା

**ଖୋର୍ଦ୍ଧା ଅଫିସ,୨୭।୩**

**ଖୋଲିବ ୨୧୫ ମେଡିକାଲ କ୍ୟାମ୍ପ**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଶୁକ୍ରବାର ଜିଲାର ୫ଜଣ ବିଦେଶ ଫେରନ୍ତା ବ୍ୟକ୍ତିଙ୍କର ସ୍ୱାବ ନମୁନା ପରୀକ୍ଷା ଲାଗି ଭୁବନେଶ୍ୱର ରିଜିଓନାଲ ମେଡିକାଲ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପଞ୍ଚାୟତସ୍ତରରେ ଆଇସୋଲେଶନ ୱାର୍ଡ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଜିଲାରେ ୨୧୫ଟି ମେଡିକାଲ କ୍ୟାମ୍ପ କରାଯିବାକୁ ଯୋଜନା ରହିଛି ବୋଲି ଜିଲାପାଳ ସୀତାଂଶୁ ରାଉତ କହିଛନ୍ତି। ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ସହରର ଗଳିକନ୍ଦିରେ ବ୍ଲିଚିଂ ପାଉଡର ପକାଯିବା ସହ ଡିସ୍‌ଇନ୍‌ଫେକ୍‌ଟାଣ୍ଟ ସିଞ୍ଚନ କରାଯାଉଛି। ମାଛ ମାର୍କେଟକୁ ସାମୟିକ ଭାବେ ବନ୍ଦ କରାଯାଇଛି। ହାବେଳି ପଡ଼ିଆ, ଗୁରୁଜଙ୍ଗ ମେଳଣ ପଡ଼ିଆ, ଲୋକେଶ୍ୱର ମେଳଣ ପଡ଼ିଆ ଏବଂ ଟିଏଲ୍‌ସି ରୋଡକୁ ପରିବା ମାର୍କେଟ ସ୍ଥାନାନ୍ତର କରାଯାଇଛି। ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥା ଆରମ୍ଭ ହୋଇଛି।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିଜ୍ଞଙ୍କୁ ଆମନ୍ତ୍ରଣ କଲେ ରାଜ୍ୟ ସରକାର

**କରୋନା ମୁକାବିଲା**

**ଭୁବନେଶ୍ୱର,୨୭।୩(ବ୍ୟୁରୋ):** କରୋନା ସଂକ୍ରମଣ ମାନବ ସଭ୍ୟତା ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସବୁସ୍ତରରେ ଉଦ୍ୟମ ଜାରି ରଖିଛନ୍ତି। ଏ ପରିସ୍ଥିତିରେ ଉଚ୍ଚ ମାନର ପେସାଗତ କାର୍ଯ୍ୟର ଆବଶ୍ୟକତା ରହିଥିବା ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି। ବରିଷ୍ଠ ପେସାଗତ ବ୍ୟକ୍ତିବିଶେଷ ଏହି ପରିସ୍ଥିତିରେ ସହଯୋଗ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ସ୍ୱାସ୍ଥ୍ୟସେବା, ହସ୍ପିଟାଲ ଭିତ୍ତିଭୂମି ଏବଂ ପରିଚାଳନା ଇତ୍ୟାଦିରେ ପ୍ରବୀଣ ଥିବା ବୃହତ୍ କର୍ପୋରେଟ ସଂସ୍ଥା ଏଥିପାଇଁ ଆଗେଇ ଆସିବା ଉଚିତ। ସେମାନେ ଏହି ସ୍ୱାସ୍ଥ୍ୟ ସଙ୍କଟର ମୁକାବିଲା କରିବା ପାଇଁ ଅନ୍ତର୍ଜାତୀୟସ୍ତରର ଲଜିଷ୍ଟିକ୍, ସ୍ୱାସ୍ଥ୍ୟ ସାମଗ୍ରୀ ଏବଂ ମାନବ ସମ୍ବଳ ଯୋଗାଇ ପାରୁଥିବା ସଂସ୍ଥା ତଥା ବିଶେଷଜ୍ଞ ମୁଖ୍ୟ ଶାସନ ସଚିବଙ୍କୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ସେହିଭଳି କୌଣସି ବ୍ୟକ୍ତିବିଶେଷ ସରକାରଙ୍କ ସ୍ୱେଚ୍ଛାକୃତ ପରାମର୍ଶଦାତା ଭାବେ ଆସିବାକୁ କୁହାଯାଇଛି। ଆଗ୍ରହୀ ବ୍ୟକ୍ତିବିଶେଷ ମୁଖ୍ୟଶାସନ ସଚିବଙ୍କ ଓଏସ୍‌ଡି (COVID-19) ବିଶାଲ ଦେବଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ ପାଇଁ କୁହାଯାଇଛି। ଜାରି ହୋଇଥିବା ଫୋନ ନମ୍ବର ହେଉଛି, ୦୬୭୪-୨୫୩୬୭୨୭, ଫ୍ୟାକ୍ସ ନମ୍ବର, ୦୬୭୪-୨୩୯୬୩୪୮ ଏବଂ ଇମେଲ୍ ଠିକଣା ହେଉଛି- vishal.k.dev@gmail.com.

## ଆଇସିୟୁ ପାଇଁ ଏମ୍‌ପି ପାଣ୍ଠିରୁ ୧କୋଟି ଦେଲେ ଭର୍ତ୍ତୃହରି

**କଟକ ଅଫିସ, ୨୭।୩:** କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରାଜ୍ୟରେ 'କରୋନା' ମୁକାବିଲା ପାଇଁ ଏମ୍‌ପି ପାଣ୍ଠିରୁ ୧କୋଟି ଟଙ୍କା ଏବଂ ୩ ମାସର ଦରମା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି। କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଠଗଡ଼ ମାଧପୁରଠାରେ ଥିବା ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ 'ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର'ରେ ଏକ ପଞ୍ଚଶଯ୍ୟା ବିଶିଷ୍ଟ ଆଇସିୟୁ ପ୍ରତିଷ୍ଠା ନିମନ୍ତେ ମହତାବ ଜିଲାପାଳଙ୍କ ମାଧ୍ୟମରେ ୧କୋଟି ଟଙ୍କା ପ୍ରଦାନ କରିଛନ୍ତି।

## ଡ୍ରିମ୍ସ ଇଞ୍ଜିନିୟରିଂ କଲେଜରେ ହେବ ସ୍ୱତନ୍ତ୍ର କରୋନା ହସ୍ପିଟାଲ

**କଟକ ଅଫିସ,୨୭।୩**

- ସ୍ୱାସ୍ଥ୍ୟ ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷର
- ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଓପିଡି,ପାଥୋଲୋଜି, ଆଇସିୟୁର ସୁବିଧା ମିଳିବ

ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟରେ ମଧ ଗୁରୁବାର ତୃତୀୟ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିଶେଷକରି କରୋନା ଆକ୍ରାନ୍ତଙ୍କ ଚିକିତ୍ସାକୁ ଦୃଷ୍ଟିରେ ରଖି ସରକାର ଗୁରୁବାର ଭୁବନେଶ୍ୱର କିମ୍ସ ଏବଂ ସମ୍ ହସ୍ପିଟାଲ ସହାୟତାରେ ହଜାରେ ଶଯ୍ୟା ବିଶିଷ୍ଟ ୨ଟି କୋଭିଡ-୧୯ହସ୍ପିଟାଲ୍ ସ୍ଥାପନ ନେଇ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହାର ଦିନକ ପରେ କଟକ ଜିଲାରେ ସ୍ୱତନ୍ତ୍ର କରୋନା ହସ୍ପିଟାଲ ପ୍ରତିଷ୍ଠା ପାଇଁ ଡ୍ରିମ୍ସ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ହସ୍ପିଟାଲ ଟାଙ୍ଗୀଠାରେ ଖୁବ୍ ଶୀଘ୍ର ଆରମ୍ଭ କରାଯିବ। କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅନ୍ନଦା ପ୍ରସାଦ ପଟ୍ଟନାୟକ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ଅଖତର,ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଏମ୍. ଆର. ଖାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ଡ୍ରିମ୍ସ କଲେଜ ପରିସର ବୁଲି ଅନୁଧ୍ୟାନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିନିମନ୍ତେ କଲେଜର ଉଭୟ ମହିଳା ଓ ପୁରୁଷ ଛାତ୍ରାବାସର ପ୍ରାୟ ୪୫୦ଟି ପ୍ରକୋଷ୍ଠ ବ୍ୟବହାର କରାଯିବ ବୋଲି ଡ୍ରିମ୍ସ ଗ୍ରୁପ୍ ଅଧ୍ୟକ୍ଷ ପ୍ରମୋଦ ରାଉତ ଘୋଷଣା କରିଛନ୍ତି। ଏହି ପ୍ରସ୍ତାବିତ ହସ୍ପିଟାଲରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରାଯିବ।

ଶୁକ୍ରବାର କଲେଜ ତରଫରୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ହସ୍ପିଟାଲରେ ୪୫୦ଟି ସାଧାରଣ ଶଯ୍ୟା ସହ ସ୍ୱତନ୍ତ୍ର ଭାବେ ୫୦ଟି ପ୍ରକୋଷ୍ଠରେ ୫୦ଆଇସିୟୁର ବ୍ୟବସ୍ଥା କରାଯିବ। ଏହାବ୍ୟତୀତ ବହିଃ ବିଭାଗ, ନିଦାନ ଓ ଲଣ୍ଡ୍ରି ଆଦି ସମସ୍ତ ସୁବିଧା ରୋଗୀମାନଙ୍କୁ ଦିଆଯିବ। ରୋଗୀ ସେବାରେ ନିୟୋଜିତ ହେବାକୁ ଥିବା ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ରହିବାର ବ୍ୟବସ୍ଥା ପୃଥକ୍ ଭାବେ କଲେଜର ଅନ୍ୟ ଏକ କ୍ୟାମ୍ପସରେ କରାଯିବ। ପ୍ରକାଶ ଯେ, ଏହି ପ୍ରସ୍ତାବିତ ହସ୍ପିଟାଲ କିଛି ଦିନ ପୂର୍ବେ ଏସ୍‌ସିବିର ବିଏସ୍‌ସି ନର୍ସିଂ କଲେଜ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବାର ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କିଛି ବିବାଦ ଦେଖାଦେବାରୁ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ।

## କରୋନା ବିପତ୍ତି ଟଳିବା ପରେ ପରୀକ୍ଷା ଚିନ୍ତା

**ଭୁବନେଶ୍ୱର, ୨୭।୩(ବ୍ୟୁରୋ):** କରୋନା ଭାଇରସ୍ ଯୋଗୁ ସାରା ଦେଶକୁ ଲକ୍‌ଡାଉନ କରିଦିଆଯାଇଛି। ଲୋକମାନଙ୍କୁ ବାହାରକୁ ନ ବାହାରିବା ପାଇଁ ସରକାର ଅନୁରୋଧ କରୁଥିବା ବେଳେ ସାଧାରଣ ଜନଜୀବନ କୋଠରି ଭିତରେ ବନ୍ଦ ହୋଇ ରହିଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପରୀକ୍ଷାକୁ ବାତିଲ କରିଦିଆଯାଇଥିବା ବେଳେ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ବନ୍ଦ ରଖାଯିବ ବୋଲି ଘୋଷଣା କରାଯାଇଛି। ଏଭଳି ସ୍ଥିତିରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ପରୀକ୍ଷା କେବେ ସୁଦ୍ଧା ହେବ ସେନେଇ କିଛି ସ୍ଥିର ହୋଇ ନ ଥିବା ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଲକ୍‌ଡାଉନ ଉଠିବାପରେ ଯେତେବେଳେ କରୋନା ସମସ୍ୟା ଯିବ ସେତେବେଳେ ଦେଖାଯିବ। ସମସ୍ତ ପରୀକ୍ଷା ପାଇଁ ତାରିଖ ଧାର୍ଯ୍ୟ କରାଯିବ। ବର୍ତ୍ତମାନ ସମୟରେ ସ୍କୁଲ ଏବଂ କଲେଜରେ ପାଠ ପଢୁଥିବା ପିଲାମାନଙ୍କୁ ସମୟ ନଷ୍ଟ ନ କରି ଘରେ ରହି ପଢ଼ାପଢ଼ି କରିବା ଲାଗି ମନ୍ତ୍ରୀ ସାହୁ ନିବେଦନ କରିଛନ୍ତି।

## ଠାକୁରାଣୀ ପୂଜା ବେଳେ ପୂଜାରୀ ଗିରଫ

**କପ୍ତିପଦା,୨୭।୩(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଶାଳଚୁଆ ପଞ୍ଚାୟତ ସୋଲଗଡିଆ ଦେହୁରୀ ସାହି ପକ୍ଷରୁ ବରଛକ ଠାକୁରାଣୀ ନିକଟରେ ଶୁକ୍ରବାର ଡାଳକଟା ପୂଜା ଅନୁଷ୍ଠିତ ହେଉଥିଲା। ଲକ୍ ଡାଉନ ସତ୍ତ୍ୱେ ସାହି ବାସିନ୍ଦା ଏକତ୍ରିତ ହୋଇ ଢୋଲ ବଜାଇ ପୂଜାର୍ଚ୍ଚନା କରୁଥିଲେ। ଖବରପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ସେଠାରେ ଉପସ୍ଥିତ ଲୋକେ ଦୌଡ଼ି ପଳାଇଥିଲେ। ମାତ୍ର ପୂଜା କରୁଥିବା ଦେହୁରୀ(ପୂଜାରୀ) ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍‌ଙ୍କୁ ପୋଲିସ କାବୁ କରି ନେଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୮୨/୨୦୨୦) ରୁଜୁ ହୋଇଛି। ଶନିବାର ଦେହୁରୀ ମଲ୍ଲିକ୍‌ଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଘଟଣାସ୍ଥଳରୁ ପୂଜା ସାମଗ୍ରୀ ଓ ବଳି ପାଇଁ ଉଦ୍ଦିଷ୍ଟ ତେଲେଙ୍ଗା କଟୁରୀକୁ ଜବତ କରାଯାଇଛି।

## ସ୍ୱତନ୍ତ୍ର କାଉଣ୍ଟରରେ ଆଳୁ, ପିଆଜ ବିକ୍ରି କରିବ ଏସ୍‌ଏଚ୍‌ଜି

**ବାଲେଶ୍ୱର ଅଫିସ, ୨୭।୩:** ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ନିୟନ୍ତ୍ରଣ ଲାଗି ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ସମ୍ମିଳନୀ କକ୍ଷରେ ଲକ୍‌ଡାଉନସ୍ଥିତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରି ପନିପରିବା, ରାଶନ ସାମଗ୍ରୀ ମୂଲ୍ୟ ଯେପରି ବୃଦ୍ଧି ନ ହୁଏ ଏବଂ ସମସ୍ତ ଦୋକାନୀ ନିଜ ଦୋକାନ ସାମ୍ନାରେ ମୂଲ୍ୟସୂଚୀ ନିଶ୍ଚିତ ଲଗାଇବାକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଆଳୁ ଓ ପିଆଜ ଦର ଉପରେ ନିୟନ୍ତ୍ରଣ ଲାଗି ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ମାଧ୍ୟମରେ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୀ କରୁଥିବା ସୁପର ମାର୍କେଟର ପ୍ରତିନିଧିମାନେ ହୋମ ଡେଲିଭରି ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି।

## ବେଙ୍ଗାଲୁରୁରେ ଫସିଛନ୍ତି ୩୫ ଶ୍ରମିକ

### ଉଦ୍ଧାର ପାଇଁ ଭିଡିଓ ମାଧ୍ୟମରେ ସରକାରଙ୍କୁ ନିବେଦନ

**କୃଷ୍ଣପ୍ରସାଦ, ୨୭।୩(ନି.ପ୍ର.)**

କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ। ଗାଡ଼ିମୋଟର, ଟ୍ରେନ ସବୁ ବନ୍ଦ। ଏଭଳି ସ୍ଥିତିରେ ବେଙ୍ଗାଲୁରୁରେ ଫସିରହିଛନ୍ତି ପୁରୀ ଜିଲା କୃଷ୍ଣପ୍ରସାଦର ୩୫ଜଣ ଶ୍ରମିକ। ସେମାନେ ୩ ଦିନ ଧରି ଭୋକ ଉପବାସରେ ଦିନ କାଟୁଛନ୍ତି। ବେଙ୍ଗାଲୁରୁର ସୋଲାରପୁରିଆ ନାମକ ଏକ କନଷ୍ଟ୍ରକଶନ କମ୍ପାନୀରେ ୪ମାସ ହେଲା କାର୍ଯ୍ୟ କରୁଥିଲେ। କରୋନା ଆତଙ୍କ ପରେ କମ୍ପାନୀ ବନ୍ଦ ହୋଇଯାଇଛି। ସେମାନେ ୨ମାସର ଦରମା ପାଇ ନ ଥିବା ବେଳେ ଘରକୁ ଫେରିବା ପାଇଁ ଚାହିଁଲେ ବି ଚାରିଆଡେ ବନ୍ଦ ଯୋଗୁ ଓଡ଼ିଶା ଆସିପାରୁନାହାନ୍ତି। କିଛି ଖାଇବା ପାଇଁ ମିଳୁନାହିଁ। ବାହାରକୁ ବାହାରିଲେ ପୋଲିସ ମାଡ ମାରୁଛି। ତେଣୁ ସେମାନେ ଫେସବୁକରେ ଭିଡିଓ ମାଧ୍ୟମରେ ନିଜର ଦୁଃଖ ଦୁର୍ଦ୍ଦଶା ବଖାଣିବା ସହ ଓଡ଼ିଶା ଫେରାଇଆଣିବା ପାଇଁ ଓଡ଼ିଶା ସରକାରଙ୍କୁ ନିବେଦନ କରିଛନ୍ତି।

## ବିଦେଶ ଫେରନ୍ତାଙ୍କୁ କଡ଼ା ଚେତାବନୀ

**ଭୁବନେଶ୍ୱର,୨୭।୩(ବ୍ୟୁରୋ):** ବିଦେଶରୁ ଓଡ଼ିଶା ଫେରିଥିବା ଲୋକଙ୍କୁ ତୁରନ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ରାଜ୍ୟରେ ୩ୟ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ବିଦେଶ ଫେରନ୍ତାଙ୍କ ପାଇଁ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ପଞ୍ଜୀକରଣ ନ କରିବେ ସେମାନଙ୍କ ବିରୋଧରେ ଉଭୟ ସିଆର୍‌ପିସି ଓ ଆଇପିସିର ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ଶୁକ୍ରବାର କଡା ଚେତାବନୀ ଦେଇଛନ୍ତି। ପଞ୍ଜୀକରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ୧୦୪ ଟୋଲ୍ ଫ୍ରି ନମ୍ବର ଏବଂ ୱେବ୍ ପୋର୍ଟାଲ https://covid19.odisha.gov.in ଜାରି କରାଯାଇଛି। ନିଜେ ପଞ୍ଜୀକରଣ କରିପାରିବେ କିମ୍ବା ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କ ଜରିଆରେ ମଧ କରିହେବ। ପଞ୍ଜୀକରଣ କରିଥିବା ଲୋକଙ୍କ ଉପରେ ନଜର ରଖାଯିବ। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ବା ଘରେ ସଙ୍ଗରୋଧ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଭୋକିଲା ପେଟକୁ ଦାନା ଦେଉଛନ୍ତି ପୋଲିସ, ସ୍ୱେଚ୍ଛାସେବୀ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ):** କରୋନା ସଂକ୍ରମଣ ରୋକିବାକୁ ଲାଗୁ ହୋଇଥିବା ଲକ୍‌ଡାଉନ୍ ପାଇଁ ଏବେ ରାଜଧାନୀ ସମେତ ସାରା ରାଜ୍ୟରେ ଖାଦ୍ୟ ସମସ୍ୟା ଦେଖାଦେଇଛି। ବିଶେଷକରି ଅସହାୟ, ନିରାଶ୍ରୟ ଓ ମାନସିକ ବିକାରଗ୍ରସ୍ତ ଭୋକ ଶୋଷରେ ତହଲବିକଳ ହେଉଛନ୍ତି। ରାଜଧାନୀରେ ଏପରି ଶହଶହ ଲୋକ ଭୋକ ଶୋଷରେ କେଉଁଠି ଗଛ ତଳେ ତ ଆଉ କେଉଁଠି ବସ୍ ଷ୍ଟପ୍ ଆଦି ବିଭିନ୍ନ ସ୍ଥାନରେ ପଡି ରହିଛନ୍ତି। ଏଭଳି ବିପଦ ସମୟରେ ସେମାନଙ୍କ ବନ୍ଧୁ ସାଜିଛନ୍ତି ପୋଲିସ ଓ କେତେଜଣ ସ୍ୱେଚ୍ଛାସେବୀ। ଏମାନେ କରୋନା ଲଢ଼େଇରେ ଅନ୍ୟତମ ପୁରୋଧା ସାଜି ଭୋକିଲା ପେଟକୁ ଦାନା ଦେଉଛନ୍ତି। ଏପରି କି ସାମାଜିକ ସଂଗଠନର କର୍ମକର୍ତ୍ତା ଭୋକରେ ପଶୁ ଏବଂ ପକ୍ଷୀମାନଙ୍କୁ ଖାଇବାକୁ ଦେଉଥିବା ଦେଖିବାକୁ ମିଳୁଛି। ସେହିପରି ସିଆଇଏସ୍‌ଏଫ୍ (ଏୟାରପୋର୍ଟ)ରେ କାର୍ଯ୍ୟରତ ଚନ୍ଦ୍ରଶେଖର ନାହାକଙ୍କ ପରି ବହୁ ବ୍ୟକ୍ତି ନିଜ ଅର୍ଥ ଖର୍ଚ୍ଚ କରି ଭୋକିଲା ଲୋକ ଓ ପଶୁପକ୍ଷୀଙ୍କୁ ଖାଇବାକୁ ଦେଉଛନ୍ତି। ସେ ରାମମନ୍ଦିର, ମାଷ୍ଟରକ୍ୟାଣ୍ଟିନ, ରାଜମହଲ ଆଦି ଅନେକ ସ୍ଥାନକୁ ଯାଇ ବୁଲି ବୁଲି ଖାଦ୍ୟ ବାଣ୍ଟୁଛନ୍ତି। ସେହିପରି ଖରାରେ ଛିଡା ହୋଇ କାର୍ଯ୍ୟ କରୁଥିବା ପୋଲିସମାନଙ୍କୁ ମଧ୍ୟ ଅନେକ ସାମାଜିକ କର୍ମୀ ଖାଦ୍ୟ ଓ ପାନୀୟ ଯୋଗାଉଛନ୍ତି।



ଭୁବନେଶ୍ୱରରେ ପୋଲିସ ପକ୍ଷରୁ ଅସହାୟ ମହିଳାଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ସାମାଜିକ କର୍ମୀ ବୁଲା ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି।

## ୫ଶହ ନିରାଶ୍ରୟଙ୍କୁ ଆହାର ବାଣ୍ଟିଲା ବିଏମ୍‌ସି

ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଧ ଭୋକିଲାଙ୍କ ପାଇଁ ବ୍ୟବସ୍ଥା ହୋଇଛି। ଶୁକ୍ରବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ରେଲ୍‌ୱେ ଷ୍ଟେଶନ, ଓଭରବ୍ରିଜ ତଳେ ମୁଣ୍ଡଗୁଞ୍ଜି ଥିବା ୫ଶହ ନିରାଶ୍ରୟ ଓ ଅସହାୟଙ୍କୁ ରନ୍ଧାଖାଦ୍ୟ 'ଆହାର' ପ୍ରଦାନ କରାଯାଇଛି। ଏହାର ତଦାରଖ ଦାୟିତ୍ୱରେ ବିଏମ୍‌ସିର ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ ରହିଥିବାବେଳେ ଆଗାମୀ ଦିନରେ ଅଧିକ ଖାଦ୍ୟ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି।

## ଭୋକ ଶୋଷରେ ଗୋରୁ ମୃତ୍ୟୁ ସନ୍ଦେହ

ଲକ୍‌ଡାଉନ୍ ପାଇଁ ଏବେ ପଶୁପକ୍ଷୀମାନେ ଅଧିକ ହଇରାଣ ହେଉଛନ୍ତି। ପିଇବାକୁ ପାଣି ନ ପାଇ ଅନେକ ପଶୁ ଏବଂ ପକ୍ଷୀଙ୍କ ମୃତ୍ୟୁ ଘଟୁଥିବା ଜଣାପଡିଛି। ଶୁକ୍ରବାର ଦୁଇଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ଏହି ଦୁଇ ଗୋରୁଙ୍କୁ ଏକ ଟ୍ରକ୍‌ରେ ନିଆଯାଉଥିବାବେଳେ ୧୨୦ ବାଟାଲିୟନ ନିକଟରେ ବହୁ ସମୟ ଧରି ଗାଡିଟି ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଗାଡିର ଡ୍ରାଇଭର ମଧ୍ୟ ନ ଥିଲେ। ଟ୍ରକରେ ସେମିତି ମଲା ଗୋରୁ ବହୁ ସମୟ ପର୍ଯ୍ୟନ୍ତ ପଡି ରହିଥିଲେ। ତେବେ ପାଣି ଓ ଖରାପାଇଁ ଗୋରୁ ମୃତ୍ୟୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ତେଣୁ ବିଏମ୍‌ସି ପକ୍ଷରୁ ସେମାନଙ୍କ ପାଇଁ ଜଳର ବ୍ୟବସ୍ଥା କରିବାକୁ ପଶୁପ୍ରେମୀ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ହାଟରେ କଟକଣାକୁ ବେଖାତିର

**ଓଡ଼ାପଡ଼ା, ୨୭।୩(ଡି.ଏନ.ଏ):** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ଶୁକ୍ରବାର ସାପ୍ତାହିକ ହାଟରେ ସାମାଜିକ ଦୂରତା କଟକଣା ନେଇ ଘୋର ଅବ୍ୟବସ୍ଥା ଦେଖାଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାହକ ଏବଂ ବ୍ୟବସାୟୀ ଛତ୍ରଭଙ୍ଗ ଦେଇଥିଲେ। ଉକ୍ତ ହାଟରେ କେବଳ ପରିବା ବ୍ୟବସାୟ ହୋଇଥାଏ। କରୋନା ମହାମାରୀ ସମୟରେ ପନିପରିବାକୁ ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ବିଚାର କରି କିଣାବିକା ଲାଗି ଅନୁମତି ପ୍ରଦାନ କରାଯାଇଛି। ହେଲେ ସାମାଜିକ ଦୂରତା ରକ୍ଷା କରିବା ଲାଗି ଏଠାରେ ବ୍ୟବସ୍ଥା ହୋଇନାହିଁ। ତେଣୁ ଏପରି ପରିସ୍ଥିତି ଉପୁଜିଥିଲା। ଇନ୍ଦିପୁର ସରପଞ୍ଚ ରାଜକିଶୋର ରାଉତ ମାଇକ୍ ସହାୟତାରେ ଭିଡ଼ ହଟାଇବାକୁ ନିବେଦନ କରିଥିଲେ ମଧ କେହି ଶୁଣି ନ ଥିଲେ। ଶେଷରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏ ନେଇ ସରପଞ୍ଚ କୁହନ୍ତି, ବ୍ୟବସାୟୀ ଏବଂ ଗ୍ରାହକ ଏକାଠି ହୋଇଯିବାରୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲା। ଆଗାମୀ ସପ୍ତାହରେ ହାଟକୁ ସୁବ୍ୟବସ୍ଥିତ କରିବାକୁ ଗ୍ରାମବାସୀଙ୍କ ସହଯୋଗ ନିଆଯିବ।

### ହ୍ୱାଟ୍ସଆପ୍‌ରେ ଜନଶୁଣାଣି ଦାବି

**ଢେଙ୍କାନାଳ ଅଫିସ, ୨୭।୩:** ଲକ୍‌ଡାଉନ୍ ସମୟରେ ଜିଲା ପ୍ରଶାସନ ପକ୍ଷରୁ ହ୍ୱାଟସଅପ୍ ମାଧ୍ୟମରେ ଜନଶୁଣାଣି କରାଯାଉ ବୋଲି ଶନିବାର ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦଳର ଜିଲା ସଭାପତି ସୁରେଶ ପାଣିଗ୍ରାହୀ, ସଂଯୋଜକ ରୁଦ୍ରପ୍ରକାଶ ଶରଣ, ମିଡିଆସେଲ୍ ଅଧକ୍ଷ ଡା. ତୁଷାରକାନ୍ତି ନାୟକ, ଓବିସି ସେଲ ଅଧକ୍ଷ ନିଶାକର ସାହୁ ପ୍ରମୁଖ ଟେଲି କନଫରେନ୍ସିଂ ମାଧମରେ ଲକ୍‌ଡାଉନ୍ ସମୟରେ ଜିଲାବାସୀ ଭୋଗୁଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଲୋକମାନେ ସେମାନଙ୍କ ଜରୁରୀ ସମସ୍ୟା ଜଣାଇବାକୁ ଜିଲା ପ୍ରଶାସନ ତୁରନ୍ତ ଏକ ହ୍ୱାଟ୍‌ସଅପ ନମ୍ବର ଉପଲବ୍ଧ କରାଇବା ଜରୁରୀ ବୋଲି ଦଳ ଦାବି ପକ୍ଷରୁ ଦାବି ହୋଇଛି।

### ଏମ୍‌ପି ଦେଲେ ୨୬ ଲକ୍ଷ

**ଢେଙ୍କାନାଳ ଅଫିସ, ୨୭।୩:** କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଏବଂ ଚିକିତ୍ସାଳୟରେ କରାଯାଉଥିବା ବ୍ୟବସ୍ଥା ପାଇଁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ନିଜସ୍ୱ ହାତପାଣ୍ଠିରୁ ୨୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟୟ ଅଟକଳ ପ୍ରଦାନ କରିବା ପରେ ସେ ଏହି ସହାୟତା ପ୍ରଦାନ କରିଥିବା କହିଛନ୍ତି।

### ନିୟମ ଭାଙ୍ଗି ୩ ଗିରଫ

**ଢେଙ୍କାନାଳ ଅଫିସ, ୨୭।୩:** ଲକ୍‌ଡାଉନ ନୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଢେଙ୍କାନାଳ ଟାଉନ ଥାନା ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ ଗାଡ଼ି ଜବତ କରାଯାଇଛି। ଏଥିସହ ଯାଞ୍ଚ ବେଳେ ୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି। ସେହିପରି ଲକ୍‌ଡାଉନ ସମୟରେ ଜରୁରୀ କାର୍ଯ୍ୟରେ ବାହାରକୁ ଯିବା ଲାଗି ଥାନା ଏବଂ ଜିଲା କାର୍ଯ୍ୟାଳୟରେ ଭିଡ଼ ଦେଖିବାକୁ ମିଳିଛି।

### ଦୃଷ୍ଟିବାଧିତଙ୍କୁ ହେଲପିଂ ହାଣ୍ଡ୍‌ସର ସହାୟତା

**ଢେଙ୍କାନାଳ ଅଫିସ, ୨୭।୩:** ଢେଙ୍କାନାଳ ସଦର ବ୍ଲକ ପାଇକଦହିକୋର ଅଞ୍ଚଳରେ ରହୁଥିବା ଦୃଷ୍ଟିବାଧିତଙ୍କୁ ସହାୟତାର ହାତ ବଢ଼ାଇଛି ହେଲପିଂହାଣ୍ଡ୍‌ସ ଏସ୍-୨ ସଂସ୍ଥା। ସମ୍ପୃକ୍ତ ଦୃଷ୍ଟିବାଧିତମାନେ ଭଜନ ପରିବେଷଣ କରି ପେଟ ପୋଷିଥାନ୍ତି। ଲକ୍‌ଡାଉନ ହେବାପରେ ସେମାନଙ୍କ ସମସ୍ୟା ବଢ଼ିଯାଇଛି। ଦୃଷ୍ଟିବାଧିତ ପରିବାରକୁ ଶୁଖିଲା ଖାଦ୍ୟ, ଫଳ, ଗ୍ରସରୀ ସାମଗ୍ରୀ ପ୍ରଦାନ କରାଯାଇଥିବା ଅନୁଷ୍ଠାନର ସଦସ୍ୟ ଷ୍ଟାଲିନ ମହାନ୍ତି ସୂଚନା ଦେଇଛନ୍ତି।

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ, ୨୭।୩:** ଢେଙ୍କାନାଳ ଜିଲା ଯୋରନ୍ଦା ଫାଣ୍ଡି ଛାଟିଆ କାଜୁ ଜଙ୍ଗଲରୁ ଶୁକ୍ରବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଫାଣ୍ଡି ଅଧିକାରୀ ଶିବରଞ୍ଜନ ସିଂ ସଦଳବଳ ପହଞ୍ଚି ମୃତଦେହ ଜବତ କରିଛନ୍ତି। ବୃଦ୍ଧଙ୍କ ପରିଚୟ ମିଳିନାହିଁ। ସେ ଧଳା ଧୋତି ଏବଂ ପାଇଜାମା ପିନ୍ଧିଥିବା ଦେଖିବାକୁ ମିଳିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ସନ୍ଦିଗ୍ଧଙ୍କ ଉପରେ କଡ଼ା ନଜର

**ଢେଙ୍କାନାଳ ଅଫିସ, ୨୭।୩**

ଧୀରେ ଧୀରେ ସମୂହ ସଂକ୍ରମଣ ଆଡକୁ ଗତି କରୁଛି ମହାମାରୀ କରୋନା। ଏହାର ମୁକାବିଲା କରିବା ଲାଗି ପ୍ରସ୍ତୁତିକୁ ଆହୁରି ଜୋର୍‌ଦାର କରିଛି ଢେଙ୍କାନାଳ ଜିଲା ପ୍ରଶାସନ। ଏ ନେଇ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି।

- ■କ୍ୱାରାଣ୍ଟାଇନ୍ ତଦାରଖ କରିବେ ଅଧିକାରୀ
- ■ଜରୁରୀ ସାମଗ୍ରୀ ବିକିବାକୁ ଅଧିକ ଦୁଇଘଣ୍ଟା
- ■ରାଜପଥ ପାର୍ଶ୍ୱରେ ଖୋଲିବ ୬ ଢାବା
- ■ଜିଲା ପ୍ରଶାସନ ଜାରିକଲା କଣ୍ଟ୍ରୋଲ ରୁମ୍ ନମ୍ବର

ବାହାରୁ ଆସି କ୍ୱାରାଣ୍ଟାଇନରେ ଥିବା ସନ୍ଦିଗ୍ଧଙ୍କ ଉପରେ ନଜର ରଖିବାକୁ ଜିଲାପାଳ ଜିଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କ୍ୱାରାଣ୍ଟାଇନ୍ ନିୟମ ତଦାରଖ କରିବା ଲାଗି ପ୍ରତି ବ୍ଲକରେ ୨ଜଣ ଅଧିକାରୀ ନିୟୋଜିତ ହେବେ। ସେମାନେ ବିଡିଓଙ୍କ ସହ ସମନ୍ୱୟ ରକ୍ଷା କରି ଜିଲାପାଳଙ୍କୁ ରିପୋର୍ଟ ଦେବେ। ଜରୁରୀ ସାମଗ୍ରୀ ଖୋଲିବା ଲାଗି ପୂର୍ବ ନିର୍ଦ୍ଧାରିତ ସମୟରେ ୨ଘଣ୍ଟା ବୃଦ୍ଧି କରାଯାଇଛି। ଏଣିକି ସକାଳ ୭ରୁ ପୂର୍ବାହ୍ନ ୧୧ ଏବଂ ଅପରାହ୍ନ ୪ଟାରୁ ୭ଟା ଯାଏ ଦୋକାନ ଖୋଲିବ। ଏଥିସହ ୫୫ନଂ. ଜାତୀୟ ରାଜପଥ ଏବଂ ଭାପୁର-ଶଙ୍କରପୁର ଦେଇ ଯାଇଥିବା ଜଗନ୍ନାଥ ସଡ଼କ ପାର୍ଶ୍ୱରେ ୬ଟି ଢାବା ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ୫୫ନଂ. ଜାତୀୟ ରାଜପଥରେ ଦୁଇଟି ଗ୍ୟାରେଜ୍ ଖୋଲାଯାଇଛି। ମାଲ ପରିବହନ, ଯାନବାହନ ଚାଳକ ଓ କର୍ମଚାରୀଙ୍କ ସୁବିଧା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଢାବାରୁ କେବଳ ଖାଦ୍ୟ କିଣି ନେଇପାରିବେ। ସେଠାରେ ବସି କେହି ଖାଇପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ପ୍ରଶାସନ ପକ୍ଷରୁ କଣ୍ଟ୍ରୋଲ ରୁମ୍ ନମ୍ବର ଜାରି ରଖାଯାଇଛି। ଜରୁରିକାଳୀନ ବିଭାଗ କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ ନଂ. ୭୭୩୫୧୭୭୬୮୮, ୦୬୭୬୨-୨୨୧୩୭୬ ଏବଂ ଟୋଲ ଫ୍ରି ନଂ. ୧୦୭୭। ସେହିପରି ଜିଲା ଚିକିତ୍ସାଳୟର କଣ୍ଟ୍ରୋଲ ରୁମ୍ ନଂ. ୦୬୭୬୨-୨୨୬୮୧୮।

ସନ୍ଦିଗ୍ଧ ବ୍ୟକ୍ତିଙ୍କ ଘରେ ଷ୍ଟିକରିଂ କରାଯାଇଛି। ପଞ୍ଚାୟତସ୍ତରୀୟ ଅଧିକାରୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଶିକ୍ଷକ, କୃଷି, ଉଦ୍ୟାନ ଏବଂ ମତ୍ସ୍ୟ ବିଭାଗ ଅଧିକାରୀ କ୍ୱାରାଣ୍ଟାଇନରେ ଥିବା ବ୍ୟକ୍ତିଙ୍କ ଉପରେ ନଜର ରଖିବେ। ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ସଦର ମହକୁମା ଛାଡ଼ି ବାହାରକୁ ନ ଯିବାକୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ଘରେ ରହି କାମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୌଦାମିନୀ ସେଠୀ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ଆଗୁଆ ଦରମା ଦେଲା ନର୍ଭେରାମ

- ■ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ତ୍ୱରାନ୍ୱିତ
- ■କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ବଣ୍ଟାଗଲା ସାବୁନ

**ଓଡ଼ାପଡ଼ା, ୨୭।୩(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାସ୍ଥିତ ନର୍ଭେରାମ ପାୱାର ଆଣ୍ଡ୍ ଷ୍ଟିଲ କମ୍ପାନୀ ପକ୍ଷରୁ କୋଭିଡ୍-୧୯କୁ ନଜରରେ ରଖି ବିଭିନ୍ନ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ ସମସ୍ତ ଶ୍ରମିକ ଏବଂ କର୍ମଚାରୀଙ୍କୁ ମାର୍ଚ୍ଚ ମାସର ଦରମା ଆଗୁଆ ପ୍ରଦାନ କରାଯାଇଛି। କମ୍ପାନୀ ପରିସରରେ ସଚେତନତାମୂଳକ ପୋଷ୍ଟର ଲଗାଯିବା ସହ ମୁଖ୍ୟ ଫାଟକ ନିକଟରେ ହାତ ଧୋଇବା ବ୍ୟବସ୍ଥା କରାଯାଇଛି। ସାମାଜିକ ଦୂରତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି। ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗୁଣ୍ଡିଚାପଡ଼ା, ବାରଦା ପଞ୍ଚାୟତର ସରପଞ୍ଚଙ୍କ ମାଧ୍ୟମରେ ସମସ୍ତ ପରିବାରକୁ ସାବୁନ ବଣ୍ଟନ କରାଯାଇଛି। କେତେଜଣ ଗ୍ରାମବାସୀଙ୍କୁ ସାମାଜିକ ଦୂରତା ବଜାୟ ରଖି ସାବୁନ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ କାରଖାନା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିତ ଗୁପ୍ତା କୁହନ୍ତି, କମ୍ପାନୀ ପକ୍ଷରୁ ସରକାରଙ୍କ ସମସ୍ତ ନିର୍ଦ୍ଦେଶନାମାକୁ ପାଳନ କରାଯାଉଛି। ଶ୍ରମିକ, କର୍ମଚାରୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ଗ୍ରାମବାସୀଙ୍କ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ସହିତ ଜିଲା ପ୍ରଶାସନକୁ ସହଯୋଗର ହାତ ବଢ଼ାଯାଇଛି।



ନର୍ଭେରାମ କମ୍ପାନୀ ପକ୍ଷରୁ ସାବୁନ ପ୍ରଦାନ କରାଯାଇଛି।

## ବିଏସ୍-୪ ଗାଡ଼ି ବିକ୍ରି ଅବଧି ଏପ୍ରିଲ ୨୪କୁ ବୃଦ୍ଧି

**ନୂଆଦିଲ୍ଲୀ,୨୭।୩**

ବିଏସ୍-୪ ଗାଡ଼ି ବିକ୍ରି ଅବଧିକୁ ସୁପ୍ରିମ୍ କୋର୍ଟ ଏପ୍ରିଲ ୨୪ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଲକ୍‌ଡାଉନ ଅବଧି ଏପ୍ରିଲ୍ ୧୪ରେ ଶେଷ ହେବା ପରେ ୧୦ଦିନ ମଧ୍ୟରେ ଏହି ଗାଡ଼ିକୁ ବିକ୍ରି କରିବା ନିମନ୍ତେ ଅନୁମତି ମିଳିଛି। ଏହି ଅବଧି ବୃଦ୍ଧି ସମୟରେ ଶୋ'ରୁମ୍‌ଗୁଡ଼ିକ କେବଳ ୧୦ପ୍ରତିଶତ ବିଏସ୍-୪ ଗାଡ଼ି ବିକ୍ରି କରିପାରିବେ। ହେଲେ ରାଜଧାନୀ ଦିଲ୍ଲୀରେ ଏହି ଗାଡ଼ି ଆଉ ବିକ୍ରି କରାଯାଇପାରିବ ନାହିଁ। ଏପରି କି ଯେଉଁ ଗାଡ଼ିଗୁଡ଼ିକ ବିକ୍ରି ହେବ ତାହା ୧୦ଦିନ ମଧ୍ୟରେ ପଞ୍ଜୀକରଣ ହେବା ବାଧ୍ୟତାମୂଳକ ବୋଲି ଶୁକ୍ରବାର ଏକ ସ୍ୱତନ୍ତ୍ର ଆବେଦନର ଶୁଣାଣି କରି କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ବିଏସ୍-୪ ଗାଡ଼ି ବିକ୍ରିର ଅବଧି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିଥିଲା। ହେଲେ ଲକ୍‌ଡାଉନ ଘୋଷଣା ଫଳରେ ସମସ୍ତ ଗାଡ଼ି ଶୋ'ରୁମ୍ ବନ୍ଦ ହୋଇ ରହିଛି। ଏଭଳିସ୍ଥିତିରେ ବିଏସ୍-୪ ଗାଡ଼ିକଗୁଡ଼ିକର ବିକ୍ରି ଅବଧିକୁ ବୃଦ୍ଧି କରିବା ପାଇଁ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ ଫେଡେରେଶନ(ଏଫ୍‌ଏଡିଏ)ଏବଂ ସୋସାଇଟି ଅଫ୍ ଅଟୋମୋବାଇଲ ମାନୁଫ୍ୟାକ୍ଚର୍ସ(ଏସ୍‌ଆଇଏମ୍) ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଲକ୍‌ଡାଉନ ଯୋଗୁ ୧୫ହଜାର ଯାତ୍ରୀବାହୀ କାର୍, ୧୨ହଜାର ମାଲ୍‌ବୋଝେଇ ଯାନ ଏବଂ ୭ଲକ୍ଷ ୨ଚକିଆ ବିଏସ୍-୪ ଯାନ ବିକ୍ରି ନ ହୋଇ ପଡ଼ି ରହିଛି ବୋଲି ଆବେଦନରେ ଉଲ୍ଲେଖ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନାହିଁ ଲଜେଇବାକୁ
ଫଟା ଡାବୁ ନାହିଁ ବଜେଇବାକୁ।**

ଅଲାଜୁକ, ତା'ର ମୁହଁକୁ ଲାଜସରମ ନ ଥାଏ। ପ୍ରତ୍ୟେକ କଥାକୁ ସେ ଫୁତ୍କାରରେ ଉଡ଼ାଇ ଦେଇଥାଏ। ଯିଏ ଯେତେ କହିଲେ ମଧ୍ୟ ତା'ର ପ୍ରଭାବ ତା' ଉପରେ ପଡ଼ିପାରି ନ ଥାଏ। ଅଲାଜୁକ ବେହିଆ ମୁହଁରେ ବଡ଼ ବଡ଼ କଥା ଶୋଭାପାଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଲୋକର ଯେବେ କପାଳ ପୋଡ଼େ
ଯୋଉ ଡାଳ ଧରେ ସେ ଡାଳ ଛିଡ଼େ।**

ପ୍ରାରବ୍ଧବର୍ଗ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। କପାଳ ବା ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



## ଜିଲା ଚିଠି
### ଖୋର୍ଦ୍ଧା

## ଅସୁରକ୍ଷିତ ଗଜରାଜ

ହାତୀଙ୍କ ଲାଗି ଅସୁରକ୍ଷିତ ହୋଇଛି ଖୋର୍ଦ୍ଧା ବନଖଣ୍ଡ। ଗତ ୧୫ବର୍ଷରେ ଏହି ବନଖଣ୍ଡରେ ଯାଇଛି ୭ ହାତୀଙ୍କ ଜୀବନ। ୧୧ବର୍ଷରେ ଘଟିଛି ୨୦ଜଣଙ୍କ ପ୍ରାଣହାନୀ। ଏଥିପାଇଁ ବନ ବିଭାଗର ଆନ୍ତରିକତା ଅଭାବ ଏବଂ ଜିଲା ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି ପରିବେଶପ୍ରେମୀ। ମାର୍ଚ୍ଚ ୧୮ରେ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ମଲାଗୁଣୀ ନଦୀପଠାସ୍ଥିତ ସରପାରୀ ପଞ୍ଚାୟତର ବାରୋଡା ମୌଜାରେ ଅସୁସ୍ଥ ଅବସ୍ଥାରେ ଏକ ମାଈ ହାତୀ ଦୁଇ ଦିନ ଧରି ଜୀବନ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଲା। ଉପଯୁକ୍ତ ଚିକିତ୍ସାରେ ଅବହେଳା ଏବଂ କୀଟନାଶକ ପ୍ରୟୋଗ ଏହି ହାତୀ ମୃତ୍ୟୁକାରଣର ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ କହି ନିଜ ଉପରୁ ଦୋଷ ଖସାଇ ଦେଇଛନ୍ତି କର୍ତ୍ତୃପକ୍ଷ। ବନ ବିଭାଗ ତଥ୍ୟ କହୁଛି ୨୦୦୬ ଜାନୁୟାରୀ ୧୨ ରଣପୁର ରେଞ୍ଜରେ ଏକ ମାଈ ହାତୀ ମୃତ ଶରୀର ଠାବ ହୋଇଥିଲା। ୨୦୦୮ଜାନୁୟାରୀ ୩ରେ ଖୋର୍ଦ୍ଧା ବନାଞ୍ଚଳ ବରୁଣେଇ ପାହାଡରେ ସଂକ୍ରାମଣ ରୋଗରେ ପୀଡିତ ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ସେହିବର୍ଷ ଏହି ବନାଞ୍ଚଳ ଅନ୍ତର୍ଗତ ଜାନୁୟାରୀ ୨୯ ମଧୁପୁରରେ ଶିକାରୀ ଗୁଳିରେ ଏକ ହାତୀ ଟଳି ପଡିଥିଲା। ପୁଣି ୨୦୧୦ଡିସେମ୍ବର୧୪ କୁଶପାଙ୍ଗୀ ଜଙ୍ଗଲରେ ଏକ ହାତୀର ମୃତ୍ୟୁ ଘଟିଥିଲା। ୨୦୧୭ ଡିସେମ୍ବର୨ରେ ଟାଙ୍ଗୀ ବନାଞ୍ଚଳ ରାମେଶ୍ୱର ଖଜୁରୀପଡା ଗ୍ରାମ ନିକଟରୁ ଆଉ ଏକ ମାଈ ହାତୀର ଗଳିତ ମୃତଦେହ ଜବତ ହୋଇଥିଲା। ୨୦୧୯ ନଭେମ୍ବର୨୨ ମାସରେ ଜଙ୍କିଆ ଥାନା ମଲାଗୁଣୀ ନଦୀତଟ ଅଚ୍ୟୁତପୁରଠାରୁ ଏକ ଦନ୍ତାହାତୀର ମୃତଦେହ ମିଳିଥିଲା। ବିଷକ୍ରିୟା ଯୋଗୁ ହାତୀର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହୋଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇ ନ ଥିବା ଦର୍ଶାଇ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଏହାକୁ ଚତୁରତାର ସହିତ ଏଡାଇ ଯାଇଥିଲେ। ସେହିପରି ଗତ ୨୦୦୯ରୁ ୨୦୨୦ ମଧ୍ୟରେ ହାତୀ ଓ ମଣିଷ ଲଢେଇରେ ୨୦ଜଣ ପ୍ରାଣ ହାରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୩ ଜଣଙ୍କ ପ୍ରାଣହାନୀ ଘଟିଛି। ଏପରି ସ୍ଥିତିକୁ ସୁଧାରିବା ଉପରେ ବୁଦ୍ଧିଜୀବୀମାନେ ଗୁରୁତ୍ୱାରୋପ କରିଛନ୍ତି।

- ପ୍ରଭାତ କୁମାର ପାଣିଗ୍ରାହୀ

# ସାମାଜିକ ଦୂରତା ଉପରେ ଗୁରୁତ୍ୱ

**ଭୁବନ, ୨୭।୩(ଡି.ଏନ.ଏ.)**

କରୋନା ସଂକ୍ରମଣ ରୋକିବା ଲାଗି ପରିବା ଏବଂ ଗ୍ରସେରି ଦୋକାନରେ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମୟ ସୀମା ମଧ୍ୟରେ ବ୍ୟବସାୟ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବାବେଳେ ଜନସାଧାରଣଙ୍କୁ ମଧ ଗହଳିଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଉଛି। ଅତ୍ୟାବଶ୍ୟକ ସାମଗ୍ରୀ ନେବାକୁ ଆସୁଥିବା ଗ୍ରାହକମାନେ ଯେପରି ଦୂରତା ବଜାୟ ରଖିବେ ସେଥିଲାଗି ରେଖାଙ୍କିତ ଚିହ୍ନ କରାଯାଇଛି।

ସେହିପରି ଶୁକ୍ରବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ହିତାଧିକାରୀଙ୍କୁ ହିତାଧିକାରୀଙ୍କୁ ୪ମାସର ଅଗ୍ରୀମ ଭତ୍ତା ପ୍ରଦାନ କରାଯାଇଛି। ଡାକ୍ତରଖାନାକୁ ଚିକିତ୍ସା ଲାଗି ଆସୁଥିବା ରୋଗୀଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ଲାଗି ବୃତ୍ତ ଚିହ୍ନ କରାଯାଇଛି। ରୋଗୀଙ୍କ ସୁବିଧା ଲାଗି ଟେଣ୍ଟ କରାଯାଇଛି।

ଏ ନେଇ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, ଲୋକଙ୍କ ଜୀବନର ସୁରକ୍ଷାକୁ ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର ୧୫ ୱାର୍ଡରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଭଳି ବ୍ୟବସ୍ଥା କରି ଭତ୍ତା ବଣ୍ଟନ କରାଯାଇଛି। ସହରର ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ସାନିଟାଇଜେନଶନ ଲାଗି ୩ଟି ଟିମ୍ କରାଯାଇଛି। ଲୋକଙ୍କୁ ସଚେତନ କରିବାକୁ ୨ଟି ଗାଡ଼ିରେ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଉଛି। ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହକୁ କ୍ୱାରାଣ୍ଟାଇନ୍ ପ୍ରକୋଷ୍ଠ କରାଯାଇଛି। ଲୋକମାନଙ୍କ ଜୀବନ ସୁରକ୍ଷା ଆମର ପ୍ରଥମ ପ୍ରାଥମିକତା। ପ୍ରତି ପରିବାରର ଏଥିରେ ସହଯୋଗ କଲେ କରୋନା ମୁକାବିଲା କରିବା ସହଜ ହେବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।



ଡାକ୍ତରଖାନାକୁ ଆସିଥିବା ରୋଗୀମାନେ ଧାଡ଼ିବାନ୍ଧି ଠିଆ ହୋଇଛନ୍ତି।

# ଜୀବନ ଯୁଦ୍ଧରେ ଜୀବିକା ପ୍ରଭାବିତ



ଛାୟାକାନ୍ତ ସାହୁ।



ରବୀନ୍ଦ୍ର ସ୍ୱାଇଁ।



ହେମନ୍ତ ସାହୁ।

- ■ହାତବାନ୍ଧି ବସିଛନ୍ତି କଂସା କାରିଗର
- ■ବ୍ୟବସାୟରେ ବାଧକ ସମୟ କଟକଣା
- ■କ୍ଷୁଦ୍ର ବ୍ୟବସାୟୀ ଗୋଷ୍ଠୀ ସର୍ବାଧିକ ପ୍ରଭାବିତ

**ଭୁବନ, ୨୭।୩(ଡି.ଏନ.ଏ.)**

କରୋନା ମହାମାରୀ ଆତଙ୍କରେ ବିଶ୍ୱ ଥରହର। ଗଡୁଛି ହଜାର ହଜାର ମୁଣ୍ଡ। ଆକ୍ରାନ୍ତଙ୍କ ସଂଖ୍ୟା କଳିବା ଅସମ୍ଭବ। କେତେବେଳେ ଆଉ କେମିତି ଏହି ମାରାତ୍ମକ ଭାଇରସ୍ କାହାକୁ ଗ୍ରାସିବ ତାହାର ଜଣାପଡୁନାହିଁ। ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ସାରା ବିଶ୍ୱ ବଢୁଥିବାବେଳେ ସବୁଠାରୁ ବେଶି ପ୍ରଭାବିତ ହେଉଛନ୍ତି ଗରିବ, ଖଟିଖିଆ ଏବଂ କ୍ଷୁଦ୍ର ବ୍ୟବସାୟୀ ଗୋଷ୍ଠୀ। କହିବାକୁ ଗଲେ କରୋନା ସମସ୍ତଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ଏବେ କେବଳ ଗୋଟିଏ ଚିନ୍ତା ଦିନକୁ ଦି ଓଳି ଦାନା ଯୋଗାଡ଼ ହେବ କିପରି।

ବିମୁଦ୍ରୀକରଣ ପରେ ବୁଡ଼ିଯାଇଥିଲା ବେପାର। ଅଣ୍ଟା ସଳଖି ଛିଡ଼ା ହେବା ବେଳକୁ ଏବେ କରୋନା ମାଡ଼। ଖଟିଲେ ଖାଇବା ଲୋକ। ହାତ ବନ୍ଦ ତ ଭାତ ବି ବନ୍ଦ। ଲକ୍‌ଡାଉନ ପାଇଁ ଦୋକାନ ବଜାର ଖୋଲୁନାହିଁ। କାମ ବି ନାହିଁ। କେତେବେଳେ ସବୁ ପୁଣି ଠିକ୍ ହବ ତାହା କହିବା ମୁସ୍କିଲ। ହସ ହସ ମୁହଁରେ ଘରକୁ ଫେରିବି ତାହା ଭାବିବା ବେଳକୁ ଆଖିରେ ଲୁହ ଆସିଯାଉଛି ବୋଲି କହିଛନ୍ତି ଢେଙ୍କାନାଳ ଜିଲା ଭୁବନର କଂସା କାରିଗର ଛାୟାକାନ୍ତ ସାହୁ। କରୋନା ପାଇଁ ଏବେ ଭୁବନର ପ୍ରସିଦ୍ଧ କଂସା କାରିଗରି କାମ ଉପରେ ପଡ଼ିଛି ଚଡ଼କ। ପ୍ରଶାସନିକ କଟକଣା ଯୋଗୁ ଶାଳ ବନ୍ଦ ହୋଇଯାଇଛି। ତେଣୁ ଛାୟାକାନ୍ତଙ୍କ ପରି ଅନେକେ ହାତ ବାନ୍ଧି ବସିଛନ୍ତି।

ସମାନ କଥା ଦୋହରାଇଛନ୍ତି ପରିବା ବ୍ୟବସାୟୀ ହେମନ୍ତ ସାହୁ ଏବଂ ରବୀନ୍ଦ୍ର ସ୍ୱାଇଁ। ମନ୍ଦାର ଗ୍ରାମରୁ ପରିବା ଆଣି ଭୁବନ ଅଞ୍ଚଳରେ ବ୍ୟବସାୟ କରନ୍ତି ରବୀନ୍ଦ୍ର। ଦୀର୍ଘ ୨୫ ବର୍ଷ ହେଲା ପରିବା ବେପାର ତାଙ୍କ ଜୀବିକା ପାଲଟିଛି। ଲକ୍‌ଡାଉନ୍ ଘୋଷଣା ହେବା ପରେ ଭୟଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଲୋକମାନେ ଭୟଭୀତ ହୋଇ ବାହାରକୁ ଆସୁନାହାନ୍ତି। ଜମିରେ ଫସଲ ନଷ୍ଟ ହେଉଥିବାବେଳେ ବେପାର ବି ସେତେଟା ଭଲ ହେଉନାହିଁ। ଗାଁ ଗାଁ ବୁଲି ପରିବା ବିକିବାକୁ ପଡୁଛି। ଘରକୁ ପହଞ୍ଚିବା ବେଳକୁ ଖାଇବା ଖର୍ଚ୍ଚ ବି ଉଠୁନି। ମୁଣ୍ଡ ଉପରେ କରଜ ବଢୁଛି। ଏମିତି ଆଉ ସପ୍ତାହେ ଲାଗି ରହିଲେ ଦାନା ବି ମିଳିବନି ବୋଲି କହିଛନ୍ତି ରବୀନ୍ଦ୍ର। ହେମନ୍ତ କହିଛନ୍ତି, ଲୋକ ଆସୁନାହାନ୍ତି। ବିକିବାକୁ ଆଣିଥିବା ପରିବା ଘରକୁ ଫେରାଇ ନେବାକୁ ପଡୁଛି। ଏମିତି ବ୍ୟବସାୟ କରିବା ଅପେକ୍ଷା ଆଉ ନ ଆସିବାକୁ ଚିନ୍ତା କରୁଛି। କେବଳ କଂସା କାରିଗର କି ପରିବା ବ୍ୟବସାୟୀ ନୁହନ୍ତି ଅଞ୍ଚଳର ସମସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ଏବେ ଘାରିଛି ପେଟପାଟଣା ଚିନ୍ତା। କରୋନା ପାଇଁ ଆରମ୍ଭ ହୋଇଥିବା ଜୀବନ ଯୁଦ୍ଧରେ ଲଢ଼େଇରେ କେଉଁଠି ନା କେଉଁଠି ପ୍ରଭାବିତ ହୋଇଛି ଜୀବିକା, ଯାହା ଏବେ ଛାୟାକାନ୍ତ, ହେମନ୍ତ ଏବଂ ରବୀନ୍ଦ୍ରଙ୍କ ପରି ଅଞ୍ଚଳର ହଜାର ହଜାର ବ୍ୟବସାୟୀଙ୍କ ଆଖିରୁ ନିଦ ହଜାଇ ଦେଇଛି।

ଭୁବନରେ ଦୈନିକ ପରିବା ମାର୍କେଟକୁ ଯାଜପୁର ସମେତ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ପରିବା ବିକ୍ରି କରିବାକୁ ଆସିଥାନ୍ତି। କଟକଣା ପାଇଁ ବ୍ୟବସାୟ ଘାଟା ଆଶଙ୍କାରେ ହାତଗଣିତ ବ୍ୟବସାୟୀ ଆସୁଛନ୍ତି। ସେହିପରି ସକାଳୁ ଏବଂ ଅପରାହ୍ନରେ ଦୁଇ ପର୍ଯ୍ୟାୟରେ ତେଜରାତି, ମାଛ, ମାଂସ, ଅଣ୍ଡା ଓ ପରିବା ଦୋକାନ ଖୋଲା ରହୁଛି। ସମୟ କଟକଣା ଯୋଗୁ ବ୍ୟବସାୟରେ ମାନ୍ଦା ଉପୁଜିଥିବା ବ୍ୟବସାୟୀମାନେ କହିଛନ୍ତି।

ଟର୍ମ ଋଣ ଇଏମ୍‌ଆଇ ଏବଂ ରେପୋ ହ୍ରାସ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏହା ଦ୍ୱାରା ଲୋକଙ୍କୁ ଆଶ୍ୱସ୍ତି ମିଳିପାରିବ ।

– ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



କରୋନା ଭାଇରସ ଦ୍ୱାରା ଭାରତୀୟ ଅର୍ଥ ବ୍ୟବସ୍ଥା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆଗାମୀ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୨% କମିପାରେ ।

–ଯଶୱନ୍ତ ସିହ୍ନା, ପୂର୍ବତନ ଅର୍ଥମନ୍ତ୍ରୀ



# ବିଶ୍ୱକୁ ଲାଗିବ ୩.୬ ଲକ୍ଷ କୋଟି ଡଲାର ଝଟକା

**ନୂଆଦିଲ୍ଲୀ, ୨୭। ୩:** କରୋନା ପ୍ରଭାବ ଯୋଗୁ ସାରା ବିଶ୍ୱରେ ଅଢେଇ କୋଟି ଲୋକ ରୋଜଗାର ହରାଇବେ ବୋଲି ଆଶଙ୍କା କରାଯାଇଛି। ଏହି ସମୟରେ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ୩.୬ ଲକ୍ଷ କୋଟି ଡଲାରର ଝଟକା ଲାଗିବ ବୋଲି ଜାତିସଂଘ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ

- ଭାରତର ସଙ୍ଗଠିତ କ୍ଷେତ୍ରର ୨୦% ନିଯୁକ୍ତି ସଙ୍କଟରେ
- ରୋଜଗାର ହରାଇବେ ବିଶ୍ୱର ଅଢେଇ କୋଟି ଲୋକ
- ଚାଇନାରେ ୫୦ ଲକ୍ଷଙ୍କ ଚାକିରି ଯାଇଛି



କୁହାଯାଇଛି ଯେ କରୋନା ଯୋଗୁ ଶ୍ରମ ସଙ୍କଟ ବଢ଼ିବ। ଭାରତରେ ଅଟୋମୋବାଇଲ, ରିୟଲ ଇଷ୍ଟେଟ, ବିମାନ ଚଳାଚଳ କ୍ଷେତ୍ର, ସିନେମା ଏବଂ ମନୋରଞ୍ଜନ ଶିଳ୍ପ, ପର୍ଯ୍ୟଟନ ସହ ଅନ୍ୟ କିଛି କ୍ଷେତ୍ର ଗଭୀର ଭାବେ କ୍ଷତିଗ୍ରସ୍ତ ହେବେ। ଏହି କ୍ଷେତ୍ରଗୁଡ଼ିକରେ କାମ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ନିଯୁକ୍ତି ଉପରେ ସଙ୍କଟର କଳାବାଦଲ ଏବେ ଛାଇ ରହିଛି। ଜାନୁୟାରୀ ଏବଂ ଫେବୃୟାରୀ ମାସରେ ଚାଇନାରେ ଏହି ମହାମାରୀ ବ୍ୟାପିବା ଯୋଗୁ ୫୦ ଲକ୍ଷ ଲୋକ ଚାକିରି ହରାଇଥିବା ସୂଚନା ରହିଛି। କରୋନା ଯୋଗୁ ହୋଟେଲ, ଟୁର ଏବଂ ଟ୍ରାଭେଲ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ନିଯୁକ୍ତି ଉପରେ ପ୍ରଭାବ ପଡ଼ିବ।

ଗ୍ଲୋବାଲ ହଣ୍ଟ ଇଣ୍ଡିଆ ଏଜେନ୍ସି ରିପୋର୍ଟ ମୁତାବକ ଭାରତର ଅଣ ସଙ୍ଗଠିତ କ୍ଷେତ୍ର ଉପରେ ନକାରାତ୍ମକ ପ୍ରଭାବ ରହିବ। ମାତ୍ର କରୋନା ଯୋଗୁ ବଜାର ସ୍ଥିତିରେ ଶୀଘ୍ର ନ ସୁଧାର ହୁଏ ତେବେ ଆଗାମୀ ୨ରୁ ୩ ମାସ ମଧ୍ୟରେ ସଙ୍ଗଠିତ କ୍ଷେତ୍ରରେ ୨୦% ଲୋକଙ୍କ ଚାକିରି ସଙ୍କଟ ସ୍ଥିତିକୁ ଆସିଯିବ। ଅଲ ଇଣ୍ଡିଆ ମୋବାଇଲ ରିଟେଲର ଆସୋସିଏଶନ ସଭାପତି ଅରବିନ୍ଦର ଖୁରାନା କହିଛନ୍ତି ଯେ, ଆଗାମୀ ୨୦ ଦିନରେ ଯୋଗାଣ ସ୍ୱାଭାବିକ ନ ହେଲେ ସ୍ଥିତି ବିଗିଡ଼ିଯିବ। ଚାଇନା କମ୍ପୋନେଣ୍ଟ ଉପରେ ନିର୍ଭର କରୁଥିବା ମୋବାଇଲ, ଇଲେକଟ୍ରୋନିକ୍ସ, ହୋମ ଆପ୍ଲାଏନ୍ସ ଭଳି କ୍ଷେତ୍ର ଉପରେ ମଧ୍ୟ ପ୍ରଭାବ ପଡ଼ିବ ବୋଲି ଆକଳନ କରାଯାଇଛି। ଷ୍ଟକ ଶେଷ ହେଉଥିବାରୁ ମାନୁଫାକଚରିଂଠାରୁ ରିଟେଲରଙ୍କ ପର୍ଯ୍ୟନ୍ତ କାମ ପ୍ରାୟ ଠପ୍ ହୋଇଯିବ। ଏହା ଫଳରେ ବେରୋଜଗାରୀ ମଧ୍ୟ ବଢ଼ିପାରେ। ମୋବାଇଲ ରିଟେଲିଂ କ୍ଷେତ୍ରରେ ଶ୍ରମଶକ୍ତି ହ୍ରାସ ହୋଇପାରେ। ଅଧିକାଂଶ ଟିଭି କମ୍ପାନୀ ୬୦% ଚାଇନା କମ୍ପୋନେଣ୍ଟକୁ ନେଇ କାମ କରୁଥିବାରୁ ସ୍ଥିତିରେ ସୁଧାର ନ ଆସିଲେ ଛଟେଇ କରିବା ନେଇ ଯୋଜନା କରୁଛନ୍ତି। ବିମାନ ଚଳାଚଳ କ୍ଷେତ୍ରରେ ୬୦୦ ନିୟୁତ ଡଲାର କ୍ଷତି ଆକଳନ କରାଯାଇଛି। ଏହାବାଦ ଅସ୍ଥାୟୀ କର୍ମଚାରୀଙ୍କ ନିଯୁକ୍ତି ଉପରେ ସଙ୍କଟ ଅଧିକ ରହିଛି। ଏହାବାଦ ଆମେରିକାରେ ଦ୍ୱିତୀୟ ତ୍ରୈମାସରେ ୪୫ ଲକ୍ଷ ଲୋକ ଚାକିରି ହରାଇପାରନ୍ତି ବୋଲି ଅନୁମାନରେ କୁହାଯାଇଛି।

## ଧିମେଇବ ଅର୍ଥ ବ୍ୟବସ୍ଥା



**ନୂଆଦିଲ୍ଲୀ,୨୭।୩:** କରୋନା ପ୍ରଭାବକୁ କମାଇବା ଲାଗି ସରକାର ଦେଶରେ ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ଦେଶର ଆର୍ଥିକ କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହୋଇଛି। ଦେଶର ଆର୍ଥିକ ଅଭିବୃଦ୍ଧିର ଗତି ଧିମେଇବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। କରୋନା ପ୍ରଭାବରେ ହୋଇଥିବା ଲକ୍‌ଡାଉନ ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାକୁ ଥିବା ବେଳେ ଦେଶର ଜିଡିପି ହାର ଆର୍ଥିକ ବର୍ଷ ୨୦୨୧ରେ ୨.୬%କୁ ଖସିବା ନେଇ ଏସ୍‌ବିଆଇ ଗ୍ରୁପର ଚିଫ୍ ଇକୋନୋମିକ ଆଡଭାଇଜର ସୌମ୍ୟକାନ୍ତି ଘୋଷ ପୂର୍ବାନୁମାନ କରିଛନ୍ତି। ଏହା ସତ ହେଲେ ଦେଶର ଅର୍ଥ ବ୍ୟବସ୍ଥାର ବିକାଶ ହାର ପ୍ରାୟ ୩ ଦଶନ୍ଧି ତଳକୁ ଖସିଯିବ ବୋଲି କୁହାଯାଇଛି। ସେହିଭଳି ରେଟିଂ ଏଜେନ୍ସି କ୍ରିସିଲ ଭାରତର ବିକାଶ ହାର ଅନୁମାନକୁ ୫.୨% ପରିବର୍ତ୍ତେ ୩.୫%କୁ ଖସାଇ ଦେଇଛି। ଲକ୍‌ଡାଉନ ପାଇଁ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ପ୍ରାୟ ୮ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିବ ବୋଲି ଏକ ଆକଳନରେ କୁହାଯାଇଛି। ୧.୭୬ ଲକ୍ଷ କୋଟିର ଆୟ କ୍ଷତି ଏବଂ ପୁଞ୍ଜିଗତ ଆୟକ୍ଷେତ୍ରରେ ୧.୬ ଲକ୍ଷ କୋଟି ଟଙ୍କାର କ୍ଷତି ଭାରତ ସହିବ ବୋଲି ଘୋଷ କହିଛନ୍ତି। ୨୧ ଦିନର ଲକ୍‌ଡାଉନ ଲାଗି ଜିଡିପି ୧.୬% କ୍ଷତି ସହିବ। ସେହିଭଳି ଆର୍ଥିକବର୍ଷ ୨୦୧୯–୨୦ରେ ଅଭିବୃଦ୍ଧିକୁ ୫%ରୁ ୪.୫%କୁ ଖସାଇଛି। ଚତୁର୍ଥ ତ୍ରୈମାସ ବିକାଶ ହାର ୨.୫% ରହିବ ବୋଲି ଏସ୍‌ବିଆଇ ନୋଟ ପକ୍ଷରୁ କୁହାଯାଇଛି। ସେହିଭଳି ରେଟିଂ ଏଜେନ୍ସି ମୁଡିସ ୨୦୨୦ କ୍ୟାଲେଣ୍ଡର ବର୍ଷ ଲାଗି ଭାରତର ବିକାଶ ହାର ଅନୁମାନକୁ ୨.୫%କୁ ଖସାଇ ଦେଇଛି। ଏହି ହାର ୫.୩% ରହିବ ବୋଲି ପୂର୍ବରୁ ମୁଡିସ ଏହାର ଅନୁମାନରେ କହିଥିଲା। କରୋନା ବ୍ୟାପିବା ଯୋଗୁ ବିଶ୍ୱ ଅର୍ଥବ୍ୟବସ୍ଥାକୁ ଧକ୍କା ଲାଗିବ ବୋଲି ଏହା ରିପୋର୍ଟରେ ପ୍ରକାଶ କରିଛି।

**ଅଭିବୃଦ୍ଧି ପୂର୍ବାନୁମାନ କମାଇଲେ ମୁଡିସ୍, ଇକ୍ରା, ଏସ୍‌ବିଆଇ**

# ବ୍ୟାଙ୍କିଙ୍ଗ ସିଷ୍ଟମ ନିରାପଦ: ଶକ୍ତିକାନ୍ତ



**ମୁମ୍ବାଇ,୨୭। ୩**

ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ନିରାପଦ ରହିଛି। ବ୍ୟାଙ୍କକୁ ଶେୟାର ବଜାର କିମ୍ବା ଶେୟାର ପ୍ରାଇସ ସହ ତୁଳନା ନ କରିବା ଉଚିତ। ବ୍ୟାଙ୍କରେ ରହିଥିବା ଜମାକୁ ନେଇ ଜମାକାରୀ ଆତଙ୍କିତ ନ ହେବାକୁ ଶୁକ୍ରବାର ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ନିବେଦନ କରିଛନ୍ତି। ବ୍ୟାଙ୍କ ଜମା ସୁରକ୍ଷିତ ରହିଥିବାରୁ କୌଣସି ଭ୍ରାନ୍ତ ଧାରଣା ଲୋକମାନେ ନ ରଖନ୍ତୁ ବୋଲି ଶକ୍ତିକାନ୍ତ ସ୍ପଷ୍ଟ କରିଛନ୍ତି। ୟେସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ କଟକଣା ଲଗାଇବା ପରେ ଏହାର ଶେୟାର ମୂଲ୍ୟରେ ହ୍ରାସ ଦେଖାଦେଇଥିଲା। ଏହାବାଦ କରୋନା ଯୋଗୁ ମଧ୍ୟ ବ୍ୟାଙ୍କଗୁଡ଼ିକର ଶେୟାର ମୂଲ୍ୟ ଖସିଛି। ଏହା ପରେ ଲୋକଙ୍କ ମଧ୍ୟରେ ବ୍ୟାଙ୍କ ଜମାକୁ ନେଇ ବିଭିନ୍ନ ଭ୍ରାନ୍ତ ଧାରଣା ଉପୁଜିଛି। ଗଭର୍ନର ଲୋକଙ୍କ ମଧ୍ୟରେ ଭ୍ରାନ୍ତ ଧାରଣାକୁ ଦୂରକରିବା ଲାଗି ନିବେଦନ କରିଛନ୍ତି।

ଶକ୍ତିକାନ୍ତ କହିଛନ୍ତି, ଦେଶର ବ୍ୟାଙ୍କିଙ୍ଗ ସିଷ୍ଟମ ଉନ୍ନତ ସ୍ଥିତିରେ ରହିଥିବାରୁ ଏହାକୁ ନେଇ କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ। ଲୋକମାନେ ଡରିଯାଇ କେତେକ ଘରୋଇ ବ୍ୟାଙ୍କରେ ରହିଥିବା ଜମାକୁ ଉଠାଇ ଆଣୁଛନ୍ତି। ଗଭର୍ନର ଲୋକମାନଙ୍କୁ ଜମାର ସୁରକ୍ଷା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଦେଶରେ ରହିଥିବା ବାଣିଜ୍ୟିକ ବ୍ୟାଙ୍କ ସମେତ ଘରୋଇ ବ୍ୟାଙ୍କଗୁଡ଼ିକର ଜମାକାରୀମାନେ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେ ସରକାରୀ ଏବଂ ଘରୋଇ କର୍ତ୍ତୃପକ୍ଷଙ୍କୁ ନିବେଦନ କରିବା ସହ ଜମା ନ ଉଠାଇବାକୁ କହିଛନ୍ତି। ସୂଚନାଯୋଗ୍ୟ ମହାରାଷ୍ଟ୍ର ଭଳି ରାଜ୍ୟ ଏହାର ସମସ୍ତ ବିଭାଗକୁ ଘରୋଇ ବ୍ୟାଙ୍କରେ ରହିଥିବା ଜମାକୁ ଉଠାଇ ନେବାକୁ ନିର୍ଦ୍ଦେଶ ଦେଇଛି। ଏଭଳି କାର୍ଯ୍ୟ ନ କରିବାକୁ ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲେ ମଧ୍ୟ ରାଜ୍ୟଗୁଡ଼ିକ ଏ ନେଇ କୌଣସି କର୍ଣ୍ଣପାତ କରୁ ନ ଥିବା ଦେଖାଯାଇଛି। ୟେସ୍ ବ୍ୟାଙ୍କ ଉପରେ କଟକଣା ଲାଗିବା ଯୋଗୁ ଲୋକମାନେ ବ୍ୟାଙ୍କରେ ରହିଥିବା ସେମାନଙ୍କ ଜମା ଅର୍ଥ ଦ୍ରୁତ ଭାବେ ଉଠାଇ ନେଉଥିବା ଦେଖାଯାଇଥିଲା। ମାତ୍ର ବ୍ୟାଙ୍କ ଉପରେ କଟକଣା ହଟିବା ପରେ ଏବେ ସବୁକିଛି ସ୍ୱାଭାବିକ ସ୍ଥିତିକୁ ଫେରିଥିବା ସୂଚନା ରହିଛି।

**ଆତଙ୍କିତ ନ ହେବାକୁ ଜମାକାରୀଙ୍କୁ ନିବେଦନ**

**ରାଜ୍ୟଗୁଡ଼ିକ ଘରୋଇ ବ୍ୟାଙ୍କରୁ ଜମା କାଢ଼ି ନେଉଛନ୍ତି**

## ବ୍ୟବସ୍ଥାକୁ ୩.୭୪ ଲକ୍ଷ କୋଟି ନଗଦ ଛାଡ଼ିବ ଆର୍‌ବିଆଇ



**ମୁମ୍ବାଇ,୨୭।୩:** କୋଭିଡ–୧୯ ଯୋଗୁ ଦେଶର ଅର୍ଥବ୍ୟବସ୍ଥା ବର୍ତ୍ତମାନ କ୍ଷତିଗ୍ରସ୍ତ ହୋଇଛି। ଏହାର ପ୍ରଭାବକୁ କମ୍ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଦେଶର ଅର୍ଥ ବ୍ୟବସ୍ଥାକୁ ମୋଟ ୩.୭୪ ଲକ୍ଷ କୋଟି ଟଙ୍କାର ନଗଦ ଉପଲବ୍ଧ କରାଇବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ଶୁକ୍ରବାର ସୂଚନା ଦେଇଛନ୍ତି। ଦେଶର ପୁଞ୍ଜି ବଜାର ଏବେ ପ୍ରଭାବିତ ସ୍ଥିତିରେ ରହିଛି। ବଜାରରେ ସ୍ଥିତାବସ୍ଥା ଆଣିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ଫେରାଇ ଆଣିବା ଦିଗରେ କେନ୍ଦ୍ରୀୟ ବ୍ୟାଙ୍କକୁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ସେ ବିଭିନ୍ନ ପଦକ୍ଷେପ ଘୋଷଣା କରିବା ସହ ଏଭଳି ସୂଚନା ଦେଇଛନ୍ତି। ବଜାରକୁ ନଗଦ ସୁବିଧା ଯୋଗାଣ ପଦକ୍ଷେପ ସମ୍ପର୍କିତ ସୂଚନା ଦେଇ ସେ କହିଛନ୍ତି ଯେ, ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରେପୋ ଅପରେଶନ ହାତକୁ ନିଆଯାଇଛି। ଏହା ଦ୍ୱାରା ବଜାରରେ ନଗଦ ଉପଲବ୍ଧ କରାଇବା ତ୍ୱରାନ୍ୱିତ ହେବ। ଏବେ ରିଜର୍ଭ ବ୍ୟାଙ୍କ କ୍ୟାଶ ରିଜର୍ଭ ରେସିଓ (ସିଆର୍‌ଆର୍) ୧୦୦ ବେସିସ୍ ପଏଣ୍ଟ ଖସାଇବା ଯୋଗୁ ଏହା ୩%କୁ କମିଛି, ଏହା ୪% ରହିଥିଲା। ମାର୍ଚ୍ଚ ୨୮ରୁ ଆଗାମୀ ଗୋଟିଏ ବର୍ଷ ଲାଗି ଏଭଳି ଘୋଷଣା କାମ କରିବ। ସିଆର୍‌ଆର୍ କୋହଳ ହେବା ଦ୍ୱାରା ବଜାରକୁ ୧.୩୭ ଲକ୍ଷ କୋଟି ଟଙ୍କାର ନଗଦ ଆସିବା ନେଇ ଆଶା କରାଯାଉଛି ବୋଲି ଗଭର୍ନର ମତ ରଖିଛନ୍ତି। ସିଆର୍‌ଆର୍ ହେଉଛି ବ୍ୟାଙ୍କ ଜମାର ସେହି ଅଂଶ ଯାହାକୁ ବ୍ୟାଙ୍କଗୁଡ଼ିକ ବାଧ୍ୟତାମୂଳକ ଭାବେ କେନ୍ଦ୍ରୀୟ ବ୍ୟାଙ୍କରେ ଜମା ରଖିଥାନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ୨୦୧୩ ଫେବୃୟାରୀରେ ସିଆର୍‌ଆରକୁ ୨୫ ବେସିସ ପଏଣ୍ଟ ହ୍ରାସ କରିଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ ବିଭିନ୍ନ ପଦକ୍ଷେପ ଦ୍ୱାରା ବଜାରକୁ ୩.୭୪ ଲକ୍ଷ କୋଟି ଟଙ୍କା ଉପଲବ୍ଧ ହେବ ବୋଲି ସେ ମତ ରଖିଛନ୍ତି।

## ଆବଶ୍ୟକ ସାମଗ୍ରୀ ପହଞ୍ଚାଇବା ନେଇ ସରକାରଙ୍କ ଫୋକସ

**ନୂଆଦିଲ୍ଲୀ୨୭।୩:** କୋଭିଡ–୧୯ ଲକ୍‌ଡାଉନ ଯୋଗୁଁ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରସଙ୍ଗ ନେଇ କେନ୍ଦ୍ର ରେଳ, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଭିଡିଓ କନଫରେନ୍ସିଂ ଦ୍ୱାରା ଭିତ୍ତିଭୂମି ଓ ଇ–କମର୍ସ କ୍ଷେତ୍ରର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଲୋକମାନଙ୍କ ନିକଟରେ ସହଜ ଓ ନିରାପଦ ଭାବେ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବା ଲାଗି ସରକାର ଫୋକସ ରଖିଛନ୍ତି ବୋଲି ଶିଳ୍ପ ଜଗତର ପ୍ରତିନିଧିଙ୍କୁ ଗୋୟଲ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ସ୍ନାପଡିଲ, ସପ୍ଟକ୍ଲୁଜ, ଫ୍ଲିପକାର୍ଟ, କୋକର୍ସ, ନେଟମେଡ, ଫାର୍ମଇଜି, ୱାନଏମଜ, ଉଡାନ, ଆମାଜନ ଇଣ୍ଡିଆ, ବିଗ୍ ବାସ୍କେଟ, ଜମାଟୋ ଏବଂ ବୃହତ ରିଟେଲର ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ । ଆବଶ୍ୟକ ସାମଗ୍ରୀ ସୁଚାରୁରୂପେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ନିଶ୍ଚିତ କରିବା ପାଇଁ ଜିପିଆଇଆଇଟି ନିୟମିତ ଭାବେ ରିଟେଲର ଏବଂ ଇ–କମର୍ସ କମ୍ପାନୀମାନଙ୍କ ସହ ଯୋଗସୂତ୍ର ରକ୍ଷା କରିଛି।

## ବୟୋଜ୍ୟେଷ୍ଠ, ଦିବ୍ୟାଙ୍ଗଙ୍କୁ ୩ ମାସର ଅଗ୍ରୀମ ପେନସନ

**ନୂଆଦିଲ୍ଲୀ,୨୭। ୩**

ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ବିଧବାଙ୍କ ଲାଗି ସରକାର ୩ ମାସର ଅଗ୍ରୀମ ପେନ୍‌ସନ ପ୍ରଦାନ କରିବେ। ଏହା ଦ୍ୱାରା ପ୍ରାୟ ୩ କୋଟି ହିତାଧିକାରୀ ଉପକୃତ ହେବେ। କରୋନା ଭାଇରସ ଲାଗି ଏବେ ସାରା ଦେଶରେ ଲକ୍‌ଡାଉନ ଘୋଷଣା ହୋଇଥିବା ବେଳେ ଏପ୍ରିଲ ପହିଲାରେ ଏହା ପ୍ରଦାନ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜାତୀୟ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ଅଧୀନରେ ସରକାର ଗରିବ ଲୋକ, ବିଧବା ଏବଂ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କୁ ପେନ୍‌ସନ ପ୍ରଦାନ କରୁଛନ୍ତି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନ ଏହି ଯୋଜନାରେ ପେନଶନ ସିଧାସଳଖ ଲୋକଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରାଯିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।



ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ପ୍ରାୟ ୨.୯୮ କୋଟି ହିତାଧିକାରୀଙ୍କୁ ଏପ୍ରିଲ ପ୍ରଥମ ସପ୍ତାହରେ ଭତ୍ତା ପ୍ରଦାନ ନେଇ ଯୋଜନା ଧାର୍ଯ୍ୟ ହୋଇଛି। ଏନ୍‌ଏସ୍‌ଏପିରେ ୬୦ରୁ ୭୯ ବୟସର ବ୍ୟକ୍ତି ବିଶେଷଙ୍କୁ ମାସିକ ୨୦୦ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ୮୦ ବର୍ଷରୁ ଅଧିକ ବ୍ୟକ୍ତି ବିଶେଷଙ୍କୁ ମାସିକ ୫୦୦ ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ୪୦ରୁ ୭୯ ବର୍ଷ ବୟସ୍କ ବିଧବାକୁ ମାସିକ ୩୦୦ ଏବଂ ୮୦ ବର୍ଷରୁ ଅଧିକ ହୋଇଥିଲେ ୫୦୦ ଟଙ୍କା ଦେବାର ନିୟମ ରହିଛି। ସେହିଭଳି ୭୯ ବର୍ଷ ବୟସ ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କୁ ମାସିକ ୩୦୦ ଟଙ୍କା ଏବଂ ୮୦ ବର୍ଷ ଏବଂ ଉର୍ଦ୍ଧ୍ୱ ବୟସ ବ୍ୟକ୍ତି ବିଶେଷଙ୍କୁ ୫୦୦ ଟଙ୍କା ଦିଆଯାଇଛି। ଏହାବାଦ ୨ଟି କିସ୍ତିରେ ଆଗାମୀ ୩ ମାସ ଯାଏ ୧୦୦୦ ଟଙ୍କା ଦିଆଯିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଛନ୍ତି।

## ଜେଏସ୍‌ପିଏଲ୍‌ର ବ୍ୟାପକ ପ୍ରସ୍ତୁତି

**ଅନୁଗୋଳ ଅଫିସ, ୨୭।୩:** କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ପକ୍ଷରୁ ଅନୁଗୋଳସ୍ଥିତ ଇସ୍ପାତ କାରଖାନା ସମେତ ଏହାର ସମସ୍ତ କାରଖାନାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲା ପ୍ରଶାସନ ଅନୁମୋଦନ କ୍ରମେ ସର୍ବନିମ୍ନ ଆବଶ୍ୟକ କର୍ମଚାରୀଙ୍କ ଦ୍ୱାରା ଏହି ଇସ୍ପାତ କାରଖାନା ପରିଚାଳିତ ହେଉଥିବାବେଳେ ମାତ୍ରାଧିକ କର୍ମଚାରୀଙ୍କୁ ଘରେ ରହି କାର୍ଯ୍ୟ କରିବା ପାଇଁ କୁହାଯାଇଛି।

ଜେଏସ୍‌ପିଏଲ୍ ପକ୍ଷରୁ କୁହାଯାଇଛି ଯେ, ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦ୍ୱାରା କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ନିରୀକ୍ଷଣ କରାଯାଉଛି। କାରଖାନାର ସମସ୍ତ କର୍ମଚାରୀ, ସେମାନଙ୍କ ପରିବାର ଓ ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ସହିତ କରୋନା ଭୂତାଣୁ ସଂକ୍ରମଣ ପ୍ରତିରୋଧ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ନିର୍ଦ୍ଦେଶ ଦେଇଛନ୍ତି। ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ମାସ୍କ ତିଆରି ପାଇଁ ଜେଏସ୍‌ପିଏଲ ସହାୟତା ପ୍ରଦାନ କରୁଛି। ଅଲଟ୍ରାଭାଓଲେଟ ଉପଚାର ପରେ ଉକ୍ତ ମାସ୍କ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ବ୍ୟବହାର ପାଇଁ ଦିଆଯାଉଛି। ଅନୁଗୋଳ ଇସ୍ପାତ କାରଖାନା ସହ କମ୍ପାନୀର ଅନ୍ୟ କାରଖାନାରେ ରିସ୍କ ମ୍ୟାନେଜମେଣ୍ଟ ଗ୍ରୁପ୍ ଗଠନ କରାଯାଇଛି। କୌଣସି ସ୍ଥାନରେ ୭ରୁ ଅଧିକ ଲୋକଙ୍କ ଭିଡ଼ କରିବାକୁ ଦିଆଯାଉ ନାହିଁ। ଟାଉନ୍‌ଶିପ୍‌ରେ ଲୋକମାନଙ୍କ ଚଳାଚଳ ଉପରେ ନଜର ରଖାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତାକୁ ନିଶ୍ଚିତ କରାଯାଇଛି। ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ନିର୍ଦ୍ଦେଶକ୍ରମେ ସିଏସ୍‌ଆର୍ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ସାମାଜିକ ଦୂରତା ରକ୍ଷା କରିବା, ନିୟମିତ ହାତ ଧୋଇବା ଓ ବ୍ୟକ୍ତିଗତ ସ୍ୱଚ୍ଛତା ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଉଛି।





CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



କରୋନା ସଂକ୍ରମଣ ରୋକିବା ଲାଗି ସାରା ଦେଶରେ ଜାରି ରହିଛି ଲକ୍‌ଡାଉନ୍ ଏହି ସମୟରେ ଉତ୍ତରାଖଣ୍ଡ ଉଦ୍ଧମସିଂ ନଗରର ଜଣେ ଯୁବକ ବିନା ଅନୁମତିରେ ବରଯାତ୍ରୀ ସହ ବାହା ହେବାକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକ ରହିଥିଲା। ୭ ବରଯାତ୍ରୀଙ୍କ ସହ ବର ଖଟିମା ଥାନାରେ ଗୁରୁବାର ରାତି କାଟିଛନ୍ତି। ଉଦ୍ଧମସିଂ ନଗର ଅଞ୍ଚଳରେ ପ୍ରାୟ ୮ଜଣ ଲୋକ କ୍ୱାରାଣ୍ଟାଇନରେ ଥିବାବେଳେ ଏହା ସମ୍ବେଦନଶୀଳ ଅଞ୍ଚଳ ଭାବେ ଗଣାଯାଉଛି। ଏକ ବରଯାତ୍ରୀ ବାହାରିବା ଖବର ପାଇବା ପରେ ଆମେ ପହଞ୍ଚି ବର ଓ ବରଯାତ୍ରୀଙ୍କୁ ଅଟକାଇଥିଲୁ ବୋଲି ପୋଲିସ କହିଛି। ଧାରା ୧୮୮ ଭଙ୍ଗ ଅଭିଯୋଗରେ ଏମାନେ ଅଟକ ଥିବାବେଳେ ନିୟମ ଅନୁଯାୟୀ ଦଣ୍ଡ ଦିଆଯିବ।

# ବରଦାନ ସାବ୍ୟସ୍ତ ହୋଇପାରେ ଆଣ୍ଟିବଡିଜ୍

## କରୋନା ରୋକିବାକୁ ନୂଆ ଆଶା



**ନ୍ୟୁୟର୍କ:** କରୋନା ପୀଡ଼ିତ ହୋଇ ସୁସ୍ଥ ହୋଇଥିବା ରୋଗୀଙ୍କ ବ୍ଲଡ୍ ପ୍ଲାଜ୍‌ମା କ'ଣ ଏହି ମହାମାରୀ ସହ ଲଢ଼ିବାରେ ସହାୟକ ହେବ ? କରୋନାର ଭୟାବହତା ଆଗରେ ବିଶ୍ୱବାସୀ ଅସହାୟ ହୋଇପଡ଼ିଥିବାବେଳେ ଏପରି ଏକ ପ୍ରଶ୍ନ ଏବେ ଦେଖାଇଛି ଆଶାର କିରଣ। ନ୍ୟୁୟର୍କର ଡାକ୍ତରମାନେ ଖୁବ୍‌ଶୀଘ୍ର ଏହାର ପ୍ରୟୋଗ କରିବାକୁ ଚିନ୍ତା କରୁଛନ୍ତି। କରୋନା ଭାଇରସ୍ ପ୍ରଭାବରେ ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡ଼ିଥିବା ରୋଗୀଙ୍କଠାରେ ଏହାକୁ ପ୍ରୟୋଗ କରାଯିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। କରୋନାକୁ ହରାଇଥିବା ରୋଗୀଙ୍କ ବ୍ଲଡ୍ ପ୍ଲାଜ୍‌ମା ଆଣ୍ଟିବଡିଜ୍‌ର ପ୍ରମୁଖ ମାଧ୍ୟମ ହୋଇପାରିବ। ଦଶନ୍ଧି ଦଶନ୍ଧି ଧରି ଏହି ଉପାୟ ଆପଣାଇ ଅନେକ ମାରାତ୍ମକ ବ୍ୟାଧିର ଚିକିତ୍ସା ସମ୍ଭବ ହୋଇପାରିଛି। ଇବୋଲା, ଇନ୍‌ଫ୍ଲୁଏଞ୍ଜା ଭଳି ଘାତକ ରୋଗ କ୍ଷେତ୍ରରେ ଆଣ୍ଟିବଡିଜ୍ ବରଦାନ ସାବ୍ୟସ୍ତ ହୋଇଛି।

ମାଉଣ୍ଟ ସିନାଇ ହସ୍ପିଟାଲର ପ୍ରେସିଡେଣ୍ଟ ତଥା ଚିଫ୍ ଅପରେଟିଂ ଅଫିସର ଡା. ଡେଭିଡ ଏଲ୍. ରିକ୍ କୁହନ୍ତି, ପରୀକ୍ଷା ନ ସରିବା ଯାଏ ଏହା କେତେ ଉପାଦେୟ ସାବ୍ୟସ୍ତ ହେବ ତାହା କହିବା ମୁସ୍କିଲ। ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ସାଧାରଣ ରୋଗୀଙ୍କ ଉପରେ ଏହାକୁ ପ୍ରୟୋଗ କରାଯାଇପାରେ। କିନ୍ତୁ ଗମ୍ଭୀର ସ୍ଥିତିରେ ପହଞ୍ଚି ସାରିଥିବା ରୋଗୀଙ୍କ କ୍ଷେତ୍ରରେ ଏହାର ପ୍ରୟୋଗ କରିବା ପରିଣାମ ନକାରାତ୍ମକ ହୋଇପାରେ। ତେଣୁ ଠିକ୍ ସମୟରେ ଠିକ୍ ରୋଗୀଙ୍କୁ ଚିହ୍ନଟ କରି ଆଣ୍ଟିବଡିଜ୍‌ର ପ୍ରୟୋଗ କରିବା ଆବଶ୍ୟକ ବୋଲି ଡା. ରିକ୍ ପରାମର୍ଶ ଦେଇଛନ୍ତି।

ନ୍ୟୁୟର୍କ ବ୍ଲଡ ସେଣ୍ଟରର ଚିଫ୍ ମେଡିକାଲ ଅଫିସର ଡା. ବ୍ରୁସ୍ ସାଚେଜ୍ କୁହନ୍ତି, ଆମେରିକା ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେଶନ୍ ପକ୍ଷରୁ ଏଥିଲାଗି ଅନୁମତି ମିଳିଛି। ଏହାପରେ ନ୍ୟୁୟର୍କର ହସ୍ପିଟାଲ ଏହାର ପ୍ରୟୋଗ ଲାଗି ଅଣ୍ଟା ଭିଡ଼ିଛି। ଜଣେ ଡୋନରଙ୍କ ପାଖରୁ ସଂଗୃହୀତ ପ୍ଲାଜ୍‌ମାରେ ଅନ୍ୟୂନ ୩ଜଣ ରୋଗୀ ଭଲ ହୋଇପାରିବେ। ତାଙ୍କ ଶରୀରରୁ ୨୦% ଆଣ୍ଟିବଡ଼ିଜ୍ ନିଆଯିବ, ଯାହା ୨ରୁ ୪ଦିନ ମଧ୍ୟରେ ଆଉଥରେ ଭରଣା ହୋଇଯାଇଥାଏ। ସେ ଆହୁରି ମଧ୍ୟ କହିଛନ୍ତି, ରୋଗୀଙ୍କ ଚିକିତ୍ସା ଲାଗି ଏଭଳି ଏକ ପ୍ରଡକ୍ଟ ବାହାରିବା ଜରୁରୀ ଆବଶ୍ୟକତା ରହିଛି। ଏପରି ପ୍ଲାଜ୍‌ମା ସଂଗ୍ରହ କରିବା ଲାଗି ନ୍ୟୁୟର୍କରେ ଥିବା ବ୍ଲଡ୍ ବ୍ୟାଙ୍କ ପର୍ଯ୍ୟାପ୍ତ ହେବନାହିଁ। ବିଭିନ୍ନ ବ୍ଲଡ୍ ସେଣ୍ଟର ସହ ଯୋଗାଯୋଗ ରକ୍ଷା କରି ଏ ଦିଗରେ କାମ କରାଯାଇପାରିବ। ଫଳରେ ଅଧିକରୁ ଅଧିକ ରୋଗୀ ଏହାଦ୍ୱାରା ଉପକୃତ ହୋଇପାରିବେ।

## ସୋସିଆଲ ମିଡିଆରୁ ...



କରୋନା ଭୂତାଣୁ ଷ୍ଟାଇଲରେ ଚୁଟି କଟା।



# ସାଉଥ୍ ସୁପରଷ୍ଟାରଙ୍କ ବଦାନ୍ୟତା

**ମୁମ୍ବାଇ:** କରୋନା ଭାଇରସ୍ ମହାମାରୀକୁ ନେଇ ସାରା ବିଶ୍ୱରେ ସଂଘର୍ଷ ଜାରି ରହିଛି। କରୋନା ସହ ମୁକାବିଲା ପାଇଁ ସମସ୍ତେ ଏବେ ସହାୟତାର ହାତ ବଢ଼ାଇଛନ୍ତି। ଉଦ୍ୟୋଗ ଜଗତଠାରୁ ଆରମ୍ଭ କରି ଖେଳାଳି ଓ ସେଲିବ୍ରିଟି କରୋନାକୁ ହରାଇବା ପାଇଁ ଯଥାସମ୍ଭବ ଲୋକଙ୍କୁ ସାହାଯ୍ୟ କରୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ମଧ୍ୟ ଲୋକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଏଥିପାଇଁ ସେ ୧କୋଟି ୨୫ଲକ୍ଷ ଟଙ୍କା ଦାନ କରିଥିବା ଜଣାପଡ଼ିଛି। ଏନେଇ ଅର୍ଜୁନ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଶେୟାର କରି ଘୋଷଣା କରିଛନ୍ତି। ଏଥିସହ ଟୁଇଟ କରି ସେ ଲେଖିଛନ୍ତି, କୋଭିଡ-୧୯ ଯୋଗୁ ସାଧାରଣ ଜୀବନଯାପନ ଏକପ୍ରକାର ଠପ୍ ହୋଇଯାଇଛି। ତେଣୁ ଏହି କଷ୍ଟକର ସମୟରେ ସେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ କେରଳର ଲୋକଙ୍କ ପାଇଁ ୧କୋଟି ୨୫ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ମହାମାରୀକୁ ସମସ୍ତେ ମିଳିମିଶି ଲଢ଼ିବା ସହ ଖୁବ୍‌ଶୀଘ୍ର ଏହାକୁ ଶେଷ କରିବା ବୋଲି ଆଶା କରୁଛି। ତେଣୁ ସମସ୍ତେ ଘରେ ରୁହନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ଅର୍ଜୁନ ସମସ୍ତଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି। ଏହା ପୂର୍ବରୁ ରଜନୀକାନ୍ତ, ପବନ କଲ୍ୟାଣ ଓ ରାମ ଚରଣ ସମେତ କେତେକ ସାଉଥ୍ ସୁପରଷ୍ଟାର ଆର୍ଥିକ ସହାୟତା ପାଇଁ ଘୋଷଣା କରିସାରିଛନ୍ତି।

# ଗ୍ରାମଦେବତା ଭାବେ ପୂଜାପାଏ ବାଦୁଡ଼ି



**ପାଟନା:** ପ୍ରାୟତଃ ଲୋକମାନେ ବାଦୁଡ଼ିକୁ ଅଶୁଭ ବୋଲି ମାନିଥାନ୍ତି। କେରଳରେ କିଛି ବର୍ଷ ପୂର୍ବେ ବାଦୁଡ଼ିରୁ ନିପା ଭାଇରସ୍ ବାହାରିଥିଲା। ଏଥିରେ ବହୁ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ଅନେକଙ୍କର ମୃତ୍ୟୁ ହୋଇଥିଲା। ସମ୍ପ୍ରତି ଚାଇନାରୁ ସୃଷ୍ଟି କରୋନା ଭାଇରସ୍ ବି ବାଦୁଡ଼ିରୁ ହିଁ ସୃଷ୍ଟି ହୋଇଥିବା କେତେକେ କହୁଛନ୍ତି। ତେବେ ଭାରତରେ ଏଭଳି ଗାଁ ରହିଛି, ଯେଉଁଠି ଲୋକମାନେ ବାଦୁଡ଼ିକୁ ଗ୍ରାମଦେବତା ଭାବେ ପୂଜା କରିଥାନ୍ତି। ଗ୍ରାମଦେବତା ହିଁ ସେମାନଙ୍କୁ ବହୁ ବିପଦ ଆପଦରୁ ଉଦ୍ଧାର କରିଥାନ୍ତି ବୋଲି ଗ୍ରାମବାସୀଙ୍କ ମଧ୍ୟରେ ବିଶ୍ୱାସ ରହିଛି। ବିହାରର ବୈଶାଳୀ ଜିଲାରେ ଏଭଳି ଏକ ମନ୍ଦିର ରହିଛି, ଯେଉଁଠି ଲୋକମାନେ ବାଦୁଡ଼ିକୁ ପୂଜିଥାନ୍ତି। ଏଠାକାର ଲୋକେ ବାଦୁଡ଼ିକୁ ଧନସମ୍ପତିର ପ୍ରତୀକ ଭାବେ ମାନିଥାନ୍ତି। ଯେଉଁଠାରେ ବାଦୁଡ଼ି ରୁହେ, ସେଠାରେ କେବେ ଧନସମ୍ପଦର ଅଭାବ ରୁହେନି ବୋଲି ସେଠାକାର ଲୋକଙ୍କ ମନରେ ବିଶ୍ୱାସ ରହିଛି। ବୈଶାଳୀ ଜିଲାର ରାମପୁର ରତ୍ନାଗର ଗ୍ରାମରେ ହଜାର ହଜାର ବାଦୁଡ଼ି ବସା ରହିଛି। ବାଦୁଡ଼ି ପାଇଁ ସେହି ଗ୍ରାମ ପ୍ରସିଦ୍ଧି ଲାଭ କରିଛି। ବାଦୁଡ଼ିଙ୍କୁ ଦେଖିବାକୁ ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ବୈଶାଳୀ ଜିଲାର କେତେଜଣ ବରିଷ୍ଠ ଲୋକଙ୍କ କହିବା ଅନୁସାରେ, ହଜାର ହଜାର ବର୍ଷ ପୂର୍ବେ ସେଠାରେ ମହାମାରୀ ଦେଖାଦେଇଥିଲା। ସେହି ସମୟରୁ ଏଠାରେ ଶହ ଶହ ବାଦୁଡ଼ି ଆସି ବସା କରିଥିଲେ। ସେବେଠାରୁ ଆଉ ମହାମାରୀ ଦେଖାଯାଉ ନ ଥିବା ଲୋକମାନେ କହିଛନ୍ତି।

# ୧୧୨ ଡାଏଲ କଲେ ପୋଲିସ ପହଞ୍ଚାଉଛି ଖାଦ୍ୟ

**ନଏଡ଼ା:** ଯଦି କାହା ଘରେ ଖାଦ୍ୟପେୟର କୌଣସି ଅସୁବିଧା ଅଛି ତେବେ ୧୧୨ ଡାଏଲ କଲେ କିଛି ସମୟ ପରେ ଖାଦ୍ୟ ପହଞ୍ଚାଇବ ପୋଲିସ। ଲକ୍‌ଡାଉନ ସମୟରେ ବଜାର, ସହର ସବୁ ବନ୍ଦ ରହିଥିବାରୁ ଅନେକ ଗରିବ ଶ୍ରେଣୀର ଲୋକ ପ୍ରଭାବିତ ହୋଇଛନ୍ତି। ଅନେକଙ୍କ ଘରେ ଖାଇବାକୁ ନ ଥିବା ଜାଣି ଏଭଳି ପଦକ୍ଷେପ ନେଇଛି ନଏଡ଼ା ପୋଲିସ। ଲକ୍‌ଡାଉନ୍ ସମୟରେ ପୋଲିସ ଦ୍ୱାରା ଯୋଗାଇ ଦିଆଯାଉଥିବା ଏହି ସହାୟତା ସମ୍ପର୍କରେ ନଏଡ଼ା ପୋଲିସ କମିଶନର ଆଲୋକ ସିଂ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ଅନେକ ଲୋକ ୧୧୨ ଡାଏଲ କରି ପୋଲିସର ସହାୟତା ଲୋଡ଼ିବା ପରେ ନଏଡ଼ା ପୋଲିସ ସେମାନଙ୍କୁ ଖାଦ୍ୟ ଯୋଗାଇ ଦେଇଥିବା ସିଂ କହିଛନ୍ତି। ଗତ ୨୫ ତାରିଖରେ ନଏଡ଼ାସ୍ଥିତ ଏକ ବସ୍ତିରେ ପ୍ରାୟ ୮୨ ଜଣ ଲୋକ ଖାଦ୍ୟାଭାବରୁ ବିଚଳିତ ହୋଇପଡ଼ିଥିଲେ। ଏହାପରେ ୧୧୨କୁ କେହି କଲ୍ କରି ପୋଲିସର ସହାୟତା ଲୋଡ଼ିବା ପରେ ପୋଲିସ ସେମାନଙ୍କ ନିକଟରେ ୫୦ କେଜି ଚାଉଳ ଓ ୫୦ କେଜି ଡାଲି ଯୋଗାଇ ଦେଇଥିଲା। ସେହିଭଳି ପୋଲିସ କର୍ମଚାରୀମାନେ ପ୍ରସବ ଯନ୍ତ୍ରଣା ଭୋଗୁଥିବା ମହିଳାଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ଆଗେଇ ଆସିଥିବା ଜଣାପଡ଼ିଛି। ସଙ୍କଟ ସମୟରେ ପୋଲିସର ଭୂମିକା ସେଠାରେ ବେଶ୍ ପ୍ରଶଂସନୀୟ ହୋଇଛି।

# ପ୍ରାଣୀ ଅଙ୍ଗରୁ ଚାଲିଛି ଔଷଧ ପ୍ରସ୍ତୁତି ପ୍ରୟାସ

## ଚେତୁନି ଚାଇନା




**ନୂଆଦିଲ୍ଲୀ:** ଚାଇନାର ଉହାନ ସହରରୁ ଆରମ୍ଭ ହୋଇଥିବା ମହାମାରୀ କରୋନା ଭୂତାଣୁ ଆଜି ବିଶ୍ୱର ଅନେକ ଦେଶକୁ ଗ୍ରାସ କରିସାରିଲାଣି। ଏଥିରେ ଲକ୍ଷାଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ହଜାର ହଜାର ଲୋକଙ୍କ ଜୀବନ ଗଲାଣି। ଭୂତାଣୁର ମୂଳ ଉତ୍ସ ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପ୍ରାଣୀଙ୍କଠାରୁ ଏହା ମଣିଷ ଦେହକୁ ଆସିଥିବା କୁହାଯାଉଛି। ଏତେ ଅବସ୍ଥା ପରେ ମଧ୍ୟ ଚାଇନା ଚେତୁନି। ଏକ ରିପୋର୍ଟ ଅନୁଯାୟୀ, ପଶୁପକ୍ଷୀଙ୍କ ଅନ୍ତ ଏବଂ ଶିଙ୍ଘରୁ ଦେଶୀ ଔଷଧ ପ୍ରସ୍ତୁତ କରିବାରେ ଲାଗିଛି ଚାଇନା। ଏଥିରେ କରୋନା ଆକ୍ରାନ୍ତ ଭଲ ହୋଇପାରିବେ ବୋଲି ଚାଇନା କହୁଛି। ଦେଶର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ଆୟୋଗ କରୋନା ଭୂତାଣୁର ଉପଚାର ବିଷୟରେ କହିଛି। ଏଥିରେ ଏକ ଦେଶୀ ମେଡିସିନ ରହିଛି। ଯାହାକୁ ତିଆରି କରିବାରେ ଭାଲୁର ଗଲ୍‌ବ୍ଲାଡରରୁ ମିଳୁଥିବା ତରଳ ପାଚକ ପଦାର୍ଥ ବ୍ୟବହାର କରାଯାଇଥାଏ। ଏଥିରେ ଛେଳିର ଶିଙ୍ଘ ଏବଂ ତିନି ପ୍ରକାର ଚାରାର ବ୍ୟବହାର କରାଯାଇଛି। କିନ୍ତୁ ଏହାକୁ ଚାଇନାର ପ୍ରାଣୀ ବିଶେଷଜ୍ଞ ବିରୋଧ କରିଛନ୍ତି। ୩ ମାସ ତଳେ ଆରମ୍ଭ ହୋଇଥିବା କରୋନା ଭୂତାଣୁରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୪୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିସାରିଛି। ଏଥିରେ ୫ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି। କରୋନା ଭାଇରସ୍ ବାଦୁଡ଼ି, ସାପ କିମ୍ବା ଅନ୍ୟ କୌଣସି ଜୀବଜନ୍ତୁଙ୍କଠାରୁ ଉତ୍ପନ୍ନ ହୋଇଥାଇପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା କରୁଛନ୍ତି। ଚାଇନାର ସ୍ୱାସ୍ଥ୍ୟ ଅଧିକାରୀମାନେ ମଧ୍ୟ ଅନୁରୂପ କଥା କହିସାରିଛନ୍ତି। ତଥାପି ପଶୁପକ୍ଷୀଙ୍କ ଜୀବନ ସହିତ ଖେଳୁଛି ଚାଇନା। ଯାହାକୁ ପରିବେଶବିତ୍‌ମାନେ ଘୋର ବିରୋଧ କରିବା ସହ ଏହା ଅନୈତିକ କାର୍ଯ୍ୟ ବୋଲି କହିଛନ୍ତି।

# ଚର୍ଚ୍ଚାରେ କରୋନା ବର୍ଗର

**ହାନୋଇ:** ସମଗ୍ର ବିଶ୍ୱରେ କୋଭିଡ୍-୧୯ ଆତଙ୍କ ଖେଳାଇଛି। ଫଳରେ କରୋନାକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହି ଭୟ ଦୂରକରି ଲୋକଙ୍କ ମନୋବଳ ବଢ଼ାଇବା ପାଇଁ ଭିଏତନାମର ରୋଷେୟା ହୋଙ୍ଗ ତୁଙ୍ଗ ଏକ ଅଭିନବ ପ୍ରୟାସ କରିଛନ୍ତି। ହାନୋଇ ସହରର ଏକ ରେଷ୍ଟୁରାଣ୍ଟରେ ତୁଙ୍ଗ ଓ ତାଙ୍କ ଟିମ୍ କରୋନା ଭାଇରସ୍ ଆକୃତିର ବର୍ଗର ତିଆରି କରି ଲୋକଙ୍କୁ ଖାଇବାକୁ ଦେଉଛନ୍ତି, ଯାହାକି ସେଠାରେ ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ପ୍ରସ୍ତୁତ କରୁଥିବା ବର୍ଗର ଲୋକଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସୁଛି। ରୋଷେୟା ତୁଙ୍ଗ କହିଛନ୍ତି ଯେ, କରୋନା ଭାଇରସ ଆକୃତିର ବର୍ଗର ଖାଇବା ପରେ ଆପଣଙ୍କୁ ଆଉ କରୋନା ଭୟଭୀତ କରାଇ ପାରିବ ନାହିଁ।' ଏଭଳି ଚିନ୍ତାଧାରା ଏହି ମହାମାରୀ ସମୟରେ ଅନେକଙ୍କୁ ଆନନ୍ଦର ଖୋରାକ ଯୋଗାଇବ ବୋଲି ତୁଙ୍ଗ କହିଛନ୍ତି।

# ଲକ୍‌ଡାଉନ୍: ରାଜରାସ୍ତାରେ ନୀଳଗାଈ



**ନୂଆଦିଲ୍ଲୀ:** କରୋନା ଭାଇରସ୍ ଯୋଗୁ ଏବେ ସବୁ ଦେଶ ଲକ୍‌ଡାଉନ୍ ହୋଇ ଯାଇଥିବାରୁ ଲୋକମାନେ ଘର ଭିତରେ ରହୁଛନ୍ତି। ସେଥିପାଇଁ ଚାରିଆଡେ ରାସ୍ତାଘାଟ ଶୂନଶାନ୍ ହୋଇଯାଇଛି। ଲୋକେ କେହି ପଦାକୁ ବାହାରୁ ନାହାନ୍ତି। ତେଣୁ ପ୍ରକୃତିର ବିଭିନ୍ନ ରୂପକୁ ଏବେ ଦେଖିବାକୁ ମିଳୁଛି। ବିଭିନ୍ନ ଅଞ୍ଚଳରେ ଏବେ ଲୋକେ ରାସ୍ତାରେ ନଥିବାରୁ ବନ୍ୟଜନ୍ତୁମାନେ ବେଶ୍ ଆନନ୍ଦରେ ରାସ୍ତା ଉପରେ ବିଚରଣ କରୁଛନ୍ତି। ଠିକ୍ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନଏଡା ସେକ୍ଟର-୧୮ ଅଞ୍ଚଳରେ। ଆଶ୍ଚର୍ଯ୍ୟଜନକଭାବେ ଏଠାରେ ରାଜରାସ୍ତା ଉପରେ ନୀଳଗାଈ ବେଶ୍ ନିର୍ଭୟରେ ବୁଲୁଥିବାର ଦେଖିବାକୁ ମିଳିଛି। ନୀଳଗାଈ ବୁଲୁଥିବାର ଏମିତି ଏକ ଭିଡ଼ିଓକୁ ଜଣେ ସାମ୍ବାଦିକ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ୨୫ ସେକେଣ୍ଡର ଏହି ଭିଡିଓରେ ଦେଖିବାକୁ ମିଳିଛି କି ରାସ୍ତାରେ ଥିବା ଏକ ମଲ୍ ପାଖ ଦେଇ ନୀଳଗାଈ ବେଶ୍ ଆରାମରେ ଧୀରେ ଧୀରେ ଯାଉଛି। ଏଇ ଭିଡିଓଟିକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। କିଛି ଲୋକ ଏହାକୁ ପ୍ରକୃତିର ସୁନ୍ଦରତା କହିଥିବାବେଳେ ଅନ୍ୟ କେତେଜଣ କହିଛନ୍ତି ଲୋକେ ନଥିବାବେଳେ ଜୀବଜନ୍ତୁମାନେ ବୁଲିବା ପାଇଁ ଟିକେ ସ୍ୱାଧୀନତା ପାଇଛନ୍ତି।

# କରୋନା ଭୟରେ ଡାଇନୋସର ପୋଷାକ



**ନୂଆଦିଲ୍ଲୀ:** କରୋନାକୁ ନେଇ ବିଶ୍ୱବାସୀ ଭୟଭୀତ ଓ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଅଦ୍ୟାବଧି ଏହା ବିଶ୍ୱର ୧୯୯ ଦେଶକୁ ବ୍ୟାପି ସାରିଥିବା ବେଳେ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ଦେଶରେ ଲକ୍‌ଡାଉନ୍ କରାଯାଇଛି। ତେବେ ସଂକ୍ରମଣରୁ ନିଜକୁ ଓ ନିଜ ଆତ୍ମୀୟଙ୍କୁ ରକ୍ଷାକରିବା ପାଇଁ ଲୋକମାନେ ଭିନ୍ନ ଭିନ୍ନ ଉପାୟ ଆପଣାଉଥିବା ଦେଖାଯାଉଛି। ନିକଟରେ ଜଣେ ବ୍ୟକ୍ତି ବିମାନରେ ଯାତ୍ରା କରୁଥିବା ବେଳେ କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ଡାଇନୋସର ଭଳି ଦେଖାଯାଉଥିବା ଏକ ପୋଷାକ ପିନ୍ଧିଥିଲେ। ଆମେରିକାର ଫ୍ଲୋରିଡାସ୍ଥିତ ମିଆମି ସହରରେ ଏହା ଦେଖିବାକୁ ମିଳିଛି। ମିଆମି ଅନ୍ତର୍ଜାତୀୟ ବିମାନବନ୍ଦରରେ ଥିବା ଜଣେ ଇନ୍‌ଷ୍ଟାଗ୍ରାମ୍ ୟୁଜର ସମ୍ପୃକ୍ତ ବ୍ୟକ୍ତିଙ୍କ ଫଟୋ ଶେୟାର କରି ଲେଖିଛନ୍ତି, ଭୂତାଣୁଠାରୁ ରକ୍ଷାପାଇବା ପାଇଁ ଏହା ସବୁଠାରୁ ଭଲ ପୋଷାକ। ସେ ଏହି ପୋଷାକ ପିନ୍ଧି ଫ୍ଲାଇଟ୍‌ରେ ଯାତ୍ରା କରିଛନ୍ତି। ଗୋଟିଏ ଫଟୋରେ ସେ ବୋର୍ଡିଂ ଗେଟ୍ ପାଖକୁ ଯାଉଥିବା ଦେଖାଯାଉଥିବା ବେଳେ ଦ୍ୱିତୀୟ ଫଟୋରେ ସେ ବୋର୍ଡିଂ ପାସ୍ ସ୍ୱାଇପ୍ କରୁଥିବା ଦେଖାଯାଉଛି।

## ସଂକ୍ଷେପରେ

### ନୂଆ ଅତିରିକ୍ତ ଜିଲାପାଳଙ୍କ ଯୋଗଦାନ



**ଅନୁଗୋଳ ଅଫିସ, ୨୭।୩ :** ଅନୁଗୋଳ ଜିଲାର ନୂତନ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭାବେ ସନ୍ତୋଷ କୁମାର ପ୍ରଧାନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଗୃହ ବିଭାଗରେ ଯୁଗ୍ମ ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଧାନଙ୍କ ଯୋଗଦାନ ଫଳରେ ଜିଲାରେ ରାଜସ୍ୱ ସମ୍ପର୍କିତ ବିଭିନ୍ନ କାର୍ଯ୍ୟ ସୂଚାରୁରୂପେ ପରିଚାଳିତ ହୋଇପାରିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି।

### ତିନି ମାସର ଦରମା ଦାନ କଲେ ମୁକେଶ



ପାଲଲହଡ଼ା, ୨୭।୩ (ଡି.ଏନ.ଏ.): ଅନୁଗୋଳ ଜିଲା ପାଲଲହଡା ବିଧାୟକ ମୁକେଶ କୁମାର ପାଲ ତାଙ୍କର ଆଗାମୀ ୩ ମାସର ଦରମା (ବେସିକ ସାଲାରି) ବାବଦ ୧ଲକ୍ଷ ୫ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। କରୋନା ମୁକାବିଲା ପାଇଁ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ପରେ ବିଧାୟକ ପାଲ୍ ତାଙ୍କର ଦରମା ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

### ଦଣ୍ଡଯାତ୍ରା ବନ୍ଦ

**ଆଠମଲ୍ଲିକ,୨୭।୩(ଡି.ଏନ.ଏ.):** କରୋନା ସଂକ୍ରମଣ ଆଶଙ୍କା ଓ ଲକ୍‌ଡାଉନ୍ ଯୋଗୁ ଆଠମଲ୍ଲିକ ଅଞ୍ଚଳର ପ୍ରସିଦ୍ଧ ଦଣ୍ଡଯାତ୍ରାକୁ ଚଳିତ ବର୍ଷ ବନ୍ଦ ରଖାଯାଇଛି। ଗତ ୨୪ ତାରିଖ ଠାରୁ ଏହା ଆରମ୍ଭ ହୋଇ ମେରୁଯାତ୍ରା ପର୍ଯ୍ୟନ୍ତ ଚାଲିଥାନ୍ତା। ଏଥିନେଇ ପୂର୍ବରୁ ସମସ୍ତ ପ୍ରସ୍ତୁତି କରିସାରିଥିବା ଭକ୍ତମାନେ ନିରାଶ ହୋଇଛନ୍ତି।

### ବଢ଼ାଗଲା ଆହାର ମିଲ୍

**ଅନୁଗୋଳ ଅଫିସ, ୨୭।୩:** ଅନୁଗୋଳ ସହରରେ ଥିବା ଅସହାୟ, ଯାଯାବର ଓ ମାନସିକ ରୋଗୀଙ୍କୁ ପୌରପ୍ରଶାସନ ପକ୍ଷରୁ ଶୁକ୍ରବାର ରାତିରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଆହାର କେନ୍ଦ୍ରରେ ଶହେ ମିଲ୍ ବୃଦ୍ଧି କରାଯାଇଛି। ଦିନରେ ୨ଶହ ସ୍ଥାନରେ ୩ଶହ ଓ ରାତିରେ ଶହେ ପରିବର୍ତ୍ତେ ୨ଶହ ମିଲ୍ ଦିଆଯିବ।

### ସନ୍ଦିଗ୍ଧଙ୍କୁ ଅନୁଗୋଳ ସ୍ଥାନାନ୍ତର

**ବଅଁରପାଳ,୨୭।୩(ଡି.ଏନ.ଏ.):** ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରୁ ଶୁକ୍ରବାର ଜଣେ କରୋନା ସନ୍ଦିଗ୍ଧଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଯୁବକ ଜଣକ ଭାଇଜାଗରେ କାର୍ଯ୍ୟ କରୁଥିଲେ ଓ ନିକଟରେ ଆଠମଲ୍ଲିକ ଫେରିଥିଲେ। ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ଅନୁଗୋଳ ପଠାଯାଇଛି।

### ହିଙ୍ଗୁଳା ମନ୍ଦିରକୁ ଅର୍ଥ ଦାନ

**ତାଳଚେର,୨୭।୩(ନି.ପ୍ର.):** ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପରିକଳ୍ପିତ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଜଣେ ଅବସରପ୍ରାପ୍ତ ଖଣି କର୍ମଚାରୀଙ୍କ ପକ୍ଷରୁ ମନ୍ଦିର ପାଣ୍ଠିକୁ ଅର୍ଥ ଦାନ କରାଯାଇଛି। ଏମ୍‌ସିଏଲ୍ କେନ୍ଦ୍ରୀୟ ଚିକିତ୍ସାଳୟର ଅବସରପ୍ରାପ୍ତ ଅଫିସ ଅଧୀକ୍ଷକ ସୁକାନ୍ତି ଦେଈ ୫୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ତାଙ୍କର ଏଭଳି ମହତ କାର୍ଯ୍ୟ ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ସାଧୁବାଦ ଜଣାଯାଇଛି।

### ଅସଦାଚରଣ, ଶିକ୍ଷକ ଅଟକ

**ବଇଣ୍ଡା, ୨୭।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ପରିବାର ପକ୍ଷରୁ ଶୁକ୍ରବାର ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଆଇଆଇସି ଗବାକ୍ଷ ନାୟକ ପ୍ରକାଶ କରିଛନ୍ତି।

# ଗାଁରେ ପହଞ୍ଚାଯାଉ ଅତ୍ୟାବଶ୍ୟକ ସାମଗ୍ରୀ

**ଅନୁଗୋଳ ଅଫିସ, ୨୭।୩:** ଲକ୍‌ଡାଉନ୍ ଯୋଗୁ ଲୋକେ ଘର ମଧ୍ୟରେ ରହୁଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ମାର୍କେଟ ଆସୁଛନ୍ତି। ଏଥିପାଇଁ ରାଶନ ଓ ପରିବା ଦୋକାନଗୁଡ଼ିକରେ ଭିଡ଼ ବଢୁଛି। ସାମାଜିକ ଦୂରତ୍ୱ ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଦୋକାନ ସମ୍ମୁଖରେ ବୃତ୍ତ ଚିହ୍ନିତ ସ୍ଥାନରେ ଠିଆ ହେବାକୁ କୁହାଯାଉଥିଲେ ବି ଅନେକ ସମୟରେ ତାହା ପାଳନ କରାଯାଉ ନାହିଁ। ବେଳେ ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଉଛି। ତେଣୁ ଏ କ୍ଷେତ୍ରରେ ଲୋକେ ଭୋଗୁଥିବା ଅସୁବିଧା ଦୂର ପାଇଁ ସହରଗୁଡ଼ିକରେ ଥିବା ବିଭିନ୍ନ ମଲ୍ ପକ୍ଷରୁ ଅନ୍‌ଲାଇନରେ ବୁକିଂ କଲେ ଘରେ ସାମଗ୍ରୀ ପହଞ୍ଚାଇ ଦେବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଗ୍ରାମାଞ୍ଚଳରେ ସେପରି ସୁଯୋଗ ଉପଲବ୍ଧ ନ ଥିବାରୁ ଲୋକେ ଜୀବନକୁ ବିପଦାପନ୍ନ କରି ଜରୁରୀ ସାମଗ୍ରୀ କିଣିବାକୁ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଯଦି ସରକାରଙ୍କ ପକ୍ଷରୁ ପ୍ରତି ଗ୍ରାମାଞ୍ଚଳରେ ଗାଡ଼ି ଯୋଗେ ରାଶନ ଓ ପନିପରିବା ବିକ୍ରି କରାଯିବାର ବନ୍ଦୋବସ୍ତ କରାଯାଆନ୍ତା ତା'ହେଲେ ହୁଏତ ଲୋକେ ଘର ଦୁଆର ମୁହଁରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇପାରନ୍ତେ। ଏଥିସହ ଏହି ଭାଇରସ୍ ସଂକ୍ରମଣରୁ ଲୋକେ ରକ୍ଷାପାଇପାରନ୍ତେ ଓ ଲକ୍‌ଡାଉନ୍‌ର ପ୍ରକୃତ ସୁଫଳ ମଧ୍ୟ ମିଳିପାରନ୍ତା ବୋଲି ଅନୁଗୋଳର ବିଭିନ୍ନ ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

### ପରିସ୍ଥିତି ଦେଖି ପଦକ୍ଷେପ ନିଆଯାଉ



କାଁ ଭାଁ କେତେଜଣଙ୍କୁ ଛାଡ଼ିଦେଲେ ଜରୁରୀ ନ ଥିଲେ ଅନେକ ଲୋକ ଘରୁ ବାହାରୁ ନାହାନ୍ତି। କିଏ ମେଡିସିନ ଆଣିବାକୁ ଯାଉଛନ୍ତି ତ ଆଉ କିଏ ରାଶନ ବା ପରିବା ପାଇଁ ବଜାରମୁହାଁ ହେଉଛନ୍ତି। ପୋଲିସ ପ୍ରଶାସନ ଏହାକୁ ଉପଲବ୍ଧ କରିବା ଉଚିତ। ଯଦି ଘର ନିକଟରେ ଏସବୁ ଉପଲବ୍ଧ କରାଯାଇପାରନ୍ତା ତା'ହେଲେ କେହି ବି କଟକଣା ଉଲ୍ଲଂଘନ କରିବାକୁ ପଦାକୁ ବାହାରନ୍ତେ ନାହିଁ।

**-ବିଶ୍ୱରଞ୍ଜନ ପଟ୍ଟନାୟକ, ବୁଦ୍ଧିଜୀବୀ, ଅନୁଗୋଳ**

### ସହର ପରି ବ୍ୟବସ୍ଥା ଗାଁରେ କରାଯାଉ

ଅନୁଗୋଳ ସହରରେ ଯେପରି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି ସେପରି ଗ୍ରାମାଞ୍ଚଳରେ ବି କରାଯାଉ। ଗାଁ ଗାଁରେ ଅସ୍ଥାୟୀ ପରିବା ଦୋକାନ ଓ ତେଜରାତି ଦୋକାନ ଖୋଲାଯାଉ। ଏହା କରାଯାଇପାରିଲେ ଲୋକମାନେ ବଜାରକୁ ଯିବାକୁ ଆଦୌ ଉଚିତ ମଣିବେ ନାହିଁ। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ କି ପ୍ରଶାସନକୁ ମଧ୍ୟ ଅଧିକ କଷ୍ଟ କରିବାକୁ ପଡ଼ନ୍ତା ନାହିଁ।



**-ସୁଶ୍ରୀ ଶୁଭଶ୍ରୀ ସାହୁ, ମହୀଧରପୁର**

### ଡିଲରମାନଙ୍କ ଉପଯୋଗ କରାଯାଉ



ଆଶାକର୍ମୀମାନେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଥିବା ବେଳେ ଅଙ୍ଗନୱାଡି କର୍ମୀ ରାଶନକାର୍ଡଧାରୀଙ୍କ ଘରେ ପିଡିଏସ୍ ସାମଗ୍ରୀ ପହଞ୍ଚାଉଛନ୍ତି। କିନ୍ତୁ ଅନ୍ୟମାନଙ୍କ କଥା ବୁଝିବାକୁ କେହି ନାହିଁ। ସେମାନେ ଖାଦ୍ୟ ସାମଗ୍ରୀ ପାଇଁ ବଜାର ଯିବାକୁ ଏକପ୍ରକାର ବାଧ୍ୟ। ଏ କ୍ଷେତ୍ରରେ ସରକାର ଜିଲାରେ ୫୭୫ ଜଣ ଡିଲରଙ୍କ ସହଯୋଗ ନେଇ ଗାଁରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ବ୍ୟବସ୍ଥା କଲେ ଭଲ ହୁଅନ୍ତା।

**-ପ୍ରତାପ ମହାପାତ୍ର, ଅନୁଗୋଳ**

### ସେପରି ସମସ୍ୟା ଆସିନାହିଁ



ଅନୁଗୋଳ ଜିଲାର ବିଭିନ୍ନ ଗାଁରେ ରାଶନ ଦୋକାନ ରହିଛି। ଆଖପାଖ ଅଞ୍ଚଳର ପରିବା ଚାଷୀମାନେ ଗାଁରେ ପରିବା ବିକ୍ରି କରୁଛନ୍ତି। ତେଣୁ ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ଗାଡ଼ି ଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରିବା ଭଳି ସମୟ ଆସିନାହିଁ। ଏହାଛଡ଼ା ପ୍ରତି ଡିଲରଙ୍କୁ ପିଡିଏସ୍ ସାମଗ୍ରୀ (ଚାଉଳ, ଗହମ ଓ କିରୋସିନ) ଯୋଗାଇବା ଦାୟିତ୍ୱ ଦିଆଯାଇଛି। ଯଦି ସେପରି ପରିସ୍ଥିତି ଉପୁଜେ ତା'ହେଲେ ବିଚାର କରାଯିବ।

**-ଉମାଶଙ୍କର ପତି, ଯୋଗାଣ ଅଧିକାରୀ, ଅନୁଗୋଳ**

# ଭୋକରେ ଡହଳବିକଳ ମାନସିକ ରୋଗୀ



ପାଲଲହଡ଼ା ବଜାରରେ ଥିବା ଦୁଇ ମାନସିକ ରୋଗୀ।

**ପାଲଲହଡା,୨୭।୩(ଡି.ଏନ.ଏ.)**

ଲକ୍‌ଡାଉନ୍ ପାଇଁ ବଜାର ବନ୍ଦ। ଚା' ଦୋକାନଠାରୁ ହୋଟେଲ ଯାଏ ସବୁଥିରେ ପଡ଼ିଛି ତାଲା। ଲୋକେ ଘରୁ ବାହାରୁ ନ ଥିବା ବେଳେ କାମ ନ ପାଇ ଦିନ ମଜୁରିଆ ଘରେ ବସି ରହିଛନ୍ତି। ହେଲେ ଅନୁଗୋଳ ଜିଲା ପାଲଲହଡ଼ା ବଜାରରେ ବର୍ଷ ବର୍ଷ ଧରି ବୁଲୁଥିବା ୧୦ରୁ ଊର୍ଦ୍ଧ୍ୱ ମାନସିକ ରୋଗୀଙ୍କ ଅବସ୍ଥା ଏବେ ଅତ୍ୟନ୍ତ ଦୟନୀୟ। ଅନ୍ୟର ହାତଟେକା ନ ହେଲେ ଅଇଁଠା ଖାଇ ଏମାନେ ବଞ୍ଚୁଥିବା ବେଳେ ଏବେ ସେମାନଙ୍କୁ ଖାଦ୍ୟ ଦେବାକୁ କେହି ନାହିଁ। ଦୈନିକ ବିଭିନ୍ନ ହୋଟେଲ କି ଚା' ଦୋକାନ ସମ୍ମୁଖରେ ଏମାନଙ୍କୁ ଘଣ୍ଟା ଘଣ୍ଟା ଧରି ଠିଆ ହେଉଥିବା ଦେଖିବାକୁ ମିଳୁଥିଲା। ମଧ୍ୟାହ୍ନରେ ଓ ରାତିରେ ବଳକା ଖାଦ୍ୟ ଦୋକାନୀ ଦେଲେ ସେମାନଙ୍କ ପେଟ ପୂରୁଥିଲା। କିଛି ନ ହେଲେ ବି ଡଷ୍ଟବିନ୍‌ରେ ଫୋପାଡ଼ି ଦିଆଯାଉଥିବା ବାସି ଖାଦ୍ୟ ସେମାନଙ୍କ ଭୋକ ମେଣ୍ଟାଉଥିଲା। ହେଲେ ଲକ୍‌ଡାଉନ୍ ଯୋଗୁ ସେପରି କିଛିର ସମ୍ଭାବନା ନାହିଁ। କରୋନା ମହାମାରୀ କବଳରୁ କେମିତି ନିଜ ପରିବାରକୁ ରକ୍ଷା କରିବେ ସେହି ଚିନ୍ତାରେ ଲୋକେ ବ୍ୟସ୍ତ ଥିବାବେଳେ ପ୍ରଶାସନ ସରକାରୀ ଆଦେଶ ଓ ସାମାଜିକ ଦୂରତା କିପରି ପାଳନ କରାଯିବ ତାହା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏପରି ପରିସ୍ଥିତିରେ ଭୋକରେ ଆଉଟୁପାଉଟୁ ହେଉଥିବା ଏହି ମାନସିକ ରୋଗୀଙ୍କ କଥା ବୁଝିବାକୁ ସମସ୍ତେ ଯେପରି ଭୁଲିଯାଇଛନ୍ତି। ଏ ସମ୍ପର୍କରେ ପାଲଲହଡ଼ା ବିଡିଓ ରବିନାରାୟଣ ମାଝି କହିଛନ୍ତି, ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇ ମାନସିକ ରୋଗୀମାନଙ୍କୁ କିପରି ଖାଦ୍ୟ ଯୋଗାଇ ଦିଆଯିବ ତାହାର ବ୍ୟବସ୍ଥା କରାଯିବ।

# କଳାବଜାର ନ କରିବାକୁ ତାଗିଦ



ବ୍ଲକ ଅଞ୍ଚଳରେ ଚଢ଼ାଉ କରାଯାଉଛି।

**ବଇଣ୍ଡା, ୨୭।୩(ଡି.ଏନ.ଏ.)**

କଳାବଜାର କରୁଥିବା ଅଭିଯୋଗରେ ଅନୁଗୋଳ ଜିଲା କିଶୋରନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ହଣ୍ଡପା ଆଇଆଇସି ଲବ ବୋଡା, ତହସିଲ ସୁପରଭାଇଜର ମାଧୁରୀ ନାୟକ, ବଇଣ୍ଡା ରାଜସ୍ୱ ନିରୀକ୍ଷକ ଶିରିଶ କୁମାର ଧଳସାମନ୍ତଙ୍କ ସମେତ ଏକ ଟିମ୍ ଚଢ଼ାଉ କରିଥିଲେ। ଖାଉଟି ସାମଗ୍ରୀକୁ ଚଢ଼ାଦରରେ ବିକ୍ରି ନ କରିବାକୁ ଦୋକାନୀଙ୍କୁ ତାଗିଦ କରିଥିଲେ। ଏଥିରେ ଖିଲାପ କଲେ ସମ୍ପୃକ୍ତ ଦୋକାନୀଙ୍କୁ ଗିରଫ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହ ରାଜ୍ୟ ବାହାରୁ ଫେରିଥିବା ୧୩ ଜଣଙ୍କ ଘରକୁ ଯାଇ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ପ୍ରଶାସନିକ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

# କ୍ୱାରାଣ୍ଟାଇନରେ ରହିଲେନି, ୬ ମାମଲା ରୁଜୁ

**ଅନୁଗୋଳ ଅଫିସ/ ବଅଁରପାଳ/କଣିହାଁ, ୨୭।୩**

ରାଜ୍ୟ ବାହାରୁ ଅନୁଗୋଳ ଜିଲାକୁ ଫେରିବା ପରେ ହୋମ୍ କ୍ୱାରାଣ୍ଟାଇନରେ ନ ରହିବାରୁ ୬ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ସମଲ ଥାନା ଅଞ୍ଚଳର ହୋଇଥିବା ବେଳେ, ଜଣେ ଅନୁଗୋଳ, ଜଣେ ନିଶା ଶିଳ୍ପାଞ୍ଚଳ ଥାନା ଓ ଅନ୍ୟ ୩ଜଣ ବଅଁରପାଳ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା କ୍ୱାରାଣ୍ଟାଇନ ୱାର୍ଡରେ ଭର୍ତ୍ତି କରାଯାଇଥିବା ଅନୁଗୋଳ ଏସ୍‌ପି ଜଗମୋହନ ମୀନା ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ଶୁକ୍ରବାର ୮ଟି ମାମଲା ରୁଜୁ ହୋଇଛି। ସେମାନଙ୍କ ନିକଟରୁ ୩ଟି ବାଇକ୍, ୬୯ ଲିଟର ମଦ ଜବତ କରାଯାଇଛି। ୬ ଜଣ ବିନା କାମରେ ଘରୁ ବାହାରିଥିବା ବେଳେ ୨ ଜଣ କୋଲିୟରୀ ଥାନା ଅଞ୍ଚଳରେ ମଦ ବିକ୍ରି କରୁଥିଲେ।

### ଫେରିଛନ୍ତି ୧୯୩୯ ଶ୍ରମଜୀବୀ

**ଅନୁଗୋଳ ଅଫିସ, ୨୭।୩**

ରାଜ୍ୟ ଓ ଦେଶ ବାହାରେ କାମ କରୁଥିବା ଅନୁଗୋଳ ଜିଲାର ୧୯୩୯ ଜଣ ବର୍ତ୍ତମାନ ସୁଦ୍ଧା ଫେରି ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଆଠମଲ୍ଲିକକୁ ସର୍ବାଧିକ ୩୫୨ ଓ ତାଳଚେରକୁ ସର୍ବନିମ୍ନ ୧୫୦ ଜଣ ଫେରିଛନ୍ତି। ସେହିପରି ଅନୁଗୋଳ ବ୍ଲକକୁ ୨୯୭ ଜଣ ରାଜ୍ୟ ବାହାରୁ ଓ ବିଦେଶରୁ ୧୯ ଜଣ ଫେରିଛନ୍ତି। ବଅଁରପାଳକୁ ୧୮୦, ଛେଣ୍ଡିପଦାକୁ ୨୫୫, କଣିହାଁକୁ ୨୦୯, କିଶୋରନଗରକୁ ୨୦୫, ପାଲଲହଡ଼ାକୁ ୨୭୨ ଜଣ ଫେରିଛନ୍ତି। ଏମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପାଣି ପାଇଁ ହନ୍ତସନ୍ତ ରାଇଝରଣବାସୀ

### କୂଅ କାର୍ଯ୍ୟକ୍ଷମ ହେଉନି

**ଛେଣ୍ଡିପଦା,୨୭।୩(ସ୍ୱ.ପ୍ର.)**

ପାନୀୟ ଜଳ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ରାଇଝରଣ ଗ୍ରାମବାସୀ। ଗ୍ରାମ ବନ୍ଧଠାରେ ଲୋକଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ଥିବା କୂଅଟି ଦବି ଯାଇଥିଲେ ମଧ୍ୟ ଏହାର ପୁନରୁଦ୍ଧାର କରାଯାଉ ନ ଥିବାରୁ ଗ୍ରାମବାସୀଙ୍କୁ ପାଣି ଯୋଗାଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଯିବା ପରେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଅଭିଯୋଗ ମୁତାବକ, ବନ୍ଧଠାରେ ଥିବା କୂଅଟି ପ୍ରାୟ ୧୦ ଫୁଟ ତଳକୁ ଦବିଯାଇଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଲୋକେ ପାଣି ପାଇ ପାରୁନାହାନ୍ତି। ଅଭିଯୋଗ ପରେ କୂଅ ନିକଟରେ ବିଭାଗ ପକ୍ଷରୁ ଆଉ ଏକ କୂଅ ଖନନ ଆରମ୍ଭ ହୋଇଥିଲା। ହେଲେ ଠିକାଦାରଙ୍କ ଅବହେଳା ଯୋଗୁ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତୁରନ୍ତ ଉକ୍ତ କୂଅକୁ କାର୍ଯ୍ୟକ୍ଷମ କରାଯିବାକୁ ପୂର୍ବତନ ସରପଞ୍ଚ ପତିତପାବନ ଦେହୁରୀ, ଗ୍ରାମ ସଭାପତି ବିଭୂତି ଭୂଷଣ ପ୍ରଧାନ, ସାମାଜିକକର୍ମୀ ବନବିହାରୀ ପଟ୍ଟନାୟକ, ଦୁର୍ଯ୍ୟୋଧନ ପ୍ରଧାନ, ରୁଦ୍ରମୋହନ ସାହୁ ପ୍ରମୁଖ ଦାବି କରିଛନ୍ତି। ବିଡିଓ ସୁନୀଲ କୁମାର କେରକେଟା କହିଛନ୍ତି, ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛି। ସେମାନଙ୍କୁ ପାଇପ୍ ଓ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଯିବାର ବ୍ୟବସ୍ଥା କରାଯିବ।



ଅର୍ଦ୍ଧନିର୍ମିତ ହୋଇ ପଡିରହିଥିବା କୂଅ।

# ଜୀବାଣୁ ନାଶକ ସିଞ୍ଚନ

**ବଅଁରପାଳ,୨୭।୩(ଡି.ଏନ.ଏ.)**

ନାଲ୍‌କୋ କଲୋନୀର ବିଭିନ ସ୍ଥାନରେ ଶୁକ୍ରବାର ଜୀବାଣୁ ନାଶକ ସିଞ୍ଚନ କରାଯାଇଛି। କୋଅପରେଟିଭ ଛକ, ଜଗନ୍ନାଥ ମନ୍ଦିର ଛକ, ୩ ମହଲା ଛକରେ ସିଆଇଏସ୍‌ଏଫ୍ ସହାୟତାରେ ଏହି କାର୍ଯ୍ୟ କରାଯାଇଛି। ଏଥିସହ କରୋନା ନେଇ ଲୋକଙ୍କୁ ସଚେତନ କରାଯାଇଛି। ନାଲ୍‌କୋ ପ୍ରଶାସନିକ ବିଭାଗର ଅତିରିକ୍ତ ମହାପ୍ରବନ୍ଧକ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ମଣିରଞ୍ଜନ ପଟ୍ଟନାୟକ, ସିଆଇଏସ୍‌ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଉପେନ୍ଦ୍ର କୁମାରଙ୍କ ନେତୃତ୍ୱରେ ଏହା କରାଯାଇଥିଲା। ନାଲ୍‌କୋ ଟାଉନଶିପ୍ ସୁରକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ।



ନାଲ୍‌କୋ ଟାଉନଶିପ୍‌ରେ ଜୀବାଣୁନାଶକ ସିଞ୍ଚନ କରାଯାଉଛି।

# ସଚେତନ କଲେ ଡିଏସ୍‌ପି



ବନ୍ତଲା ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ଲୋକମାନଙ୍କୁ ସଚେତନ କରୁଛନ୍ତି।

**ବନ୍ତଲା,୨୭।୩(ଡି.ଏନ.ଏ.)**

ବନ୍ତଲା ଥାନା ହମାମିର ଗ୍ରାମରେ କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁ ଯୁବଗୋଷ୍ଠୀଙ୍କ ନେତୃତ୍ୱରେ ଏହାର ଆୟୋଜନ ହୋଇଥିବା ବେଳେ ଏଥିରେ ବନ୍ତଲା ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ସୌରଭ ଓତା ଯୋଗ ଦେଇଥିଲେ। ଗାଁର ପ୍ରବେଶପଥରେ କରାଯାଇଥିବା ହାତ ଧୁଆ ବ୍ୟବସ୍ଥାରେ ହାତ ଧୋଇବା ସହ ଗ୍ରାମବାସୀଙ୍କୁ ୨୦୦ ମାସ୍କ ବଣ୍ଟନ କରିଥିଲେ। ଲାକ୍‌ଡାଉନ ନିୟମକୁ କଡାକଡି ଭାବେ ପାଳନ କରିବା, ସାମାଜିକ ଦୂରତା ରକ୍ଷା କରିବା ଓ ଅତି ଜରୁରୀ ନ ହେଲେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ। ସୁଶୀତ ସାହୁ, ମନୋଜ ଗଡ଼ନାୟକ, ରଣଜିତ ସାହୁ, ବିଷ୍ଣୁ ବେହେରା, ଅବନୀ ସାହୁ, ଆଲୋକ ସାହୁ, ଯୋସେବ କୁମାର ସାହୁ, ନିତ୍ୟାନନ୍ଦ ବେହେରା, ମାମୁନ ସାହୁ, ଟୁଟୁ ସାହୁ, ବିଜୁ ଯୁବ ବାହିନୀ ସଭାପତି ଗଣେଶ୍ୱର ସାହୁ, ବନ୍ତଲା ଥାନା କର୍ମଚାରୀଙ୍କ ସମେତ ୬୦ ଜଣ ଯୁବକ ଏକ ମିଟର ବ୍ୟବଧାନରେ ରହି ସାମାଜିକ ଦୂରତାକୁ ଅନୁସରଣ କରିଥିଲେ।

# ମାଓବାଦୀ-ଯବାନ ଗୁଳି ବିନିମୟ

**ଭବାନୀପାଟଣା/କେସିଙ୍ଗା, ୨୭।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ସୁଗସାଏପାଟଣା ଅଞ୍ଚଳରେ ଶୁକ୍ରବାର ଭୋର ସମୟରେ ଏସ୍‌ଓଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନମାନଙ୍କ ଗୁଳି ଚାଳନାର ସମ୍ମୁଖୀନ ହୋଇ ନ ପାରି ମାଓବାଦୀମାନେ ଘଟଣାସ୍ଥଳରୁ ଚାଲିଯାଇଥିଲେ। ଫେରାର ହୋଇଯାଇଥିବା ମାଓବାଦୀମାନଙ୍କ ମଧ୍ୟରେ କେତେକ ଗୁରୁତର ଆହତ ହୋଇଥିବା ପୋଲିସ କହିଛି। ତେବେ ଏହି ଘଟଣାରେ କାହାର ମୃତ୍ୟୁ ହୋଇ ନ ଥିବା ସ୍ଥାନୀୟ ପୋଲିସ ସୂତ୍ରରୁ ଜଣାପଡିଛି। ଯବାନମାନେ ସେଠାରୁ ଗୋଟିଏ କିଟ୍‌ବ୍ୟାଗ୍, ୱାଟର ଜାର୍, ମେଡିସିନ ବକ୍ସ, ଛୁରୀ, ଚପଲ, ପୋଷାକ, ମଶାରୀ ଆଦି ୧୫ ପ୍ରକାର ସାମଗ୍ରୀ ଜବତ କରିଛନ୍ତି।

# ଅର୍ଡର ଦେଲେ ଘରେ ପହଞ୍ଚିବ ରାଶନ



ବ୍ୟବସାୟ ପ୍ରତିଷ୍ଠାନ ସହ ପ୍ରଶାସନର ବୈଠକ।

| ପ୍ରତିଷ୍ଠାନ ନାମ | ଟେଲିଫୋନ୍ ନମ୍ବର |
|---|---|
| ଏସ୍‌ଏସ୍‌ମାର୍ଟ, ଶଙ୍କର ସିନେମା ରୋଡ୍ | ୯୪୩୯୪୧୫୨୧୧, ୭୦୦୮୨୮୮୨୧୧ |
| ଫୁଡ୍ ବଜାର, ଶଙ୍କର ସିନେମା ରୋଡ୍ | ୯୦୪୦୧୨୧୨୦୮, ୭୯୭୮୫୩୩୨୭୪ |
| ସ୍ୱାଇଁ ଟ୍ରେଡର୍ସ, ଡିଆଇସି ଛକ | ୮୧୪୪୮୯୭୦୩୧ |
| ମହେଶ ଅଗ୍ରୱାଲା ଷ୍ଟୋର, ବଜାର ଛକ | ୯୪୩୭୫୯୫୦୦୩, ୯୦୪୦୯୯୫୦୦୩ |
| ଅଗ୍ରୱାଲା ଷ୍ଟୋର, ଗାନ୍ଧୀମାର୍ଗ | ୯୫୮୩୧୪୬୧୫୭, ୯୫୮୩୬୬୨୬୯୨ |

**ଅନୁଗୋଳ ଅଫିସ, ୨୭।୩**

### ସହରର ୫ ବ୍ୟବସାୟ ଅନୁଷ୍ଠାନ ଦେବେ ହୋମ୍ ଡେଲିଭରି

ଲକ୍‌ଡାଉନ୍ ବେଳେ ବିଭିନ୍ନ ରାଶନ ସାମଗ୍ରୀ କିପରି ସହଜରେ ଲୋକଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବିଭିନ୍ନ ପାଇକାରୀ ବିକ୍ରେତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହୋମ୍ ଡେଲିଭରି ବ୍ୟବସ୍ଥା ଶନିବାର ଠାରୁ ଆରମ୍ଭ ହେବ। ୫ ଶହ ଟଙ୍କାରୁ ୧ ହଜାର ଟଙ୍କା ମଧ୍ୟରେ ସାମଗ୍ରୀ ମଗାଇଲେ ଡେଲିଭରି ଦେୟ ୨୦ ଟଙ୍କା ପଡ଼ିବ। ୫ ଶହ ଟଙ୍କାରୁ କମ୍ ମୂଲ୍ୟରେ ସାମଗ୍ରୀ ମଗାଯାଇପାରିବ ନାହିଁ। ୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ମଗାଇଲେ କୌଣସି ଡେଲିଭରି ଦେୟ ଦେବାକୁ ପଡ଼ିବ ନାହିଁ। ଜଣେ ଗ୍ରାହକ ଥରକେ ୧୦ କିଲୋଗ୍ରାମର ଚାଉଳ, ୧୦ କିଲୋଗ୍ରାମର ଅଟା ଓ ୨ କିଲୋଗ୍ରାମ ପରିମାଣର ଡାଲି ମଗାଇପାରିବେ। ସାମଗ୍ରୀ ପାଇଁ ଅନୁମତି ଦେବାର ୧୨ ଘଣ୍ଟା ମଧ୍ୟରେ ଘରେ ପହଞ୍ଚିବ। ଅନୁଗୋଳ ସହରର ୫ଟି ହୋମ୍ ଡେଲିଭରି ବିକ୍ରେତାଙ୍କୁ ଏହି କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସମେତ ବିଭିନ୍ନ ରାଶନ ବିକ୍ରେତାମାନେ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ମାର୍ଚ୍ଚ ୨୮/୨୦୨୦, Dhenkanal, Saturday, March 28 / 2020

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଆବେଦନ ତାରିଖ ଘୁଞ୍ଚିବ



**ଭୁବନେଶ୍ୱର, ୨୭।୩(କ୍ରୀଡ଼ା ପ୍ରତିନିଧି)**

କରୋନା ଭାଇରସ୍ ସଂକ୍ରମଣ ଏବେ ସାରା ବିଶ୍ୱରେ କାୟା ବିସ୍ତାର କରିଛି। ସଂକ୍ରମଣକୁ କିପରି ରୋକାଯାଇପାରିବ ଏବଂ ଏଥିରୁ କିପରି ରକ୍ଷା ମିଳିବ ତାହା ଏବେ ଚିନ୍ତାର ପ୍ରମୁଖ କାରଣ ପାଲଟିଛି। ଏହାର ପ୍ରଭାବରେ ଭାରତରେ ୧୮ ଜଣ ମୃତ୍ୟୁବରଣ କରିଥିବାବେଳେ ବିଶ୍ୱରେ ଏହି ସଂଖ୍ୟା ୨୩,୦୦୦ ଟପିଛି। ଏହି କାରଣରୁ ଟୋକିଓ ଅଲିମ୍ପିକ୍ସ, ୟୁରୋ କପ୍ ଫୁଟବଲ, କୋପା ଆମେରିକା ଫୁଟବଲ ଆଦି ଅନେକ ବଡ଼ କ୍ରୀଡ଼ା ପ୍ରତିଯୋଗିତା ସ୍ଥଗିତ ରହିଛି। ବିଶ୍ୱରେ କ୍ରୀଡ଼ା ଏବେ ସ୍ଥାଣୁ ଅବସ୍ଥାକୁ ଚାଲି ଆସିଛି। ତେଣୁ ସ୍ୱାଭାବିକଭାବେ ଓଡ଼ିଶାରେ ଏହାର ପ୍ରଭାବ ପଡ଼ିଛି। ଭାଇରସ୍ ସଂକ୍ରମଣକୁ କିପରି ରୋକାଯାଇପାରିବ ଏଥିପାଇଁ ସରକାରୀ କଳଠାରୁ ଆରମ୍ଭ କରି ସମସ୍ତେ ଉଦ୍ୟମକୁ ଜୋରଦାର କରିଛନ୍ତି। ଓଡ଼ିଶା କ୍ରୀଡ଼ା ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ସ୍ଥଗିତ କିମ୍ବା ବାତିଲ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ଆବେଦନ ତାରିଖ ମଧ୍ୟ ଘୁଞ୍ଚିବା ନିଶ୍ଚିତ ହୋଇଛି। ମିଳିଥିବା ସୂଚନା ଅନୁସାରେ ଏହା ମେ' ମାସ ଶେଷ ପର୍ଯ୍ୟନ୍ତ ଘୁଞ୍ଚିବା ସମ୍ଭାବନା ରହିଛି। ଗତ ଜାନୁୟାରୀ ୨୦ ତାରିଖରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ୨୦୧୯ ମସିହା କ୍ରୀଡ଼ା ପୁରସ୍କାର ପାଇଁ ଆବେଦନ ଶେଷ ତାରିଖ ମାର୍ଚ୍ଚ ୩୧କୁ ଧାର୍ଯ୍ୟ କରାଯାଇଥିଲା। ଦିନ ପାଖେଇ ଆସିଥିବାବେଳେ କଟକଣା ପାଇଁ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଅନେକ ଆଶାୟୀ ଆବେଦନ କରି ନ ପାରି ଚିନ୍ତାରେ ଅଛନ୍ତି। ତେବେ ଆବେଦନ ପାଇଁ ସମୟ ସୀମାକୁ ଘୁଞ୍ଚାଇବାକୁ ପଡ଼ିବ ବୋଲି ମତପ୍ରକାଶ କରିଛନ୍ତି କ୍ରୀଡ଼ା ସଚିବ ବିଶାଲ ଦେବ। ଏବେ ସମସ୍ତେ ଗୋଟିଏ କାମରେ ଲାଗିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଅନ୍ୟ କୌଣସି କଥା ଚିନ୍ତା କରିବା ସମ୍ଭବ ହେଉନି ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା କ୍ଷେତ୍ରକୁ ଆଜୀବନ ଅବଦାନ ପାଇଁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ, ଶ୍ରେଷ୍ଠ କ୍ରୀଡ଼ାବିତ୍, ଶ୍ରେଷ୍ଠ କୋଚ୍, ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ଏବଂ କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ଶ୍ରେଷ୍ଠ ଅନୁଷ୍ଠାନକୁ ପ୍ରତିବର୍ଷ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

# ସ୍ଥିତି ଉପରେ ନଜର

**ନୂଆଦିଲ୍ଲୀ, ୨୭।୩ (ପି.ଟି.)**

**ଆଇସିସି ବୋର୍ଡ ବୈଠକ**

- ଭାରତରୁ ଗାଙ୍ଗୁଲି ପ୍ରତିନିଧିତ୍ୱ କଲେ
- ଟୁର୍ଣ୍ଣାମେଣ୍ଟ ସ୍ଥାନ ଓ କାର୍ଯ୍ୟସୂଚୀ ପରିବର୍ତ୍ତନ ସମ୍ପର୍କରେ ନିଷ୍ପତ୍ତି ହୋଇନି
- ୨୦୧୯ ଫାଇନାନ୍ସିଆଲ ଅଡିଟ୍ ରିପୋର୍ଟ ଗୃହୀତ
- ସିରିଜ ସ୍ଥଗିତ ହେଲେ ପଏଣ୍ଟ ବାଣ୍ଟିବା ନିଷ୍ପତ୍ତି ନେବ ଟେକ୍ନିକାଲ କମିଟି




ସବୁଠାରୁ କ୍ଷମତାଶାଳୀ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ବୋର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ବସିଥିଲା। ଏହା ଟେଲିକନଫରେନ୍ସି ଜରିଆରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାରତ ତରଫରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ପୂର୍ବତନ ସଭାପତି ଭାଗନେବେ ବୋଲି ପ୍ରଥମେ ଶୁଣାଯାଉଥିଲା। ମାତ୍ର ବର୍ତ୍ତମାନର ସଭାପତି ସୌରଭ ଗାଙ୍ଗୁଲି ଏଥିରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ।

କୋଭିଡ୍-୧୯ କେବଳ କ୍ରିକେଟ ନୁହେଁ ବିଶ୍ୱର ସମସ୍ତପ୍ରକାର କ୍ରୀଡ଼ା କାର୍ଯ୍ୟକଳାପକୁ ନିସ୍ତେଜ କରିଦେଇଛି। ଏହି ପରିପ୍ରେକ୍ଷୀରେ ଟି୨୦ ବିଶ୍ୱକପ୍ ଓ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସମେତ ଆଇସିସି ଦ୍ୱାରା ପରିଚାଳିତ ଅନ୍ୟ ଟୁର୍ଣ୍ଣାମେଣ୍ଟଗୁଡ଼ିକ ଲାଗି ବିଭିନ୍ନ ଆକସ୍ମିକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା ଦୃଷ୍ଟିରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ବହୁ ଦ୍ୱିପାକ୍ଷିକ ଟେଷ୍ଟ ସିରିଜକୁ ଇତିମଧ୍ୟରେ ବାତିଲ କରିବାକୁ ହୋଇଛି। ବିଶ୍ୱ କ୍ରୀଡ଼ାରେ କରୋନା ଭାଇରସ୍‌ର ପ୍ରଭାବ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। କୋଭିଡ୍-୧୯ ମହାମାରୀର ଅଗ୍ରଗତି ଉପରେ ନିଜର ରଖାଯିବ। ପର୍ଯ୍ୟାୟକୁ ପର୍ଯ୍ୟାୟ ଅନୁଧ୍ୟାନ କରି ଆକସ୍ମିକ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ଶାହାନେ ପ୍ରକାଶ କରିଛନ୍ତି। ବୈଠକରେ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ କିମ୍ବା ସ୍ଥାନ ପରିବର୍ତ୍ତନ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। କରୋନା ଭାଇରସ୍ ସମ୍ପର୍କିତ ଦୃଶ୍ୟପଟ୍ଟକୁ ଭିତ୍ତିକରି ଆଇସିସି ଇଭେଣ୍ଟଗୁଡ଼ିକ ସମ୍ପର୍କରେ ଆଇସିସି ମ୍ୟାନେଜମେଣ୍ଟ ସଦସ୍ୟମାନଙ୍କ ମତାମତକୁ ନେଇ ତୁରନ୍ତ ପଦକ୍ଷେପ ନେବ। ଇଂଲଣ୍ଡ ଆଗକୁ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଘରୋଇ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ଯଦି ଏହା ସମ୍ଭବପର ନୁହେଁ ତେବେ ପଏଣ୍ଟ କିପରି ବଣ୍ଟାଯିବ ବୋଲି ବୋର୍ଡର ଜଣେ ସଦସ୍ୟ ପ୍ରଶ୍ନ କରିବାରୁ ଶାହାନେ କହିଥିଲେ। ଏ ବିଷୟରେ ନିଷ୍ପତ୍ତି ଟେକ୍ନିକାଲ କମିଟି ନେବ। ସହମତି ଭିତ୍ତିରେ ଏହି ସମସ୍ୟାର ସମାଧାନ କରାଯାଇ ପାରେ। ବୋର୍ଡର କେତେଜଣ ସଦସ୍ୟ କହିଥିଲେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଅକ୍ଟୋବରରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଏହା ପ୍ରତି ବିପଦ ଥିବା ଭଳି ମନେ ହେଉ ନାହିଁ। କାରଣ ଆହୁରି ଅନେକ ଦିନ ବାକି ରହିଛି। ଜୁନ୍‌ରେ ଯଦି ପରିସ୍ଥିତି ନିୟନ୍ତ୍ରଣକୁ ଚାଲି ଆସେ ତେବେ ବିଭିନ୍ନ ପ୍ରସ୍ତାବକୁ ବିଚାର କରି ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଜଣେ ସିନିୟର ଅଫିସିଆଲ କହିଛନ୍ତି। ବୋର୍ଡ ବୈଠକରେ ୨୦୧୯ ଫାଇନାନ୍ସିଆଲ ଅଡିଟ୍ ରିପୋର୍ଟ ଏବଂ ୨୦୧୯ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ଏବଂ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ କ୍ୱାଲିଫାୟର ୨୦୧୯ର ଚୂଡ଼ାନ୍ତ ହିସାବପତ୍ର ଗୃହୀତ ହୋଇଥିଲା। ପରିଶେଷରେ ମହିଳା ଟି୨୦ ବିଶ୍ୱକପ୍ ସଫଳତାର ସହିତ ଆୟୋଜନ କରିପାରିଥିବାରୁ ଟୁର୍ଣ୍ଣାମେଣ୍ଟର ଆୟୋଜକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ୫୦ ଲକ୍ଷ ଟଙ୍କା ଦାନ କଲେ ସଚିନ

**ନୂଆଦିଲ୍ଲୀ,୨୭।୩(ପି.ଟି.)**

କୋଭିଡ-୧୯ ସଂକ୍ରମଣକୁ ରୋକିବା ତଥା କରୋନା ଭାଇରସ ବିରୋଧରେ ଲଢେଇ ପାଇଁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ୫୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥକୁ ସଚିନ ସମାନ ଦୁଇଭାଗରେ ବିଭକ୍ତ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି।

ସଚିନଙ୍କ ଏହି ଆର୍ଥିକ ସହାୟତା ଭାରତୀୟ ତାରକା କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ସର୍ବାଧିକ ପରିମାଣର ସାବ୍ୟସ୍ତ ହୋଇଛି। ଏହି ମହାମାରୀକୁ ରୋକିବା ପାଇଁ ଅନ୍ୟ କ୍ରୀଡ଼ାବିତ୍‌ମାନେ ସେମାନଙ୍କ ଦରମା ଓ ଆଉ କେତେଜଣ ଚିକିତ୍ସା ଉପକରଣ ପ୍ରଦାନ କରିଛନ୍ତି। ଉଲ୍ଲେଖଥାଉ କି, ସଚିନ ପୂର୍ବରୁ ବିଭିନ୍ନ ଚ୍ୟାରିଟି ତଥା ସମାଜମଙ୍ଗଳ କାର୍ଯ୍ୟକ୍ରମରେ ଜଡିତ ରହିଆସିଛନ୍ତି। ସେ ଅନେକ ବାର ବିଭିନ୍ନ ସାମାଜିକ ସମସ୍ୟାରେ ଲୋକଙ୍କୁ ସହାୟତା କରିଆସିଛନ୍ତି। ତେବେ ଏ ସବୁକୁ ସେ କେବେ ଜନସାଧରଣଙ୍କ ନଜରକୁ ଆଣିନାହାନ୍ତି। ସେହିପରି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପୁଣେ ପର୍ଯ୍ୟବସିତ ଏକ ଏନ୍‌ଜିଓ ମାଧ୍ୟମରେ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପୂର୍ବରୁ ଇର୍ଫାନ ଓ ୟୁସୁଫ୍ ପଠାନ ଲୋକଙ୍କ ପାଇଁ ବରୋଦା ପୋଲିସ୍ ଓ ସ୍ୱାସ୍ଥ୍ୟ ବିଭାଗକୁ ୪,୦୦୦ ମାସ୍କ ପ୍ରଦାନ କରିଥିଲେ। ଅନ୍ୟ ଆଥଲେଟମାନଙ୍କ ମଧ୍ୟରେ ରେସଲର ବଜରଙ୍ଗ୍ ପୁନିଆ, ମହିଳା ସ୍ପ୍ରିଣ୍ଟର ହିମା ଦାସ ମଧ୍ୟ କରୋନା ଭାଇରସ ବିପକ୍ଷ ଲଢେଇ ପାଇଁ ସେମାନଙ୍କ ଦରମା ଦାନ କରିଛନ୍ତି। କୋଭିଡ-୧୯ ପାଇଁ ସାରା ଦେଶରେ କେନ୍ଦ୍ର ସରକାର ୨୧ ଦିନର ଲକ୍ ଡାଉନ ଜାରି କରିଛନ୍ତି।


**ଚତୁର୍ଥ ଜନ୍ମବାର୍ଷିକ ଶୁଭେଚ୍ଛା**



(ଇଶାନ୍)

**ଅଭ୍‌ନୀଶ ପରିଡ଼ା**

ଆଜି ତୋର ଚତୁର୍ଥ ଜନ୍ମବାର୍ଷିକ ଶୁଭ ଅବସରରେ ସକଳ ସୁଖ, ସମୃଦ୍ଧି, ମଙ୍ଗଳ ଓ ଯଶସ୍ୱୀ ପାଇଁ ମହାପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**-:ଶୁଭେଚ୍ଛା ସହ:-**

ବାପା, ମା', ପାପା, ମାମା, ଅଜା, ଆଇ, ମାମୁ, ମାଇଁ, ପିଉସୀ ମା', କାହ୍ନା ଭାଇ, କ୍ରୀଷ୍ ଭାଇ।

ଧ-୧୭୨୫୧


# ସଚେତନ କରାଇଲେ ବିରାଟ କୋହଲି

**ନୂଆଦିଲ୍ଲୀ, ୨୭।୩**



କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର କରିଥିବା ଲକ୍‌ଡାଉନ ନିୟମକୁ ନେଇ ଲୋକମାନେ ଯେପରି ଦୃଷ୍ଟିଭଙ୍ଗୀ ଦେଖାଉଛନ୍ତି ସେଥିରେ ସନ୍ତୁଷ୍ଟ ନୁହନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ସଂକ୍ରମଣକୁ ରୋକାବା ପାଇଁ ସରକାରଙ୍କ ନିର୍ଦ୍ଦେଶାବଳୀକୁ ମାନିବାକୁ ସେ ଲୋକମାନଙ୍କୁ ଆହ୍ୱାନ କରିଛନ୍ତି। ନିଜ ଟୁଇଟର ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି କୋହଲି କହିଛନ୍ତି ଯେ, କୋଭିଡ୍-୧୯ ବିରୋଧରେ ଲଢ଼େଇ ସହଜ ନୁହେଁ। ଲୋକମାନେ କର୍ଫ୍ୟୁ ଓ ଲକ୍‌ଡାଉନ୍ ନିୟମକୁ ନ ମାନି ଗଳିକନ୍ଦିରେ ଯେପରି ଏକାଠି ହେଉଛନ୍ତି ସେଥିରେ ମୁଁ ଆଦୌ ସନ୍ତୁଷ୍ଟ ନୁହେଁ। ଅନ୍ୟପକ୍ଷରେ ଏହି ରୋଗ ବିରୋଧରେ ଅକ୍ଳାନ୍ତ ଲଢ଼େଇ ଜାରି ରଖିଥିବାରୁ ସରକାର ଏବଂ ଡାକ୍ତରୀ ବିଶେଷଜ୍ଞଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିରାଟ।


ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

Help us to help you



**ନୋଭେଲ କରୋନାଭାଇରସ୍ (COVID-19)**

**କୋଭିଡ-19 ପରୀକ୍ଷଣ - କେବେ ଓ କେମିତି ?**

**ସମସ୍ତ ବ୍ୟକ୍ତିବିଶେଷଙ୍କୁ ପରୀକ୍ଷା କରାଯିବା ଆବଶ୍ୟକ ନୁହେଁ,** କାରଣ
ଏହି ରୋଗ ମୁଖ୍ୟତଃ ପ୍ରଭାବିତ ଦେଶଗୁଡ଼ିକୁ ଭ୍ରମଣ କରିଥିବା ବ୍ୟକ୍ତି କିମ୍ବା ସଂକ୍ରମିତ ବ୍ୟକ୍ତିଙ୍କ ନିକଟ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କଠାରେ ଘଟୁଥିବାର ରିପୋର୍ଟ ମିଳିଛି

**କେଉଁମାନଙ୍କର ପରୀକ୍ଷା କରାଯିବ**

**ସମସ୍ତ ଲକ୍ଷଣଧାରୀ ବ୍ୟକ୍ତି ଯେଉଁମାନେ**
- ବିଗତ ୧୪ ଦିନରେ ଅନ୍ତର୍ଜାତୀୟ ଭ୍ରମଣ କରିଥିବେ
- ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବେ
- ସ୍ୱାସ୍ଥ୍ୟକର୍ମୀ ହୋଇଥିବେ
- ସିଭିୟର୍ ଆକ୍ୟୁଟ୍ ରେସ୍‌ପିରେଟୋରୀ ଅସୁସ୍ଥତା (ଏସ୍‌ଏଆର୍‌ଆଇ) କିମ୍ବା ଇନ୍‌ଫ୍ଲୁଏଞ୍ଜା ଭଳି ଅସୁସ୍ଥତା (ଆଇଏଲ୍‌ଆଇ) କିମ୍ବା ଉତ୍କଟ ନିମୋନିଆ କାରଣରୁ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ରୋଗୀ।

**ଏପରି ଲକ୍ଷଣବିହୀନ ବ୍ୟକ୍ତି ଯିଏ କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ଏବଂ ଉଚ୍ଚ ଆଶଙ୍କାପୂର୍ଣ୍ଣ ସଂସ୍ପର୍ଶରେ ଆସିଥିବେ, ସେମାନଙ୍କ ପରୀକ୍ଷଣ ପ୍ରଥମ ସଂସ୍ପର୍ଶରେ ଆସିବାର ୫ମ ଦିନ ଓ ୧୪ ଦିନ ମଧ୍ୟରେ କରାଯିବା ଆବଶ୍ୟକ । ପ୍ରତ୍ୟକ୍ଷ ଓ ଉଚ୍ଚ ଆଶଙ୍କାପୂର୍ଣ୍ଣ ସଂସ୍ପର୍ଶ ହେଉଛି:**
- ସଂକ୍ରମିତ ବ୍ୟକ୍ତିଙ୍କ ସହିତ ଗୋଟିଏ ଘରେ ରହିବା।
- ସ୍ୱାସ୍ଥ୍ୟକର୍ମୀ ଯେଉଁମାନେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁ.ଏଚ୍.ଓ.) ଦ୍ୱାରା ପ୍ରମାଣିତ ପର୍ଯ୍ୟାପ୍ତ ସୁରକ୍ଷା ମାନକ ବିନା କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ଯାଞ୍ଚ କରିଥିବେ ।

**ପରୀକ୍ଷା ପାଇଁ ସରକାରୀ ଏବଂ ଘରୋଇ ପରୀକ୍ଷାଗାରଗୁଡ଼ିକର ତାଲିକା ୱେବ୍‌ସାଇଟ୍: icmr.nic.in ରେ ଉପଲବ୍ଧ**

davp 17102/13/0031/1920

ଅଧିକ ସୂଚନା ପାଇଁ ରାଜ୍ୟ ହେଲ୍‌ପଲାଇନ୍ ନମ୍ବର କିମ୍ବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ 24x7 କଣ୍ଟ୍ରୋଲ ରୁମ୍ ନମ୍ବରକୁ କଲ୍ କରନ୍ତୁ

**1075 (ଟୋଲ୍ ଫ୍ରି) | +91-11-2397 8046**
ଇମେଲ୍ କରନ୍ତୁ: ncov2019@gov.in, ncov2019@gmail.com

mohfw.gov.in | @MoHFWIndia | @MoHFW_INDIA | mohfwindia


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ